52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 44/ Issue : 105 | Brahmapur | Friday 29 May 2026 | ବର୍ଷ: ୪୫/ ଅଙ୍କ: ୧୦୫ | ଶୁକ୍ରବାର ୨୯ ମଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


## ଭିଭିଆଇପି ଗସ୍ତ ସୂଚନା ପ୍ରସାର କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର: ଭିଭିଆଇପି ଓ ଭିଆଇପିଙ୍କ ଗସ୍ତ ସମୟରେ ସୁରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ବିଭିନ୍ନ ସମାଜିକ ଗଣମାଧ୍ୟମ ଜରିଆରେ ଅନଧିକାର ଭାବେ ପ୍ରଚାରପ୍ରସାର ହେଉଛି। ଏଣୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସୁରକ୍ଷା ବିପଦଗ୍ରସ୍ତ ହେଉଛି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି କଟକଣା ଜାରି କରିଛନ୍ତି।

ଏହି ମର୍ମରେ, ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି, ଡିଜି ଓ ଆଇଜି ଅଫ୍ ପୁଲିସ୍ ସହ ଗୁପ୍ତଚର ବିଭାଗକୁ ଏହି ନିର୍ଦ୍ଦେଶ ପଠାଯାଇଛି। ଭିଭିଆଇପିଙ୍କ ମିନିଟ୍-ଟୁ-ମିନିଟ୍ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା ଓ ଅପରେସନାଲ ତଥ୍ୟ ଅନଧିକୃତ ଭାବେ ସେୟାର୍ ହେଲେ ଗୁରୁତର ସୁରକ୍ଷା ଝୁମ୍ପ ସୃଷ୍ଟି ହେବ ବୋଲି ସରକାର ସଚେତନ କରିଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ୨୪ ନଭେମ୍ବର ୨୦୨୫ ର ଚିଠିକୁ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତ କିଛି ବର୍ଷ ଧରି ଭିଆଇପି ଗସ୍ତ ସମ୍ବନ୍ଧୀୟ ସୂଚନା ସୋସିଆଲ ମିଡିଆ ଓ ବ୍ୟକ୍ତିଗତ ମେସେଜିଂ ଆପ୍ ମାଧ୍ୟମରେ ଲିକ୍ ହେବାର ଅନେକ ଘଟଣା ସାମ୍ନାକୁ ଆସିଛି। ଏହା ଫଳରେ ସେହି ସୂଚନା ମିଡିଆ ଓ ଅନଧିକୃତ ବ୍ୟକ୍ତିଙ୍କ ହାତକୁ ପହଞ୍ଚୁଥିବାରୁ ସୁରକ୍ଷା ବିପଦ ବଢ଼ୁଛି। ନୂତନ ନିର୍ଦ୍ଦେଶାବଳୀ ଅନୁସାରେ ଭିଭିଆଇପିଙ୍କ ଗସ୍ତ ସମ୍ବନ୍ଧୀୟ ସୂଚନା କେବଳ ଅଧିକୃତ ଅଧିକାରୀଙ୍କ ସହ ଯେତିକି ଆବଶ୍ୟକ ସେତିକି ('ନିଡ୍-ଟୁ-ନୋ') ଆଧାରରେ ମାତ୍ର ସେୟାର୍ କରାଯିବ। ମିନିଟ୍-ଟୁ-ମିନିଟ୍ ପ୍ରୋଗ୍ରାମ, ସୁରକ୍ଷା ବ୍ୟବସ୍ଥା, ରୁଟ୍ ଚାର୍ଟ ଓ ଅନ୍ୟାନ୍ୟ ଅପରେସନାଲ ତଥ୍ୟ ସାଧାରଣ ମେସେଜିଂ ପ୍ଲାଟଫର୍ମ କିମ୍ବା ସୋସିଆଲ ମିଡିଆରେ ସେୟାର୍ କରିବାକୁ ସଂପୂର୍ଣ୍ଣ ମନା କରାଯାଇଛି। ରାଜ୍ୟ ପୁଲିସ୍‌କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ କମ୍ୟୁନିକେସନ୍ ନେଟୱର୍କ ବ୍ୟବହାର କରିବାକୁ ମଧ୍ୟ କୁହାଯାଇଛି।

ପତ୍ରରେ ଏହା ମଧ୍ୟ ଉଲ୍ଲେଖ ହୋଇଛି ଯେ, ବେସରକାରୀ ମେସେଜିଂ ସର୍ଭିସ୍ ମାଧ୍ୟମରେ ତଥ୍ୟ ପଠାଇବାରେ ତଥ୍ୟ ଚୋରି କିମ୍ବା ଲିକ୍ ହେବାର ସମ୍ଭାବନା ଅଧିକ। ତେଣୁ ସମସ୍ତ ବିଭାଗ ଓ ସୁରକ୍ଷା ସଂସ୍ଥାକୁ ଏନେଇ ସଚେତନ ରହିବାକୁ କୁହାଯାଇଛି। ଏହାସହ ଭିଭିଆଇପି ଗସ୍ତ ସମ୍ବନ୍ଧୀୟ ସୂଚନା ପରିଚାଳନା ପାଇଁ ସ୍ପଷ୍ଟ ଏସଓପି ପ୍ରସ୍ତୁତ କରି କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରାଳୟ ପତ୍ରରେ ବରିଷ୍ଠ ଅଧିକାରୀମାନଙ୍କୁ ନିମ୍ନସ୍ତରୀୟ କର୍ମଚାରୀଙ୍କୁ ସୁରକ୍ଷା ସଚେତନତା ନେଇ କରିବାକୁ କୁହାଯାଇଛି। ପ୍ରତ୍ୟେକ ଭିଭିଆଇପି ଗସ୍ତ ପୂର୍ବରୁ ସୁରକ୍ଷା ସମ୍ବନ୍ଧୀୟ ଗୋପନୀୟତା ରକ୍ଷା ପାଇଁ ପୁନର୍ବାର ବ୍ରିଫିଂ ଦେବାକୁ ନିର୍ଦ୍ଦେଶ ରହିଛି। ବିଶେଷ କରି ପାକିସ୍ତାନୀ ଗୁପ୍ତଚର ସଂସ୍ଥା ସହ ଶତ୍ରୁମାନେ ଭିନ୍ନ ପରିଚୟ ଦେଇ ସମ୍ବେଦନଶୀଳ ସୂଚନା ହାସଲ କରିବାର ଚେଷ୍ଟା କରୁଥିବା ଉଲ୍ଲେଖ କରି ସତର୍କ ରହିବାକୁ କୁହାଯାଇଛି। ଆଦେଶରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ସୂଚନା ଲିକ୍ ହେଲେ ତାହାର ଉତ୍ସ ଖୋଜିବା ପାଇଁ ତୁରନ୍ତ ତଦନ୍ତ କରାଯିବ ଓ ଦାୟୀ କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ରୋକିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି।

## ଆମେରିକା ଏୟାର ବେସ୍ ଉପରେ ଇରାନ୍‌ର ଆକ୍ରମଣ

ନୂଆଦିଲ୍ଲୀ, ୨୮।୫: ପୁଣି ଥରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇ ଥିବାରୁ ଏବେ ଆକ୍ରମଣ ଓ ପ୍ରତି ଆକ୍ରମଣ ଆରମ୍ଭ ହୋଇ ଯାଇଛି। ଇରାନର ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) ପକ୍ଷରୁ ଆମେରିକା ଗୋଟିଏ ଏୟାର ବେସ୍ ଉପରେ କରାଯାଇଛି ହମଲା।

ସ୍ଥାନୀୟ ସମୟ ଭୋର ୪.୫୦ରେ ଆଇଆରଜିସି ଏପରି ଆକ୍ରମଣ କରିଥିବା କହିଛି। ଏହାପୂର୍ବରୁ ଆମେରିକା ସେନା ଇରାନର ବନ୍ଦର ଆବାସ ଏୟାରପୋର୍ଟ ନିକଟରେ ଆକ୍ରମଣ କରିଥିଲେ। ଏହାର ବଦଳା ନେବାକୁ ଆଇଆରଜିସି ଆମେରିକା ବେସ୍‌କୁ ଟାର୍ଗେଟ କରିଛି।ଇରାନୀୟ ଗଣମାଧ୍ୟମରେ ଆକ୍ରମଣର ଖବର ପ୍ରକାଶ



ପାଇଛି। କିନ୍ତୁ ଆମେରିକାର କେଉଁ ଏୟାର ବେସ୍‌କୁ ଟାର୍ଗେଟ କରାଯାଇଛି, ସେକଥା କୁହାଯାଇ ନାହିଁ। ସେହିପରି ଯଦି ଆମେରିକା ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିବା ଜାରି ରଖିବ, ତା'ହେଲେ ଏହାର ଜବାବ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ଦିଆଯିବ ବୋଲି ଇରାନ ଚେତାବାନୀ ଦେଇଛି। ଏହାର କିଛି ଘଣ୍ଟା ପୂର୍ବରୁ ଷ୍ଟ୍ରେଟ ଅଫ ହର୍ମୁଜ ନିକଟରେ ଇରାନୀୟ ଡ୍ରୋନ ଅପରେସନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଆମେରିକୀୟ ଅଧିକାରୀମାନେ କହିଥିଲେ। ରୟଟର୍ସର ରିପୋର୍ଟରେ କୁହାଯାଇଛି ଯେ ଆମେରିକା ସୈନ୍ୟ ବାହିନୀ ଇରାନର ୪ଟି ଆଟାକ ଡ୍ରୋନକୁ ଖସାଇ ଦେଇଛନ୍ତି। ଏହି ଡ୍ରୋନଗୁଡ଼ିକୁ ଇରାନ ହର୍ମୁଜରେ ଆମେରିକା ସୈନ୍ୟ ଓ ବ୍ୟବସାୟିକ ଶିପଗୁଡ଼ିକୁ ଭୟଭୀତ କରିବାକୁ ବ୍ୟବହାର କରୁଥିଲା।

ସେହିପରି ବନ୍ଦର ଆବାସ ନିକଟରେ ଡ୍ରୋନକୁ ନିୟନ୍ତ୍ରଣ କରିବାକୁ ଥିବା ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନକୁ ମଧ୍ୟ ଆମେରିକା ଧ୍ୱଂସ କରିଥିଲା। ଅପରେସନ ସୀମିତ ଓ ରକ୍ଷାଣତ୍ମକ ରହିଥିଲା। ଏବେ ବି ଆମେରିକା ଏପ୍ରିଲ ମାସରେ ଲାଗୁ ହୋଇଥିବା ଯୁଦ୍ଧ ବିରତି ସହ ଏକମତ ରହିଥିବା ମଧ୍ୟ ୱାଶିଂଟନ କହିଥିଲା। ତଥାପି ଏହି ହମଲାର ଜବାବ ଦେବାକୁ ଇରାନ ପଛାଇ ନାହିଁ। ଇରାନ ପକ୍ଷରୁ ଆମେରିକା ବେସ୍‌କୁ ଟାର୍ଗେଟ କରାଯାଇଥିବା ତେହରାନ ଦାବି କରିଛି।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିଦ୍ଧରମୟା

ନୂଆଦିଲ୍ଲୀ, ୨୮।୫ : ଆଜି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ସିଦ୍ଧରମୟା । ମୁଖ୍ୟପନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସିଦ୍ଧରମୈୟାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ ହାଇକମାଣ୍ଡ କହିବାରୁ ସେ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ସେ ସକ୍ରିୟ ରାଜନୀତିରୁ ଦୂରେଇବେ ନାହିଁ କିମ୍ବା ଜାତୀୟ ରାଜନୀତିରେ ତାଙ୍କର କୌଣସି ରୁଚି ନାହିଁ। ସେ ରାଜ୍ୟ ରାଜନୀତିରେ କାମ କରିବେ ବୋଲି ସିଦ୍ଧରମୈୟା କହିଛନ୍ତି। ରିପୋର୍ଟରଙ୍କୁ ପ୍ରତିକ୍ରିୟା ଦେଇ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ ତାଙ୍କୁ ରାଜ୍ୟସଭା ଅଫର କରାଯାଉଥିଲା। ସେ କିନ୍ତୁ ରାଜ୍ୟ ରାଜନୀତିରେ ରହିବାକୁ ଚାହାଁନ୍ତି। ଏଥିପାଇଁ ସେ ରାଜ୍ୟସଭା ଅଫରକୁ ପ୍ରତ୍ୟାଖାନ କରିଛନ୍ତି ବୋଲି ସିଦ୍ଧରମୈୟା କହିଛନ୍ତି। "ମୋତେ ରାଜ୍ୟସଭା ଯିବାକୁ ପଚରାଯାଇଥିଲା। କିନ୍ତୁ ମୁଁ ବିନମ୍ରତାର ସହ ମନା କରିଦେଇଥିଲି। ମୋର ରାଜ୍ୟ ରାଜନୀତିରେ ଆଗ୍ରହ ରହିଛି। ଲୋକେ ମୋତେ ୫ ବର୍ଷ ପାଇଁ ନିର୍ବାଚିତ କରିଛନ୍ତି। ତେଣୁ ମୋ ହାତରେ ଆଉ ଦୁଇ ବର୍ଷ ସମୟ ଅଛି। ତେଣୁ ମୁଁ ଏଠାରେ ରହିବି। "ଦିଲ୍ଲୀରେ କଂଗ୍ରେସ ବୈଠକ ହେବା ପରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଓ ସେ ରାଜ୍ୟସଭା ସାଂସଦ ହୋଇ ଦିଲ୍ଲୀ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ବରିଷ୍ଠ ନେତାଙ୍କ ବୟାନ ପରେ ଏହି ଅନୁମାନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କର୍ଣ୍ଣାଟକରେ କଂଗ୍ରେସ ସରକାରର କ୍ଷମତା ଭାଗବଣ୍ଟା ଫର୍ମୁଲା ଅନୁଯାୟୀ ମୁଖ୍ୟମନ୍ତ୍ରୀ ପଦ ବଦଳିବା ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚା ଚାଲିଛି।



## ଜିଲ୍ଲା ପରିଷଦ ମହିଳା ଶୌଚାଳୟରେ ସ୍ପାଇ କ୍ୟାମେରା, ଆତଙ୍କିତ ମହିଳା ସଭ୍ୟା

ଜଗତସିଂହପୁର, ୨୮।୫ (ଆନିସ): ଜଗତସିଂହପୁର ଜିଲ୍ଲା ପରିଷଦରେ ମହିଳା ସଭ୍ୟା ମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଶୌଚାଳୟରେ ସ୍ପାଇ କ୍ୟାମେରା ଲାଗିବା ପ୍ରସଙ୍ଗକୁ ନେଇ ଜିଲ୍ଲା ପରିଷଦ ମହିଳା ସଭ୍ୟା ମାନେ ଆତଙ୍କିତ ହୋଇପଡିଛନ୍ତି।

ଏ ପ୍ରସଙ୍ଗରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ କୁହନ୍ତି ଯେ ମହିଳା ସଭ୍ୟା ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶୌଚାଳୟରେ କିଏ ଓ କାହିଁକି ଏଭଳି ସ୍ପାଇ କ୍ୟାମେରା ଲଗାଇଛି ସେ ପ୍ରସଙ୍ଗରେ ତଦନ୍ତ ପାଇଁ ପୋଲିସରେ ଏତଲା ହୋଇଛି ଖୁବଶୀଘ୍ର ଅପରାଧୀ ଧରାପଡିବ। ତେବେ ଏଭଳି ଏକ ହୀନ ଚକ୍ରାନ୍ତ କିଏ ଓ କାହିଁକି କରିଛି ତାହା ସ୍ପଷ୍ଟ ହୋଇନାହିଁ। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଭିତରେ ଏଭଳି ସ୍ପାଇ କ୍ୟାମେରା କାହା ଅନୁମତି ନେଇ ଲାଗିଛି ତାହା ତଦନ୍ତ ସାପେକ୍ଷ। ମିଳିଥିବା ସୂଚନା ଅନୁସାରେ ଜଣେ ମହିଳା କର୍ମଚାରୀ ଶୌଚାଳୟକୁ ଯାଇଥିବା ସମୟରେ ଏକ ଗୁପ୍ତ କ୍ୟାମେରା ତଳେ ଖସି ପଡିଥିବାର ଦେଖିବାକୁ ମିଳିଥିଲା। ସେ ସମ୍ପର୍କରେ ମହିଳା ଜଣକ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇବା ପରେ ପୋଲିସରେ ଏତଲା ଦିଆଯାଇଛି ଓ ତଦନ୍ତ ଆରମ୍ଭ ହୋଇଛି।

ତଦନ୍ତ କାରୀ ଅଧିକାରୀ କୁହନ୍ତି ଯେ କ୍ୟାମେରାଟି ସିଜି ହୋଇଛି ଓ ତରବରିଆ ଭାବେ ଖଞ୍ଜା ଯାଇଥିବାରୁ କ୍ୟାମେରାଟି ଖସି ପଡିଛି। ସ୍ପାଇ କ୍ୟାମେରାର ତଦନ୍ତ ଆରମ୍ଭ ହେବ ଓ ସେଥିରେ କଣ ରେକଡ଼ିଂ ହୋଇଛି ତାହା ସ୍ପଷ୍ଟ ହେବ। ତେବେ ଏହି କ୍ୟାମେରା ସେକ୍ସ କାର୍ଯ୍ୟ ପାଇଁ ଲାଗିଥିଲା ବା ଲାଞ୍ଚ କାରବାର ପାଇଁ ଲାଗିଥିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ଆଜି ଗୁରୁବାର ଛୁଟି ଥିବାରୁ ତଦନ୍ତର ଅଗ୍ରଗତି ହୋଇପାରିନାହିଁ। ଆଗାମୀ ଦିନରେ ସ୍ପାଇ କ୍ୟାମେରା ସମ୍ପର୍କରେ ସଠିକ ତଥ୍ୟ ମିଳିପାରିବା ସହିତ ଘଟଣାରେ ଜଡିତ ଥିବା ବ୍ୟକ୍ତି ମାନେ ଦଣ୍ଡିତ ହେବେ।

ପୂରା କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ମହିଳା ବାଥରୁମକୁ କେହି ପୁରୁଷ ପ୍ରବେଶ କରିଛନ୍ତି କି ତାକୁ ନେଇ ଯାଞ୍ଚ କରାଯାଉଛି। ଯଦି କେହି ପୁରୁଷ ପ୍ରବେଶ କରି ନ ଥିବେ ତାହେଲେ ତଦନ୍ତ ପ୍ରକ୍ରିୟା ଟିକେ ଲମ୍ବା ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ଏହି ଘଟଣାକୁ ନେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ କମ୍ପନ ସୃଷ୍ଟି ହୋଇଛି।

## ଓଡ଼ିଶାରେ ଚାଲିବ ଇଭି ବୋଟ୍

**ପ୍ରଥମ ପର୍ଯ୍ୟାୟରେ ୫ ସ୍ଥାନରେ ହେବ ବ୍ୟବସ୍ଥା**

ଭୁବନେଶ୍ୱର,୨୮।୫: ଓଡ଼ିଶାରେ ଚାଲିବ ଇଭି ବୋଟ୍ । ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାନରେ ହେବ ବ୍ୟବସ୍ଥା । ପାରମ୍ପରିକ ଓ ଡିଜେଲ ବୋଟ୍ ବଦଳରେ ଚାଲିବ ପରିବେଶ ଅନୁକୂଳ ବୈଦ୍ୟୁତିକ ବୋଟ୍ । କୋଲାବ, ହୀରାକୁଦ, ଭିତରକନିକା ଓ ବରକୁଳ ପାଇଁ ଆହ୍ୱାନ ହେଲା ଟେଣ୍ଡର । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ, ଖୁବଶୀଘ୍ର ମିଳିବ ସୁବିଧା ।ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ । ଏଣିକି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ଚାଲିବ ପରିବେଶ ଅନୁକୂଳ ଇଭି ବୋଟ୍ ବା ବୈଦ୍ୟୁତିକ ଡଙ୍ଗା । ବର୍ତ୍ତମାନର ତେଲ ସଙ୍କଟ ଏବଂ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ସ୍ଥାନରେ ଥିବା ପାରମ୍ପରିକ କିମ୍ବା ଡିଜେଲ୍ ବୋଟ୍‌କୁ ବଦଳାଇ ଇଭି ବୋଟ୍‌ରେ ପରିଣତ କରାଯିବ । ଏଥିପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି । କୋରାପୁଟର କୋଲାବ ପାଇଁ ୩୦ ଆସନ ବିଶିଷ୍ଟ ବୋଟ୍ ଆସିବ । ସମ୍ବଲପୁରର ହୀରାକୁଦ ପାଇଁ ୨ଟି ସ୍ଥାନରେ ଯଥାକ୍ରମେ ୨୦ ଓ ୧୦ ଆସନ ବିଶିଷ୍ଟ ବୋଟ୍ ଚାଲିବ । କେନ୍ଦ୍ରାପଡ଼ାର ଭିତରକନିକା ପାଇଁ ୨୦ ଆସନ ଏବଂ ଖୋର୍ଦ୍ଧା ଚିଲିକାର ବରକୁଳ ପାଇଁ ୮ ଆସନ ବିଶିଷ୍ଟ ବିଳାସପୂର୍ଣ୍ଣ ବୋଟ୍ରେ ବ୍ୟବସ୍ଥା କରାଯାଉଛି । ସବୁଠାରୁ ବଡ଼ କଥା ହେଲା, ପର୍ଯ୍ୟଟକଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବୋଟ୍ ଗୁଡ଼ିକରେ ଇଭି ସହିତ ସୋଲାର ତଥା ସୌରଶକ୍ତି ଏବଂ ସିଏନଜି ବ୍ୟବହାରର ମଧ୍ୟ ସୁବିଧା ରହିବ ।

## ଅଧୁରା ରହିଲା ତାରିଣୀ ଦର୍ଶନ//////
## ପୋଲ ତଳକୁ କାର୍ ଖସି ଦୁଇ ମୃତ

କେନ୍ଦୁଝର, ୨୮।୫: ମା' ତାରିଣୀଙ୍କ ଦର୍ଶନ ଅଧୁରା ରହିଯାଇଛି। ଘଟଗାଁ ଅଭିମୁଖେ ବାହାରିଥିବା କାର ଅଧବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୁରୁରତ ଭାବେ ଉଦ୍ଧାର କରାଯାଇଛି। ସେମାନଙ୍କର ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେନ୍ଦୁଝରଜିଲ୍ଲା ଦୈତାରୀ ଥାନା ଅଧିନ ରାଶୋଳ ପଞ୍ଚାୟତ କୁଶୋଇ ନଦୀ ପୋଲ ଉପରେ ଆଜି ଏହି ଦୁର୍ଘଟଣା ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ମୃତାହତମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଢେଙ୍କାନାଳ ଟାଉନର ୪ଜଣ ଯୁବକ ଆଜି ପୂର୍ବାହ୍ଣରେ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ଦର୍ଶନ ପାଇଁ ବାହାରିଥିଲେ। ସେମାନେ ଏକ କାର ଯୋଗେ ଆଗକୁ ଅଗ୍ରସର ହେଉଥିଲେ। ତେବେ କାରର ଚାଳକ ଦୈତାରୀ ଥାନା ଅଧିନ ରାସୋଳ ଗ୍ରାମପଞ୍ଚାୟତ ଅଧୀନ କୁଶେଇ ନଦୀ ପୋଲରେ ଭାରସାମ୍ୟ ହରାଇଥିଲା। ଚାଳକ ଗାଡ଼ିକୁ ନିୟନ୍ତ୍ରଣ କରିପାରି ନଥିଲେ। ଫଳରେ ଏହା ଯାଇ ସିଧାସଳଖ ନଦୀରେ ଖସି ପଡ଼ିଥିଲା। ରାସ୍ତାରେ ଯାଉଥିବା ଲୋକେ ଦୁର୍ଘଟଣାଗ୍ରସ୍ତ କାର ଦେଖି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କର ସହାୟତାରେ ୪ଜଣ ଲୋକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ୨ ଜଣ ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।



## ପର୍ଯ୍ୟଟକଙ୍କୁ ସୁରକ୍ଷା ବିହୀନ ଯାତ୍ରୀ ପରିଚର୍ଯ୍ୟା ପାଲଟିଛି ପ୍ରହସନ
## ବେଆଇନ ହୋଟେଲ, ଲଜିଙ୍ଗ ଓ ବିବାହ ମଣ୍ଡପରୁ କୋଟି କୋଟି ଟଙ୍କା ହରିଲୁଟ୍ !

ପୁରୀ, ୨୮।୫: ପୁରୀ ମୁନିସିପାଲିଟି ମହାନଗର ନିଗମ ହେବାପରେ ମହାନଗର ନିଗମ ଦାୟିତ୍ୱରେ ପୁରୀ ନୁଆ କମିଶନର ଆସିଲେ । ଅସଜଡା ସହରକୁ ସୁନ୍ଦର ଭାବେ ବାଗେଇବା ପାଇଁ ପ୍ରଥମେ ଗରିବ ଗୁରୁବାଙ୍କ ଛୋଟମୋଟ ଦୋକାନ ଗୁଡ଼ିକୁ ଜବରଦଖଲ ଚିହ୍ନଟରେ ଭାଙ୍ଗିବା ଆରମ୍ଭ କରିଥିଲେ । ଏହି ଜବରଦଖଲ ଚିହ୍ନଟରେ ଯେପରି କୌଣସି ବଡ଼ବଡ଼ିଆଙ୍କୁ ଉଚ୍ଛେଦ କରାନଯାଏ ସେଥିପାଇଁ ପ୍ରଶାସନ କଳର ଚର୍ଚ୍ଚିତ ଅଧିକାରୀ ଓ କର୍ମଚାରୀ ବିଶେଷ ଯତ୍ନ ନେଇଥିଲେ । ଫଳରେ ପ୍ରଶାସନ ପକ୍ଷରୁ ହୋଇଥିବା ଜବରଦଖଲ ଉଚ୍ଛେଦ ପରେ କେବଳ ତଥାକଥିତ ବଡ଼ବଡିଆଙ୍କ ବ୍ୟବସାୟୀକ ଆସର ଛାଡ଼ିଦେଲେ ସମସ୍ତ ଗରିବ ଗୁରୁବାଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଛି । ପୁରୀ ସହର ଓ ଏହାର ଉପକଣ୍ଠରେ ପ୍ରାୟ ୧ ହଜାରୁ ଉର୍ଦ୍ଧ୍ୱ ହୋଟେଲ ଓ ଲଜିଂ ରହିଛି । ମାତ୍ର ସହରାଞ୍ଚଳ ଦାୟିତ୍ୱରେ ଥିବା ପିକେଡିଏ ସୂତ୍ରାନୁସାରେ ୨୦୧୦ରୁ ୨୦୨୫ ମସିହା ମଧ୍ୟରେ ମାତ୍ର ୧୬ଟି ହୋଟେଲ ଓ ଲଜିଂକୁ ଅନୁମତି ପ୍ରଦାନ କରିଛି । ଏବେ ପ୍ରଶ୍ନ ଉଠୁଛି ପିକେଡିଏର ବିନା ଅନୁମତିରେ ମୁଣ୍ଡ ଟେକିଥିବା ଛତୁଫୁଟା ହୋଟେଲ ଓ ଲଜିଙ୍ଗ ଗୁଡ଼ିକ କାହା ଛତ୍ରଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଚାଲି ଆସୁଛି ସେହିପରି ପିକେଡିଏର ସଫେଇ ତଥ୍ୟ ଅନୁଯାୟୀ ୨୦୧୦ ରୁ ୨୦୨୫ ଯାଏଁ ୧୫ ବର୍ଷ ମଧ୍ୟରେ ଶହଶହ ଛତୁଫୁଟା ବେଆଇନ ହୋଟେଲ ଓ ଲଜିଙ୍ଗ ଉପରେ ଚଢ଼ାଉ କରି ୧୫ଟି ହୋଟେଲ ଓ ଲଜିଂ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦୃଢ କାର୍ଯ୍ୟାନୁଷ୍ଠାନକୁ ଅନୁଧ୍ୟାନ କଲେ ଆଇନ ଖିଲାଫିଙ୍କୁ କେବଳ ନୋଟିସ ଦିଆଯାଇଛି । ସେହିପରି ବର୍ଷିକିଆ ଅଗ୍ରିମ ଓ ମୋଟା ଅଙ୍କର ଭଡ଼ା ନେଉଥିବା ବେଆଇନ ମାର୍କେଟ କମ୍ପ୍ଲେକ୍ସ ଓ ମୋଟା ଅଙ୍କର ଭଡ଼ା ନେଉଥିବା ଶତାଧିକ ବେଆଇନ ବିବାହ ମଣ୍ଡପରୁ କୋଟିକୋଟି ଟଙ୍କା ଉଠାଣ ହେଉଥିବା ବେଳେ ପ୍ରଶାସନିକ କାଗଜାତରେ ପୁରୀରେ ମାତ୍ର ୧୫ଟି ମାର୍କେଟ୍ କମ୍ପ୍ଲେକ୍ସ ଓ ୩ଟି ବିବାହ ମଣ୍ଡପ ଥିବା ଦର୍ଶାଯାଇଛି । ବେଆଇନ ହୋଟେଲ ଓ ବିବାହ ମଣ୍ଡପ ଗୁଡିକରେ ଅଗ୍ନୀ ନିରାପତ୍ତା ଠାରୁ ଆରମ୍ଭ କରି ସ୍ଥାୟୀ ବିଦ୍ୟୁତ ସଂଯୋଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ପ୍ରମାଣ ପତ୍ର ସହ ନିଜସ୍ୱ ପାର୍କିଂ ସୁବିଧା ନଥିଲେ ମଧ୍ୟ ତଥାକଥିତ କିଛି ମାଫିଆ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ କୋଟିକୋଟି ଟଙ୍କାର କାରବାର ବର୍ଷ ବର୍ଷ ଧରି ଚାଲି ଆସୁଛି । ୨୦୨୩ ମସିହାରେ ବଡ଼ଦାଣ୍ଡ ସ୍ଥିତ ସମ୍ରାଟ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିବା ପରେ କିଛି ରୋଚକ ତଥ୍ୟ ସାମନାକୁ ଆସିଥିଲା । ୨୦୧୭ରେ ଏହି ମାର୍କେଟ କଂପ୍ଲେକ୍ସ ବେଆଇନ ଭାବେ ମୁଣ୍ଡ ଟେକିଥିଲା। ଘଟିଥିବା ଅଗ୍ନିକାଣ୍ଡରେ ୭୫ ଟି ଦୋକାନ ଗୃହ ଗୋଟିଏ ରାଷ୍ଟ୍ରୀୟ ବ୍ୟାଙ୍କ ଓ ହୋଟେଲ କ୍ଷତିଗ୍ରସ୍ତ ହୋଇଥିଲା । ପୁରୀ ସହରରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଅଧିକାଂଶ ବେଆଇନ ହୋଟେଲ , ଲଜିଙ୍ଗ ଓ ବିବାହ ମଣ୍ଡପ ଗୁଡିକ ମାଫିଆ ଶ୍ରେଣୀର ଲୋକେ ଚଳାଉଥିବା ବେଳେ ଆଇନଖିଲାଫ ଆରୋପରେ ନିୟମିତ ବ୍ୟବଧାନରେ ତଥାକଥିତ ପଦାଧିକାରୀ ଓ ଆତ୍ମଘୋଷିତ କିଛି ସମାଜସେବୀ ମୋଟା ଅଙ୍କର ଚାନ୍ଦା ନେବା ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଛି । ସ୍ମରଣଯୋଗ୍ୟ ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହିରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଏକ ପୁରୁଣା କୋଠାରେ ଚାଲିଥିବା ବେଆଇନ ଲଜିଙ୍ଗଟି ୨୦୧୩ ସେପ୍ଟେମ୍ବର ୮ ତାରିଖରେ ହଠାତ୍ ଭୁଷୁଡି ପଡିଥିଲା । ୪ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଥିଲେ । ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଓ ଦୁଇ ଜଣ ନାବାଳିକା ଥିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଆସି ତାହା ସେମାନଙ୍କର ଶେଷ ଯାତ୍ରାରେ ପରିଣତ ହୋଇଥିଲା । ପୁରୀ ସହରରେ କେତୋଟି ହୋଟେଲ ଓ ଲଜିଂ ରହିଛି ସେନେଇ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିଥିଲେ ସୂଚନା ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ । ହେଲେ ପିକେଡିଏ ଓ ହୋଟେଲ ସିଣ୍ଡିକେଟ୍ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପଦାରେ ପଡିବା ଆଶଙ୍କାରେ ପିକେଡିଏ ଶ୍ରୀ ଦାଶଙ୍କୁ କୌଣସି ତଥ୍ୟ ଦେଇନଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ ଦାଶ ସୂଚନା ଅଧିକାର କମିଶନରେ ମାମଲା କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ।

ପର୍ଯ୍ୟଟନ ଶିଳ୍ପର ବିକାଶ ଆଳରେ ତଥା କଥିତ କିଛି ପ୍ରଶାସନିକ ଅଧିକାରୀ, ମାଫିଆ ଓ ସମାଜସେବୀ ଛତ୍ରଛାୟା ତଳେ ବେଆଇନ ହୋଟେଲ ଲଜିଙ୍ଗ ଓ ବିବାହ ମଣ୍ଡପରୁ କୋଟି କୋଟି ଟଙ୍କା ଉଠାଣ ହେଉଥିବା ବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଏଦିଗରେ ତଦନ୍ତ କରି କେବେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବେ ତାକୁହିଁ ଦେଖିବାକୁ ଅପେକ୍ଷା ।

## ସ୍କୁଲ ହଷ୍ଟେଲରେ ଅଗ୍ନିକାଣ୍ଡ, ୧୬ ଛାତ୍ରୀ ଜୀବନ୍ତଦଗ୍ଧ

ଗିଲଗିଲ,୨୮।୫: କେନ୍ୟା ନକୁରୁ କାଉଣ୍ଟିସ୍ଥିତ ଗିଲଗିଲର ଉତୁମିସି ଗାର୍ଲସ ଆକାଡେମୀ ଛାତ୍ରାବାସରେ ଅଗ୍ନିକାଣ୍ଡ ଘଟିଛି। ବିଳମ୍ବିତ ରାତ୍ରିରେ ଲାଗିଥିବା ନିଆଁ ଯୋଗୁ ୧୬ ଜଣ ଛାତ୍ରୀ ପୋଡି ହୋଇ ପ୍ରାଣ ହରାଇଥିବା ବେଳେ ୭୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛାତ୍ରବାସରେ ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିକ୍ଷାମନ୍ତ୍ରୀ ଜୁଲିୟସ ଓଗାମ୍ବା ଅଗ୍ନିକାଣ୍ଡ ପୁଷ୍ଟି କରିଛନ୍ତି। ଏହି ସ୍କୁଲରେ ୮୦୦ରୁ ଅଧିକ ଛାତ୍ରୀ ପଢନ୍ତି।କୁହାଯାଉଛି କେନ୍ୟା ବୋର୍ଡିଂ ସ୍କୁଲମାନଙ୍କ ଛାତ୍ରାବାସରେ ନିଆଁ ଲାଗିବା ଏକ ସାଧାରଣ କଥା। ଏଥିରୁ କିଛି ଅଗ୍ନିକାଣ୍ଡର କାରଣ ଥାଏ ତ ଆଉ କିଛି ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ହୋଇଥାଏ। କେନ୍ୟା ରେଡକ୍ରସ ଅନୁସାରେ ନିଆଁ ଲାଗିବା ସୂଚନା ମିଳିବାମାତ୍ରେ ଜରୁରିକାଳୀନ ସେବା ଓ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ପହଞ୍ଚିଥିଲା ଓ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳକୁ ପହଞ୍ଚିଥିବା ପ୍ରଶାସନିକ ଟିମ୍ ନିଆଁ ଲାଗିବାର କାରଣ ଯାଞ୍ଚ କରୁଛନ୍ତି।

## ବଦଳିଲେ ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀ

ଭୁବନେଶ୍ୱର, ୨୮।୫: ରାଜ୍ୟସରକାର ଭାରତୀୟ ପୁଲିସ ସେବାର ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଜି ରାଜ୍ୟ ସରାକରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଏସ୍‌ଆଇଡବ୍ଲୁ (ସ୍ୱତନ୍ତ୍ର ଗୁଇନ୍ଦା ଶାଖା)ର ଡିଆଇଜି ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୯ ବ୍ୟାଚ୍‌ର ଅଖିଳେଶ୍ୱର ସିଂହଙ୍କୁ ଏସ୍‌ଡବ୍ଲୁଆଁ (ଦକ୍ଷିଣ- ପଶ୍ଚିମ ରେଞ୍ଜ୍)ର ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଦକ୍ଷିଣ ପଶ୍ଚିମ ରେଞ୍ଜ୍‌ର ଡିଆଇଜି ଡା କନ୍‌ୱର ବିଶାଳ ସିଂହଙ୍କୁ ଏସ୍‌ଟିଫ୍ (ସ୍ପେସାଲ୍ ଟାସ୍କ ଫୋର୍ସ)ର ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟରୁ ସମ୍ପ୍ରତି ନକ୍ସଲ ମୂଳପୋଛ ହୋଇଛି, କିନ୍ତୁ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ସୀମାନ୍ତରେ ନକ୍ସଲଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଛି। ଅପରପକ୍ଷରେ, ରାଜ୍ୟରେ ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷା ନେଇ ରାଜ୍ୟସରକାର ଗୁଇନ୍ଦା ତଥ୍ୟର ଲିକ୍ ନେଇ ଚିନ୍ତିତ ଥିବା ବେଳ ଏହି ବଦଳି ଗୁରୁତ୍ୱ ବହନ କରୁଛି।

## ଯାଜପୁରରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ !!!!!!!!

# ବବି-ଗୌତମଙ୍କ ଭିତିରି ସମ୍ପର୍କକୁ ନେଇ ଜିଲ୍ଲା ରାଜନୀତିରେ ଚର୍ଚ୍ଚା!



ଯାଜପୁର,୨୮/୫(ଆନିସ): ଓଡ଼ିଶାରେ ସରକାର ବଦଳିଥିଲେ ମଧ୍ୟ ଯାଜପୁରରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ କମିନାହିଁ। ବରଂ ରାଜନୈତିକ ଛତ୍ରଛାୟାରେ ସେମାନଙ୍କ ପ୍ରଭାବ ଆଉ ବଢ଼ିଥିବା ଅଭିଯୋଗ ହେଉଛି। ଜିଲ୍ଲାର ବିଭିନ୍ନ ନଦୀ ଘାଟରେ ବେଆଇନ ବାଲି ଉଠାଣ ଚାଲୁଥିବାବେଳେ ପ୍ରଶାସନ ନିରବ ଦର୍ଶକ ସାଜିଥିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ଏହି ଚର୍ଚ୍ଚାର କେନ୍ଦ୍ରରେ ରହିଛି ଦେବିଗଡା ବେଆଇନ ବାଲି ଘାଟକୁ ନେଇ ଉଠୁଥିବା ଅଭିଯୋଗ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ''ତାରିଣୀ'' ନାମରେ ପରିଚିତ ଜଣେ ପ୍ରଭାବଶାଳୀ ବାଲି ମାଫିଆ ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ବେଆଇନ ବାଲି କାରବାର ଚଳାଇଆସୁଛନ୍ତି। ଅଭିଯୋଗ ହେଉଛି, ରାଜନୈତିକ ସୁରକ୍ଷା ଥିବାରୁ ପ୍ରଶାସନ ମଧ୍ୟ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାହସ କରୁନାହିଁ।ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହେଉଛି, ସାମାଜିକ ଗଣମାଧ୍ୟମରେ ଏବେ ବିଜେଡିର ପ୍ରଭାବଶାଳୀ ନେତା ପ୍ରଣବ ପ୍ରକାଶ ଦାସ ଓରଫ ''ବବି'' ଏବଂ ଅନ୍ୟ ନେତା ଗୌତମ ରାୟଙ୍କ ସହ ତାରିଣୀଙ୍କ ଫଟୋ ଭାଇରାଲ ହେଉଛି। ଏହି ଫଟୋକୁ ନେଇ ଜିଲ୍ଲା ରାଜନୀତିରେ ନୂଆ ଝଡ଼ ସୃଷ୍ଟି ହୋଇଛି। ଲୋକମାନେ ପ୍ରଶ୍ନ କରୁଛନ୍ତି

''ବାଲି ମାଫିଆଙ୍କ ସହ ନେତାଙ୍କ ଏତେ ଘନିଷ୍ଠତା କାହିଁକି '' କେବଳ ବିଜେଡି ନୁହେଁ, ବିଜେପି ନେତାଙ୍କ ସହ ମଧ୍ୟ ଏହି ବାଲି କାରବାରୀଙ୍କ ସମ୍ପର୍କ ଥିବା ନେଇ ଜିଲ୍ଲାରେ ଜୋରଦାର ଚର୍ଚ୍ଚା ଚାଲିଛି। ଫଳରେ ଲୋକଙ୍କ ସରକାର ବଦନାମ ହେଉଛି ସାଧାରଣ ଲୋକଙ୍କ ଅଭିଯୋଗ, ଦଳ ବଦଳିଥିଲେ ମଧ୍ୟ ବାଲି ସିଣ୍ଡିକେଟ ଭାଙ୍ଗିନାହିଁ। ବରଂ ଏବେ ବିଜେଡି ଓ ବିଜେପିର କିଛି ପ୍ରଭାବଶାଳୀ ମୁହଁଙ୍କ ଆଶୀର୍ବାଦରେ ଏହି କାରବାର ଆଉ ସଂଗଠିତ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତି ହେଲେ ନଦୀ ଘାଟରେ ଶତାଧିକ ଟ୍ରିପ ବାଲି ଉଠୁଛି। ଓଭରଲୋଡ ଟ୍ରକ ରାସ୍ତାକୁ ନଷ୍ଟ କରୁଥିବାବେଳେ ପ୍ରତିବାଦ କରୁଥିବା ଲୋକଙ୍କୁ ଧମକ ମିଳୁଥିବା ଅଭିଯୋଗ ମଧ୍ୟ ହେଉଛି। କିନ୍ତୁ ରେଭେନ୍ୟୁ, ମାଇନିଂ ଓ ପୋଲିସ ବିଭାଗ ନୀରବ ରହୁଥିବାରୁ ପ୍ରଶାସନର ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

### ବିଜେଡି-ବିଜେପି ନେତାଙ୍କ ଛାୟାରେ ବଢୁଛି ବେଆଇନ ବାଲି ସାମ୍ରାଜ୍ୟ

ପରିବେଶବିଦମାନେ କହୁଛନ୍ତି, ଏଭଳି ଅନିୟନ୍ତ୍ରିତ ବାଲି ଉଠାଣ ଯୋଗୁଁ ନଦୀର ସ୍ୱାଭାବିକ ଗତିପଥ ବଦଳୁଛି। ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ହେଉଥିବାବେଳେ ଆଗାମୀ ଦିନରେ ବନ୍ୟା ବିପଦ ବଢ଼ିପାରେ। ତଥାପି କିଛି ରାଜନୈତିକ ଛତ୍ରଛାୟା ଥିବାରୁ ବାଲି ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଅଭିଯୋଗ।

ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏବେ ଜିଲ୍ଲାରେ ଏଭଳି ଧାରଣା ସୃଷ୍ଟି ହେଉଛି ଯେ ''ବାଲି ଘାଟରେ ଯାହାର ରାଜ, ସେହିଁ ରାଜନୀତିରେ ପ୍ରଭାବ।'' ଲୋକମାନେ କହୁଛନ୍ତି, ଯଦି ସରକାର ସତରେ ଦୁର୍ନୀତି ଓ ମାଫିଆ ରାଜ ବିରୋଧରେ ଅଟେ, ତେବେ ଦେବିଗଡା ବାଲି ଘାଟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ସୋସିଆଲ ମିଡିଆରେ ଘୁରୁଥିବା ଫଟୋ, ବେଆଇନ ବାଲି ଉଠାଣ ଓ ରାଜନୈତିକ ସମ୍ପର୍କର ସତ୍ୟତା ସାମ୍ନାକୁ ଆସିବା ଦରକାର।ନଚେତ୍ ଲୋକଙ୍କ ମନରେ ଗୋଟିଏ କଥା ଆଉ ଗଭୀର ହେବ ''ଯାଜପୁରରେ ସରକାର ଯାହାର ହେଉ, ବାଲି ଘାଟ ଚଳାଉଛନ୍ତି ବିଜେଡ଼ି ଦଳର ମାଫିଆମାନେ।''

# ପୁରୁଣା ରେକର୍ଡ ଲୁଚାଇ ବଡ ଡିଲ !

ଫୁଲବାଣୀ,୨୮।୫ (ଆନିସ): ଅତୀତରେ ବାଲିଗୁଡ଼ାରେ ଭୂମିହୀନ ଙ୍କୁ ଦିଆଯାଇଥିବା ଜମି ରେ ଏବେ ପୁଣି ପେଟ୍ରୋଲ ପମ୍ପ ପାଇଁ କୁଆଡ଼େ ଦିଆଯାଇଛି ଅନୁମତି ଯାହାକୁ ନେଇ ଭୂମିହୀନ ପରିବାର ପ୍ରତିବାଦ କରିଛନ୍ତି ଫଳରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହା ପଛରେ କୁଆଡ଼େ ବଡ ଡ଼ିଲ ହୋଇଥିବା ନେଇ ଚର୍ଚ୍ଚା ହେଉଛି ଏହାକୁ ନେଇ ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ ବ୍ରଜେନ୍ଦ୍ର ମହାରଣା ହାଇକୋର୍ଟ ଏହି ଜମି ଉପରେ ସ୍ଥିତାବସ୍ଥା ଜାରି କରିଥିବାବେଳେ ଜମି ରେ କାମ ଚାଲିଥିବା ନେଇ ଅଭିଯୋଗ ହେଉଛି ।

ସୂଚନା ଯୋଗ୍ୟ ଯେ ଗତ ୨୦୦୨/୦୩ରେ ବାଲିଗୁଡ଼ା ତହସିଲ ଅନ୍ତର୍ଗତ ରୁଦୁରମୁଣ୍ଡା ରେ ୩୧ଜଣ ପରିବାର ଙ୍କୁ ଜମି ଯୋଗାଇ ଦିଆଯାଇଥିଲା ଆଉ ସେମାନେ ସଂପୃକ୍ତ ସ୍ଥାନରେ ଘର କରି ବସବାସ କରିଆସୁଛନ୍ତି ହେଲେ ସେମାନଙ୍କ ଅଗଚୋରରେ ସେହି ନିକଟରେ ଥିବା ଏକ ବଡ଼ ଜାଗାକୁ ତହସିଲକାର୍ଯ୍ୟାଳୟ ପକ୍ଷରୁ ପେଟ୍ରୋଲ ପମ୍ପ କରିବା ପାଇଁ ଜାଗା ଦିଆଯାଇଛି, ଯାହାକୁ ଅଞ୍ଚଳ ବାସୀ ବିରୋଧ ପ୍ରଦର୍ଶନ କରୁଛନ୍ତି ଏ ସଂକ୍ରାନ୍ତୀୟ କାଗଜ ପତ୍ର ତହସିଲ କର୍ମଚାରୀ ଜାଣି ଶୁଣି ହଜାଇ ଦେଇଥିବା ଅଭିଯୋଗ ହେଉଛି ଜନୈକ ବ୍ୟବସାୟୀ ସଂପୃକ୍ତ ସ୍ଥାନ ରେ ମାଟି ଫିଲିଙ୍ଗ କରିବା ସହ ଜଳ ସ୍ରୋତ କୁ ମାଟି ପକାଇ ବନ୍ଦ କରି ଦେଇ ଥିବା କୁହାଯାଇଛି ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ଫଳ ଶୁନ ତେବେ ଭୂମି ହିନ ଙ୍କୁ ଦିଆଯାଇଥିବା ଜମି ପୁଣି କାହିକି କଣ ପାଇଁ କେଉଁ ପରିସ୍ଥିତିରେ ଜନୈକ ବ୍ୟବସାୟୀ ଙ୍କୁ ପେଟ୍ରୋଲ ପମ୍ପ ପାଇଁ ଦିଆଗଲା ତାର ତଦନ୍ତ କରିବା ଜରୁରୀ ତେବେ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି ଓ ତଦନ୍ତ ରିପୋର୍ଟ୍ ଆସିଲେ ଏହାର ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଭକ୍ତ ବନ୍ଧୁ ଜନାର୍ଦ୍ଦନ ଦଳାଇ କହିଛନ୍ତି ସେହିପରି ବାଲିଗୁଡ଼ା ଉପଜିଲ୍ଲାପାଳ ମଧ୍ୟ ଏହା ଉପରେ ସତର୍କ ଦୃଷ୍ଟି ରଖିଥିବା ଜଣାପଡ଼ିଛି ତେବେ ବାଲିଗୁଡ଼ା ତହସିଲ ରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି



ପୁରୀ, ୨୮।୫ (ଆନିସ): ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି।ମଇ ୨୦ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନଙ୍କୁ ପ୍ରଶିକ୍ଷଣ ସହ ଆବଶ୍ୟକୀୟ ଫର୍ମ ପ୍ରସ୍ତୁତ କରାଯାଇଛି।ଇତି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଆଲୋଚନା ବୈଠକ ମାଧ୍ୟମରେ ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ ସହ ପ୍ରତ୍ୟେକ ବୁଥ ମାନଙ୍କ ରେ ବୁଥ ସ୍ତରୀୟ ଏଜେଣ୍ଟ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି।କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଛି।ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବେ।୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକ ର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ।ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ।ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି।ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ,ଦାବି ଓ ଆପତ୍ତି ର ନିଷ୍ପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି।ଏହି ଜାତୀୟ କାର୍ଯ୍ୟକ୍ରମ ରେ ସମସ୍ତଙ୍କ ସହଯୋଗ ଜିଲ୍ଲା ପ୍ରଶାସନ କାମନା କରିଛନ୍ତି।ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରିବେ ଓ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥ ଙ୍କୁ ପ୍ରଦାନ କରିବେ।ସେମାନେ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଇବେ।ପରିଶେଷରେ ବିଏଲଓ ଭୋଟର ଙ୍କ ଦ୍ବାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଭୋଟର ମାନଙ୍କୁ ଏକ ସ୍ବୀକୃତି ପତ୍ର ବା ଆକନଲେଜମେଣ୍ଟ ରସିଦ ପ୍ରଦାନ କରିବେ।ଏ ସମସ୍ତ କାର୍ଯ୍ୟ ରେ ଭୋଟର ମାନେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

# କଇଁନ୍ତରା ଆରଏମ୍‌ସିଠାରେ ରବି ଧାନ କିଣା ଆରମ୍ଭ

ବିନିକା ୨୮/୫(ଆନିସ ): ବିନିକା ବ୍ଲକ କଇଁନ୍ତିରା ଆର ଏମ୍ ସି ପରିସର ରେ ମା ସନ୍ତୋସି ମହିଳା ସ୍ବଂ ସ ଦଳ ପକ୍ଷରୁ ରବି ଧାନ କିଣା ଆରମ୍ଭ ହୋଇଯାଇଛି ସଭାପତି ବିନୋଦିନୀ ସା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଉଦଘଟନୀ କାର୍ଯ୍ୟକ୍ରମରେ ରେ ମୁଖ୍ୟ ଅତିଥି ଭାବେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଶୋକ ପୃଷ୍ଟି,ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହାକୁର,ମେଘେଲା ମଣ୍ଡଳ ସଭାପତି ଦାମୋଦର ପଧାନ, ମିଲରସ ଆଦିକନ୍ଦ ବାବୁ ପ୍ରମୁଖ ଯୋଗ ଦେଇ ପୂଜାର୍ଚ୍ଚନା ପୂର୍ବକ ନଡ଼ିଆ ଫଟେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଅନୀଲ ଦାସ ପୂଜାର୍ଚ୍ଚନା କରିଥିଲେ ଏଥିରେ ଆର୍ ଏମ୍ ସି କର୍ମଚାରୀ ଘନଶ୍ୟାମ ନାଏକ,ଜାତକ ସେଠ, ବାସୁଦେବ ମେଲ୍ଲି, ବିଶ୍ୱ ମହଲା, ଡିଇଓ ସିପୁନ ସାହୁ, ସ୍ୱ ସ ଦଳର ସମ୍ପାଦକ ବିଦ୍ୟୁତ ପ୍ରଭା ସା ଙ୍କ ସମେତ ସମସ୍ତ ସଭ୍ୟା ଉପସ୍ଥିତ ଥିଲେ ଆଜି ପ୍ରଥମ ଦିନରେ ଚାଷୀ ବାସୁଦେବ ମେଲ୍ଲି, ମନୋଜ ପଟ୍ଟନାୟକ, ବିଦ୍ୟୁତ ପ୍ରଭା ସା, ସରୋଜ ସା ପ୍ରମୁଖ ୪ ଜଣ ଚାଷୀ ଙ୍କ ୩୦୦ କ୍ୱିଣ୍ଟାଲ ଧାନ କିଣା ଯାଇ ସାଇ ଏଗ୍ରୋ, ବ୍ରାଜଭୂମି ମିଲ କୁ ପଠାଯାଇ ଥିବା ସମ୍ପାଦକ ବିଦ୍ୟୁତ ପ୍ରଭା ସା ସୁଚନା ଦେଇଛନ୍ତି



# ଦାରିଙ୍ଗବାଡିରେ ୨୦୨ ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଫୁଲବାଣୀ,୨୮।୫ (ଆନିସ): କନ୍ଧମାଳ ଜିଲ୍ଲା ର ବୃହତ ବ୍ଲକ ଦାରିଙ୍ଗବାଡି ରେ ଜିଲ୍ଲା ପାଳ ଶ୍ରୀଯୁକ୍ତ ବେଦ ଭୂଷଣ ୨୦୨ ଟି ଆପତ୍ତି ଅଭିଯୋଗ ଶୁଣିଛନ୍ତି । ସେଥି ମଧ୍ୟରୁ ୧୦୨ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୮୨ ଟି ସାମୁହିକ ଅଭିଯୋଗ ଥିଲା ।ମୁଖ୍ୟତଃ ଦାରିଙ୍ଗବାଡି ର ବିଭିନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା, ଅଚଳ ନଳକୂପର ମରାମତି, ନୂତନ ନଳକୂପ ଖନନ ଓ ସୋଲାର ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନେଇ ସୁଣାଣୀ ହୋଇଥିଲା । ବିଦ୍ୟୁତ ନଥିବାରୁ ସୋଲାର ପମ୍ପ ଯୋଗେ ଜଳ ଯୋଗାଣ ପାଇଁ ଲୋକେ ଲିଖିତ ଭାବେ ଜଣାଇ ଛନ୍ତି ।ଏହି ଅବସର ରେ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଦାରିଙ୍ଗବାଡି ପର୍ଯ୍ୟଟନ ର ଏକ ଓ୍ୱେବ ସାଇଟ ର ଉଦଘାଟନ କରିଥିଲେ ।ଦାରିଙ୍ଗବାଡି କୁ ଓଡ଼ିଶାର କାଶ୍ମୀର ବୋଲି ମାନ୍ୟତା ଦିଆ ଯାଏ । ଉଦଘାଟିତ ଓ୍ୱେବ ସାଇଟ ରେ ଦାରିଙ୍ଗବାଡି ର ବିଭିନ୍ନ ଆକର୍ଷଣୀୟ ପର୍ଯ୍ୟଟନ ସ୍ପଟ, ହୋଟେଲ ଓ ପାନ୍ଥ ନିବାଶ ସମ୍ପର୍କରେ ତଥ୍ୟ ମିଳି ପାରିବ ବୋଲି ଜିଲ୍ଲା ପାଳ ପ୍ରକାଶ କରିଛନ୍ତି । ଗ୍ରୀଭାନ୍ସ ଶୁଣାଣି ଅବସର ରେ ବାଲିଗୁଡା ଉପଜିଲ୍ଲାପାଳ ପ୍ରାଣୀତା ଦାସ, ଜିଲ୍ଲା ପରିଷଦ ସି ଡି ଓ ଶମ୍ଭୁନାଥ ନନ୍ଦୀ, ଏସପି ହରିଶ ବି ସି, ବାଲିଗୁଡା ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା, ପି ଏ ଆଇଟିଡିଏ କୃପା ସିନ୍ଧୁ ବେହେରା, ତହସିଲଦାର ଧୀରଜ କୁମାର ପାତ୍ର, ସମିତି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧକାରୀ ମାନେ ଉପସ୍ଥିତ ଥିଲେ ।

## ଯାଜପୁରରେ ବିଜେପି ସରକାର ନା ବବିଙ୍କ ଦରବାର

# ପଦ୍ମ ଚିହ୍ନରେ ନିର୍ବାଚନ ଲଢ଼ିଲେ, କିନ୍ତୁ ଚାଲୁଛନ୍ତି ବବିଙ୍କ ଇସାରାରେ !

ଯାଜପୁର,୨୮/୦୫ (ଆନିସ):ଓଡ଼ିଶାରେ ସରକାର ବଦଳିଗଲା। ଜନତା ବିଜେଡିର ୨୪ ବର୍ଷର ଶାସନକୁ ବିଦାୟ ଦେଇ ବିଜେପିକୁ କ୍ଷମତା ଦେଲେ। ଲୋକ ଭାବିଥିଲେ ଦୁର୍ନୀତି ଯିବ, ସିଣ୍ଡିକେଟ ଭାଙ୍ଗିବ, ବାବୁ ରାଜ ଶେଷ ହେବ। କିନ୍ତୁ ଯାଜପୁରର ଚିତ୍ର ଦେଖିଲେ ଲାଗୁଛି, ଏଠାରେ ବିଜେପି କେବଳ ନାମକୁ ସରକାରରେ ଅଛି, ଆସଲ ଶାସନ ଆଜିବି ବବିଙ୍କ ଦରବାରରୁ ଚାଲିଛି।ଜିଲ୍ଲାର କିଛି ବିଜେପି ନେତା ଏବେ ଏମିତି ଅବସ୍ଥାରେ ପହଞ୍ଚିଛନ୍ତି ଯେ, ପଦ୍ମ ଚିହ୍ନରେ ଭୋଟ ମାଗି ଲଢ଼ିଲେ ମଧ୍ୟ ଆତ୍ମା ବିକ୍ରି କରିଦେଇଛନ୍ତି ବବିଙ୍କ ପାଖରେ। ବିରୋଧୀ ଦଳରେ ଥିବାବେଳେ ଯେଉଁମାନେ ବବିଙ୍କ ଦୟାରେ ବ୍ୟବସାୟ ବଢ଼ାଇଥିଲେ, ଠିକା କାମ ପାଇଥିଲେ, ଆଜି ସରକାରରେ ଆସି ସେଇ ଋଣ ପରିଶୋଧ କରୁଛନ୍ତି। ତେଣୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବଞ୍ଚାଇବାରେ ସେମାନେ ସବୁଠାରୁ ଆଗରେ।ମଲ୍ଲିକାପୁର ଗ୍ରାମ ପଞ୍ଚାୟତରେ ବିଜେଡି ରାଲିକୁ ଯାଉଥିବା କର୍ମୀଙ୍କୁ ଟଙ୍କା ବଣ୍ଟନ କରୁଥିବା ପିଇଓଙ୍କ ବଦଳି ହେବା ପରେ ଯେପରି ତାହାକୁ ରୋକାଗଲା, ତାହା ଏବେ ଯାଜପୁରରେ ଚର୍ଚ୍ଚାର ବିଷୟ। କୁହାଯାଉଛି, ବିଜେପିର କିଛି ''ଦଲାଲ'' ନେତା ଟଙ୍କା ନେଇ ବବିଙ୍କ ଇସାରାରେ ସେହି ଅଧିକାରୀଙ୍କୁ ସୁରକ୍ଷା ଦେଲେ। ଏବେ ପ୍ରଶ୍ନ ଉଠୁଛି ସରକାର ବିଜେପିର ନା ବବିଙ୍କ ରିମୋଟ କଣ୍ଟ୍ରୋଲରେ ଚାଲୁଥିବା ଗୋଟିଏ କଠପୁତଳି ଶାସନ ଜିଲ୍ଲାର ବିଜେପି ନେତାଙ୍କ ଚରିତ୍ର ଏବେ ପ୍ରକାଶ ପାଉଛି। ଆଗରେ ବିଜେଡିକୁ ଗାଳି, ପଛରେ ବବିଙ୍କ ପାଖରେ ହାଜିରା। ମଞ୍ଚରେ ପରିବର୍ତ୍ତନର ଭାଷଣ, ଭିତରେ କମିଶନର ବ୍ୟବସ୍ଥା। ସାଧାରଣ କାର୍ଯ୍ୟକର୍ତ୍ତା ରାସ୍ତାରେ ଲାଠି ଖାଇଥିବାବେଳେ, ଏହି ନେତାମାନେ ଏସି ଘରେ ବସି ବିଜେଡି ନେତାଙ୍କ ସହ ଡିଲ କରୁଥିଲେ। ଏବେ ସରକାରରେ ଆସି ସେଇ ସମ୍ପର୍କକୁ ଆଉ ମଜବୁତ କରୁଛନ୍ତି।ସରକାରୀ ଅଫିସରେ ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଥିବା ବାବୁମାନେ ଆଜିବି ପୁରୁଣା ମାଲିକଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି। କାରଣ ସେମାନଙ୍କ ପଛରେ ରହିଛନ୍ତି ବିଜେପିର ଲୋଭୀ ନେତା। ପ୍ରତିମାସ କମିଶନ ନେଇ ଦୁର୍ନୀତିକୁ ଚାପି ଦେବା, ବିଜେଡି ସମର୍ଥିତ ଠିକାଦାରଙ୍କୁ କାମ ଦେବା ଓ ପ୍ରକୃତ କାର୍ଯ୍ୟକର୍ତ୍ତାଙ୍କୁ ବଞ୍ଚିତ କରିବା ଏବେ ଏହା ହିଁ ନୂଆ ରାଜନୀତି।

ଯେଉଁ କାର୍ଯ୍ୟକର୍ତ୍ତାମାନେ ବର୍ଷ ବର୍ଷ ଧରି ପଦ୍ମ ଚିହ୍ନ ଆଉ ବିଜେପି ପାଇଁ ଲଢ଼ିଲେ, ଆଜି ସେମାନେ ବେସାହାରା। ଆଉ ଯେଉଁମାନେ କାଲି ପର୍ଯ୍ୟନ୍ତ ବିଜେଡିର ପତାକା ଧରିଥିଲେ, ସେମାନେ ଆଜି ବିଜେପି ନେତାଙ୍କ ଦଲାଲିରେ ସରକାରୀ କାମ ନେଉଛନ୍ତି। ଏହା କି ପରିବର୍ତ୍ତନ ନା କେବଳ ରଙ୍ଗ ବଦଳା ରାଜନୀତି ସବୁଠାରୁ ବଡ଼ ଦୁଃଖର କଥା, ଯାଜପୁର ନିର୍ବାଚନ ମଣ୍ଡଳୀ ବିଜେପି ନେତା ଏବେ ବବିଙ୍କ ''ଡାହାଣୀ'' ହୋଇଯାଇଛନ୍ତି। ବାହାରେ ବିଜେପି, ଭିତରେ ବିଜେଡି ପ୍ରେମ। ଜନତାଙ୍କ ଆଶା ବିକ୍ରି କରି ଏମାନେ ନିଜ ସ୍ୱାର୍ଥର ରାଜନୀତି କରୁଛନ୍ତି। ଯଦି ରାଜ୍ୟ ନେତୃତ୍ୱ ଏହି ''ଭିତରିଆ ସେଟିଂ''କୁ ନଭାଙ୍ଗେ, ତେବେ ଯାଜପୁରରେ ବିଜେପି କେବଳ ବୋର୍ଡରେ ରହିବ, ଆସଲ ଶାସନ ବବିଙ୍କ ହାତରେ ରହିବ।

ଆଜି ଯାଜପୁରର ଲୋକ ଗୋଟିଏ କଥା କହୁଛନ୍ତି

''ସରକାର ବଦଳିଛି, କିନ୍ତୁ ଯାଜପୁରରେ ମାଲିକ ବଦଳିନି।''

# ନିଆଳି ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ସଫଳତା

ନିଆଳି, ୨୮।୫ (ଆନିସ): ନିଆଳି ମହାବିଦ୍ୟାଳୟ, ନିଆଳିର ୩ ଶେଷ ବର୍ଷ ବିଜ୍ଞାନ (ପ୍ରାଣୀ ବିଜ୍ଞାନ ସମ୍ମାନ)ର ଛାତ୍ରୀ ସ୍ମିତାରାଣୀ ବେହେରା ''ଶ୍ରେଷ୍ଟ ସ୍ନାତକ-୨୦୨୬'' ସମ୍ମାନ ଅର୍ଜନ କରି ମହାବିଦ୍ୟାଳୟ ଓ ପ୍ରାଣୀ ବିଜ୍ଞାନ ବିଭାଗ ପାଇଁ ଗୌରବ ଆଣିଛନ୍ତି। ଏହା ସହିତ ପ୍ରାଣୀ ବିଜ୍ଞାନ ବିଭାଗ ଲଗାତାର ଭାବେ ସପ୍ତମ ବର୍ଷ ପାଇଁ ''ଶ୍ରେଷ୍ଟ ସ୍ନାତକ'' ହେବାର ନୂତନ ସଫଳତାର ଇତିହାସ ରଚିଛି। ବିଭାଗୀୟ ମୁଖ୍ୟ ଡ଼ଃ ସତ୍ୟ ନାରାୟଣ ସାହୁଙ୍କ ଦୃଢ଼ ସଂକଳ୍ପ, ଶୈକ୍ଷିକ ମାର୍ଗ ଦର୍ଶନ ଏବଂ ଅଧ୍ୟାପିକା ପ୍ରିୟଦର୍ଶିନୀ ଲେଙ୍କାଙ୍କ ନିରନ୍ତର ପ୍ରଚେଷ୍ଟା ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ସଫଳତା ହାସଲ କରୁଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୋଦ ବିହାରୀ ଦାସ ଏହି ସଫଳତା ପାଇଁ ସ୍ମିତାରାଣୀଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ପ୍ରାଣୀ ବିଜ୍ଞାନ ବିଭାଗର ଶିକ୍ଷକମାନଙ୍କ ନିଷ୍ଠା ଓ ଶିକ୍ଷାଦାନ ପ୍ରତି ସମର୍ପଣକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ନିଆଳି ମହାବିଦ୍ୟାଳୟ ପାଇଁ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

# ଜିଲ୍ଲାପାଳଙ୍କ ବିଭିନ୍ନ ବ୍ଲକ୍ ଅଞ୍ଚଳ ଗସ୍ତ, ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ

ଫୁଲବାଣୀ,୨୮।୫ (ଆନିସ): କଂଧମାଳ ଜିଲ୍ଲାପାଳ ବେଦ ଭୂଷଣ ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ରେ କାର୍ଯ୍ୟ କାରୀ ହେଉଥିବା ସରକାରଂକ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ବୁଲି ଦେଖିବା ସହ ହିତାଧିକାରୀ ମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ସେହିପରି ଗ୍ରାମାଂଚଳ ଲୋକମାନଙ୍କ କଣ ସମସ୍ୟା ରହିଛି, ସେମାନେ କିପରି ଭାବେ ବସବାସ କରୁଛନ୍ତି ଦେଖିବା ସହ ସମସ୍ୟା ମଧ୍ୟ ଶୁଣିଥିଲେ ଫୁଲବାଣୀ ବ୍ଲକ ପକ୍ଷରୁ ହାତକୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟ ଉନ୍ନତ ମାନର ଓ ସମୟ ସୀମା ମଧ୍ୟରେ ସମାପ୍ତ ହେଉଥିବାରୁ ଜିଲାପାଳ ବେଦ ଭୂଷଣ ଖୁସି ବ୍ୟକ୍ତ କରିଥିଲେ ଜିଲାପାଳ ଙ୍କ ସହ ବିଡ଼ିଓ ସୋମ୍ୟ ରଞ୍ଜନ ପାତ୍ର, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଓ ଅନ୍ୟ ଅଧସ୍ତନ କର୍ମଚାରୀ ମାନେ ଉପସ୍ଥିତ ଥିଲେ ସେହିପରି ମଙ୍ଗଳ ବାର ଜିଲାପାଳ ବେଦ ଭୂଷଣ ବାଲିଗୁଡ଼ା ଯାଇ ବ୍ଲକ ଅନ୍ତର୍ଗତ ପରମ ପାଙ୍ଗା, ବଟାଗୁଡା ଓ ଦଦଙ୍ଗିଆ ଆଦି ବିଭିନ୍ନ ଦୂର୍ଗମ୍ ପଂଚାୟତ ଗସ୍ତ କରି ସେଠାରେ ବ୍ଲକ ପକ୍ଷରୁ ହାତକୁ ନିଆଯାଇଥିବା ସରକାରଂକ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିବା ସହ ଲୋକମାନଙ୍କ ସହ ଆଲୋଚନା କରିଥିଲେ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିବା ସହ ନିର୍ଦ୍ଧାରିତ ସମୟ ସୀମା ପୁର୍ବରୁ କାର୍ଯ୍ୟ ସାରିବା ପାଇଁ ପରାମର୍ଶ ଦେଇଥିଲେ ଜିଲ୍ଲାପାଳଙ୍କ ସହ ଉପ ଜିଲାପାଳ ପ୍ରଣିତା ଦାସ ଓ ବିଡ଼ିଓ ଅକ୍ଷୟ ମଲ୍ଲିକ ଙ୍କ ସମେତ ବ୍ଲକ ଯନ୍ତ୍ରୀ, ଅଧସ୍ତନ କର୍ମଚାରୀ ମାନେ ଉପସ୍ଥିତ ଥିଲେ ଜିଲାପାଳ ବେଦ ଭୂଷଣ ଙ୍କ ନିୟମିତ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଅଞ୍ଚଳ ଗସ୍ତ ଫଳରେ ଜିଲ୍ଲାରେ ଚାଲିଥିବା ସରକାରଂକ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉନ୍ନତ ମାନର ହେବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ ହେଉଛି ଲୋକେ ମଧ୍ୟ ଯୋଜନା ର ସୁଫଳ ପାଉଥିବା ଦେଖିବାକୁ ମିଳିଛି ଜିଲାପାଳ ବେଦ ଭୂଷଣ ଙ୍କ ଏଭଳି ନିରନ୍ତର ଉଦ୍ୟମ କୁ ଗ୍ରାମାଂଚଳ ଲୋକେ ବେଶ୍ ପ୍ରଶଂସା କରିଛନ୍ତି ।



# ଶିକ୍ଷାବର୍ଷ ୨୦୨୬-୨୭ର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ,୨୮।୫(ଆନିସ): ଜିଲ୍ଲା ସମଗ୍ର ଶିକ୍ଷା ସଭାଗୃହରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶୈକ୍ଷିକ ସଂଯୋଜକ ଶ୍ରୀ ସୁଶୀଲ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ବିଗତ ତିନି ବର୍ଷର ମାଟ୍ରିକ ଫଳର ବିଶ୍ଳେଷଣ କରାଯାଇଥିଲା । ଚଳିତ ବର୍ଷର ମାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ''ଦଶମ ୩.୦'' କାର୍ଯ୍ୟକ୍ରମ ମାଧ୍ୟମରେ ୧ ଗ୍ରେଡ୍? ସଂଖ୍ୟା ବୃଦ୍ଧି, ଶତ ପ୍ରତିଶତ କୃତକାର୍ଯ୍ୟ ଓ ସମସ୍ତ ପଞ୍ଜିକୃତ ଛାତ୍ରଛାତ୍ରୀ ପରୀକ୍ଷାଦେବା ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ଶୈକ୍ଷିକ ମାନବୃଦ୍ଧି ନିମନ୍ତେ ଏକ ବିସ୍ତୃତ ବିବରଣୀ ଶ୍ରୀ ସୁଶୀଲ ମହାପାତ୍ର ଉପସ୍ଥାପନ କରିଥିଲେ । ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା କରାଯିବା ସହ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା ।ଯେଉଁଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ଦ୍ୟୁତିକାନ୍ତ ପ୍ରଧାନ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଶିକ୍ଷକ-ପ୍ରଶିକ୍ଷକ ଶ୍ରୀ ସ୍ୱାଧୀନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ଦାଶ ଏବଂ ବରିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

ଜିଲ୍ଲାରେ ଖାନ ଏକାଡେମୀର କାର୍ଯ୍ୟକାରିତା ଉପରେ ସଂଯୋଜକ ଶ୍ରୀ ସନ୍ତୋଷ କୁମାର ଚୌଧୁରୀ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଢ଼ୀ ଜିଲ୍ଲାପାଳ ମହାଶୟଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ''ଦଶମ ୩.୦'' ର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ପୋଲସରା ବ୍ଲକ ରେ ଏକାଦଶତମ ସାଧାରଣ ଅଧିବେଶନ ଅନୁଷ୍ଠିତ



ପୋଲସରା , ୨୮।୫ (ଆନିସ): ପୋଲସରା ବ୍ଲକ ପରିସର ମଧ୍ୟରେ ଥିବା କନଫରେନ୍ସ ହଲରେ ବୁଧବାର ଏକାଦଶ ତମ ସାଧାରଣ ଅଧିବେଶନ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ଉପରେ ଜନପ୍ରତିନିଧି ମାନଙ୍କ ସହ ଆଲୋଚନା କରି ସମସ୍ୟା ଗୁଡିକର କିଭଳି ସମାଧାନ ହେବ ସେ ନେଇ ମନ୍ତ୍ରୀ ମଲ୍ଲିକ କହିଥିଲେ। ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଗମନା ଗମନ, କୃଷି, ଉଦ୍ୟାନ, ବିଦ୍ୟୁତ, ଅଙ୍ଗନବାଡି ଆଦି ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ଅର୍ଥାତ ୧୮-୧୯, ୧୯-୨୦ ଆର୍ଥିକ ବର୍ଷର ଆଦର୍ଶ ଗାଇ ଗୁହାଳ କାର୍ଯ୍ୟର ବିଲ ହୋଇନଥିବା ନେଇ କିଛି ସରପଞ୍ଚ ଅଭିଯୋଗ କରିଥିଲେ। ପ୍ରତି ଉତ୍ତରରେ ବିଡ଼ିଓ ଶଶିଭୂଷଣ ମହାପାତ୍ର କହିଥିଲେକି ୭୦% ସମାଧାନ ହୋଇଛି। ଏବଂ ୧୮-୧୯ ଓ ୧୯-୨୦ ଆର୍ଥିକ ବର୍ଷ ପ୍ରୋଜେକ୍ଟ ର କିଛି କରିହେବନି ତଥାପି ଚେଷ୍ଟା ଚାଲିଛି। ପଂଚାୟତ ସମିତିରେ ରେଜୁଲେସନ କରି ଷ୍ଟେଟକୁ ଦେବା ଷ୍ଟେଟରୁ ଆଦେଶ ମିଳିଲେ ହୋଇପାରିବ ବୋଲି ବିଡ଼ିଓ କହିଥିଲେ। ଜିଲୁଣ୍ଡା ଗ୍ରାମରେ ଜଗନ୍ନାଥ ମନ୍ଦିରର ଉର୍ନତିକରଣ ଲାଗି କିଛି ଅର୍ଥ ଆସିଥିଲା କାମ ମଧ୍ୟ ହୋଇଥିଲା ପରବର୍ତ୍ତୀ ପର୍ଯ୍ୟାୟରେ ତାହା ପରିବର୍ତ୍ତନ କରାଯାଇ ଅନ୍ୟତ୍ର କିଭଳି ହେଲା ବୋଲି ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡା ଅଭିଯୋଗ ଆଣିଥିଲେ। ପ୍ରତି ଉତ୍ତରରେ ୨୬-୨୭ ଆର୍ଥିକ ବର୍ଷରେ ନୂତନ ପ୍ରୋଜେକ୍ଟ ଦେଇ କାର୍ଯ୍ୟ କରିବା ବୋଲି ମନ୍ତ୍ରୀ କହିଥିଲେ। ପିଇବା ପାଣି ଉପରେ ଆଲୋଚନା କରି ପ୍ରତ୍ୟେକ ପଞ୍ଚାୟତ ରେ ୩ଟି ଲେଖାଏଁ ନଳକୂପ ଖନନ କରିବା ପାଇଁ ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏବର୍ଷ ୧୫୦ଗୋଟି ନଳକୂପ ଖୋଳା ଯିବାର ବ୍ୟବସ୍ଥା ରହିଛି।ବିଦ୍ୟୁତ ବିଭାଗ ସହ ଆଲୋଚନା ସମୟରେ ବିଦ୍ୟୁତ ସମସ୍ୟା ନେଇ ଆଲୋଚନା ବେଳେ ବିଦ୍ୟୁତ ଉପଭୋକ୍ତା ମାନେ ୧୮୫୦ ଟଙ୍କା ଦେଇକି ସୋଲାର ସିଷ୍ଟମ ଲଗାଇପାରିବେ। ଆରଡ଼ି, ଏମ ଆଇ,, ଇରିଗେଶନ ଆଦି କାର୍ଯ୍ୟାଳୟ ଗୁଡିକରର ଅଧିକାରୀ ରହୁନଥିବା ହେତୁ ଉନ୍ନୟନ କାର୍ଯ୍ୟ ରେ ବାଧା ସୃଷ୍ଟି ହେଉଛି ବୋଲି ଚିରିକିପଡା ଶାସନ ସରପଞ୍ଚ ଭଗବାନ ସାହୁ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପଞ୍ଚାୟତ ମାନଙ୍କରେ ଥିବା ବଡ ପୋଖରୀ ଗୁଡିକ ଏମ ଆଇ ଜରିଆରେ କରାଯିବ। ପଙ୍କଲ ବାଡ଼ି କୁଡୁମି ନାଳର ପୁନଃରୁଦ୍ଧାର ଲାଗି ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ। ବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋଚନା କରି ବିଦ୍ୟାଳୟ ଗୁଡିକରେ ରହିଥିବା ପାଚେରୀ ସମସ୍ୟା, ପାଣି ସମସ୍ୟା, ଅସୁରକ୍ଷିତ କୋଠା ଆଦିକୁ ନେଇ ଆଲୋଚନା ହୋଇଥିଲା। ମିଶନ ଶକ୍ତି କୋଠା ନିର୍ମାଣ ଓ ଅଙ୍ଗନବାଡି କୋଠା ନିର୍ମାଣ ଆଦି ଉପରେ ଆଲୋଚନା ହୋଇଥଲା। ସେହିପରି ଭାବେ ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ପ୍ରତ୍ୟେକ ମାସରେ କିଛି ଅର୍ଥ ଲାଞ୍ଚ ନେଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏଥିରୁ ନିବୃତ ରହିବା ପାଇଁ ମନ୍ତ୍ରୀ ତାଗିଦ୍ କରିଥିଲେ। ଉକ୍ତ ସାଧାରଣ ଅଧିବେଶନ ରେ ବିଡ଼ିଓ ଶଶିଭୂଷଣ ମହାପାତ୍ର,ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁପରିଡା, ଏଟିଓ ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଝୁନୁ ଦାସ, ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ ପ୍ରମୁଖ ସମେତ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରୋଗାକ୍ରାନ୍ତ ଓ ଆହତ ପଶୁଙ୍କ ପାଇଁ ଆଧୁନିକ ସୁବିଧା ସମ୍ପନ୍ନ ଶଯ୍ୟା ସ୍ଥାପନ ଜରୁରୀ : ପଶୁପ୍ରେମୀ

ବ୍ରହ୍ମପୁର, ୨୮।୫ (ଆନିସ): ବ୍ରହ୍ମପୁର ପଶୁ ଚିକିତ୍ସାଳୟ କେବଳ ଗୋଟିଏ ସାଧାରଣ ଚିକିତ୍ସା କେନ୍ଦ୍ର ନୁହେଁ, ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର କେନ୍ଦ୍ର ବିନ୍ଦୁ। ବ୍ରହ୍ମପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପ୍ରତିଦିନ ଅନେକ ରୋଗାକ୍ରାନ୍ତ ଗାଈଗୋରୁ, ଛେଳି, କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି । ବିଶେଷକରି ସଡ଼କ ଦୁର୍ଘଟଣାରେ ଆହତ ଏବଂ ଆବାରଜ ପଶୁଙ୍କ ପାଇଁ ଏହି ଚିକିତ୍ସାଳୟ ହିଁ ଏକମାତ୍ର ଆଶାର କେନ୍ଦ୍ର ପାଲଟିଛି ।

କିନ୍ତୁ ଦୁଃଖର ବିଷୟ, ଦିନକୁ ଦିନ ପଶୁଚିକିତ୍ସା ସେବାର ଚାହିଦା ବଢ଼ୁଥିବା ସତ୍ତ୍ୱେ ବ୍ରହ୍ମପୁରରେ ଆଜି ପର୍ଯ୍ୟନ୍ତ ରୋଗାକ୍ରାନ୍ତ ଓ ଗୁରୁତର ଆହତ ପଶୁମାନଙ୍କ ପାଇଁ ଆଧୁନିକ ସୁବିଧା ସମ୍ପନ୍ନ ଏକ ସ୍ଥାୟୀ ଶଯ୍ୟା ବ୍ୟବସ୍ଥା ପଶୁ ଚିକିତ୍ସାଳୟ ନାହିଁ । ଫଳରେ ଅନେକ ପଶୁ ଆବଶ୍ୟକୀୟ ଚିକିତ୍ସା ଓ ପରିଚର୍ଯ୍ୟା ନ ପାଇ ଅକାଳରେ ପ୍ରାଣ ହରାଉଛନ୍ତି । ଅସ୍ତ୍ରୋପଚାର ପରେ ପଶୁମାନଙ୍କୁ ରଖିବା ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ଡାକ୍ତରମାନେ ମଧ୍ୟ ବହୁ ସମୟରେ ସୀମିତ ସୁବିଧା ମଧ୍ୟରେ କାମ କରିବାକୁ ବାଧ ହେଉଛନ୍ତି ।

ସେଥିପାଇଁ ବ୍ରହ୍ମପୁରରେ ଅତିଶୀଘ୍ର ୫୦ ଶଯ୍ୟା ବିଶିଷ୍ଟ ଏକ ଆଧୁନିକ ପଶୁ ଚିକିତ୍ସାଳୟ ସ୍ଥାପନ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏହି ଚିକିତ୍ସାଳୟରେ ଆହତ ଓ ରୋଗାକ୍ରାନ୍ତ ପଶୁମାନଙ୍କ ପାଇଁ ଆପାତକାଳୀନ ଚିକିତ୍ସା ସହ ସ୍ଥାୟୀ ରହଣୀ ବ୍ୟବସ୍ଥା ରହିବା ଆବଶ୍ୟକ । ଏଥିସହ ଆବାରଜ ଓ ଦୁର୍ଘଟଣାଗ୍ରସ୍ତ ପଶୁମାନଙ୍କ ପାଇଁ ପୃଥକ ରିକଭରି ୱାର୍ଡର ବ୍ୟବସ୍ଥା କରାଗଲେ ଅନେକ ନିରୀହ ପଶୁଙ୍କ ଜୀବନ ରକ୍ଷା ପାଇପାରିବ ।

ଏହି ପ୍ରସ୍ତାବିତ ଚିକିତ୍ସାଳୟ କେବଳ ବ୍ରହ୍ମପୁର ସହର ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଓଡ଼ିଶା ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ପରିକାଷ୍ଠା ହୋଇପାରିବ । ହଜାର ହଜାର ଚାଷୀ ଓ ପଶୁପାଳକ ଏଥିରୁ ସିଧାସଳଖ ଉପକୃତ ହେବେ । ଗାଈଗୋରୁ ଓ ଅନ୍ୟାନ୍ୟ ପଶୁ ସୁସ୍ଥ ରହିଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ଼ ହେବ । ସେହିପରି ପଶୁପ୍ରେମୀମାନେ ମଧ୍ୟ ଉନ୍ନତ ଚିକିତ୍ସା ସେବା ଦୁର୍ଘଟଣା ଗ୍ରସ୍ତ ପଶୁମାନଙ୍କୁ ଯୋଗାଇ ପାରିବେ ।

ସରକାର ପଶୁକଲ୍ୟାଣ ଓ ସ୍ମାର୍ଟ ସିଟି ଭଳି ଯୋଜନାର କଥା କହୁଥିବା ବେଳେ ବ୍ରହ୍ମପୁର ଭଳି ବଡ଼ ସହରରେ ଏକ ଆଧୁନିକ ପଶୁ ଚିକିତ୍ସାଳୟର ଅଭାବ ନିଶ୍ଚୟ ଚିନ୍ତାଜନକ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେବଳ ପଶୁଙ୍କ ଜୀବନ ରକ୍ଷା ହେବ ନୁହେଁ, ମାନବିକତା ଓ ପଶୁକଲ୍ୟାଣ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂତନ ଦୃଷ୍ଟାନ୍ତ ମଧ୍ୟ ସୃଷ୍ଟି ହୋଇପାରିବ ।

ବ୍ରହ୍ମପୁରରେ ଆହତ ଓ ରୋଗାକ୍ରାନ୍ତ ପଶୁମାନଙ୍କ ଉନ୍ନତ ଚିକିତ୍ସା ସୁବିଧା ନିମନ୍ତେ ଶୀଘ୍ର ୫୦ ଶଯ୍ୟା ବିଶିଷ୍ଟ ଆଧୁନିକ ପଶୁ ଚିକିତ୍ସାଳୟ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥମଞ୍ଜୁରୀ କରାଯାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ରାଜ୍ୟ ସରକାର ଓ ପଶୁସମ୍ପଦ ବିକାଶ ବିଭାଗଙ୍କୁ ଦୃଢ଼ ଦାବି ଜଣାଇବା ସହ ସମୟୋଚିତ ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଦକ୍ଷିଣ ଓଡ଼ିଶାର ଅସଂଖ୍ୟ ଅସହାୟ ଓ ନିରୀହ ପଶୁ ଉପଯୁକ୍ତ ଚିକିତ୍ସା ସେବା ପାଇ ନୂତନ ଜୀବନ ପାଇପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ମହାଭାରତ ଦେଖୁ ଦେଖୁ ସୃଷ୍ଟି ହେଲା ମହାତାଣ୍ଡବା ରଣକ୍ଷେତ୍ର ପାଲଟିଲା ଗାଁ, ପଥର ଓ ଠେଙ୍ଗା ମାଡ଼ରେ ୧୦ରୁ ଉର୍ଦ୍ଧ୍ୱ ଆହତ



ରଙ୍ଗେଇଲୁଣ୍ଡା,, ୨୮।୫ (ଆନିସ): ଗାଁରେ ଚାଲିଥିଲା ଠାକୁରାଣୀ ଯାତ୍ରା,ଗାଁ ସାରା ଥିଲା ଉତ୍ସବମୁଖର । ବିଳମ୍ବିତ ରାତିରେ ଚାଲିଥିଲା ଦୁଇ ପାର୍ଟି ମହାଭାରତ ନାଟକ।ମହାଭାରତ ନାଟକ ଦେଖୁ ଦେଖୁ ସୃଷ୍ଟି ହେଲା ମହାଭାରତ। ରଣକ୍ଷେତ୍ର ପାଲଟିଲା ଗାଁ, ପଥର ଓ ଠେଙ୍ଗା ମାଡ଼ରେ ଆହତ ହେଲେ ୧୦ରୁ ଉର୍ଦ୍ଧ୍ୱ ଲୋକ । ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ମାର୍କଣ୍ଡି ଗ୍ରାମରେ। ସୂଚନା ଅନୁଯାୟୀ, ମାର୍କଣ୍ଡି ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିବାରୁ ସାରା ଗାଁ ଉତ୍ସବମୁଖର ଥିଲା। ଓଡିଆରପି କଲୋନୀ ନିକଟରେ ଦୁଇଟି ଅଲଗା ଅଲଗା ମହାଭାରତ ଦଳ ନାଟକ ପ୍ରଦର୍ଶନ କରୁଥିଲେ। ବିଳମ୍ବିତ ରାତିରେ କୌଣସି କାରଣକୁ କିଛି ଯୁବକଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ବଚସା। ଉଭୟ ଗୋଷ୍ଠୀର ଯୁବକମାନେ ଉତ୍ତ୍ୟକ୍ତ ହୋଇ ପରସ୍ପର ଉପରକୁ ପଥର ମାଡ଼ କରିବା ସହ ଠେଙ୍ଗା ଓ ବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ସେମାନଙ୍କୁ ତୁରନ୍ତ ବ୍ରହ୍ମପୁରର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିବା ସହ ତଦନ୍ତ ଆରମ୍ଭ କରିଛି। କେଉଁ କାରଣ ପାଇଁ ଏହି ବିବାଦ ହେଲା ଏବଂ ଏହା ପଛରେ କାହାର ହାତ ଅଛି, ସେ ନେଇ ପୋଲିସ ପଚରାଉଚରା ଚଳାଇଛି।

# ପତ୍ନୀହନ୍ତା ଅସାମୀକୁ ଆଜୀବନ କାରାଦଣ୍ଡ

ରାୟଗଡା,୨୮।୫(ଆନିସ) ପାରିବାରିକ କନ୍ଦଳକୁ କେନ୍ଦ୍ର କରି ନିଜ ପତ୍ନୀଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ହତ୍ୟା କରିବା ମାମଲାର ବିଚାରଣା କରି ଆଜି ରାୟଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍? ଅଲ୍ପନା ସ୍ୱାଇଁ ଅଭିଯୁକ୍ତ କୃଷ୍ଣ ମାଝିକୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ରାୟ ପ୍ରକାଶ କରିଛନ୍ତି । ଜୋରିମାନା ଅନାଦେୟ ହେଲେ ଅଧିକା ୬ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ୍? ନିଜ ରାୟରେ ପ୍ରକାଶ କରିଛନ୍ତି । ସୂଚନାରୁ ଜଣାପଡିଛି ଯେ, ଗତ ୩୦/୦୯/୨୦୨୨ ତାରିଖରେ ପାରିବାରିକ କନ୍ଦଳକୁ କେନ୍ଦ୍ର କରି ବିଳମ୍ବିତ ରାତିରେ କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଚଣାପୁକେଲ ଗ୍ରାମର କୃଷ୍ଣ ମାଝି ନିଜ ପତ୍ନୀ ହକା ମାଝିଙ୍କୁ ଏକ ଟାଙ୍ଗିଆ ସାହାଯ୍ୟରେ ବେକ ଏବଂ ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ହକା ମାଝିଙ୍କ ମୃତ୍ୟୁ ହୋଇଯାଇଥିଲା । ଏନେଇ ହକା ମାଝିଙ୍କ ଭାଇ ଗୋପାଳ ମାଝି ଟିକିରି ଥାନାରେ ଭଉଣୀକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୃଷ୍ଣ ମାଝିଙ୍କୁ ଗିରଫ କରିଥିଲା । ଏହି ହତ୍ୟା ଘଟଣାରେ ୨ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସହ ମୋଟ ୧୫ ଜଣ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ରାୟଗଡ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍? ଅଲ୍ପନା ସ୍ୱାଇଁ ଆଇପିସି ୩୦୨ ଧାରାରେ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ମାମଲା ପରିଚାଳନା କରୁଥିଲେ ।

# ଅନନ୍ତ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ



ବୁଗୁଡ଼ା, ୨୮।୫ (ଆନିସ): ବୁଗୁଡ଼ା ବ୍ଲକ୍ କଲୋନୀ ସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଅନନ୍ତ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରତିଭା ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ଓ ପୋଲସରା ବ୍ଲକର ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା କୃତୀ ଛାତ୍ରଛାତ୍ରୀ ଏବଂ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ପରୀକ୍ଷାର ବ୍ଲକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନନ୍ତ ଫାଉଣ୍ଡେସନର ଅଧ୍ୟକ୍ଷ ବିକାଶ କୁମାର ମଲ୍ଲିକ ଏବଂ ସମ୍ପାଦକ ସୌଭାଗ୍ୟ ରଂଜନ ସ୍ୱାଇଁ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସମାଜ ଗଠନରେ ମେଧାବୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ବୁଗୁଡ଼ା ଓ ପୋଲସରା ଅଞ୍ଚଳର ଦଶମ ପରୀକ୍ଷାର ଅନେକ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କ ସମେତ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ପରୀକ୍ଷାରେ ବୁଗୁଡ଼ା ଏବଂ ପୋଲସରା ବ୍ଲକ ଟପ୍ପର ହୋଇ ସଫଳତା ହାସଲ କରିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ପକ୍ଷରୁ ମନ୍ତ୍ରୀଙ୍କ ଦ୍ୱାରା ମାନପତ୍ର, ସ୍କୁଲ ବ୍ୟାଗ, ହାତ ଘଣ୍ଟା ଏବଂ ଏକ ଡାଏରୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଏହି ସମ୍ବର୍ଦ୍ଧନା ସମାରୋହରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଓସିଏସ୍ ପରୀକ୍ଷାରେ ବୁଗୁଡ଼ାର ସଂଘମିତ୍ରା ପାତ୍ର କୃତକାର୍ଯ୍ୟ

ବୁଗୁଡ଼ା, ୨୮।୫ (ଆନିସ): ଓଡିଶା ଲୋକସେବା ଆୟୋଗ ( ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସେବା ପରୀକ୍ଷାରେ ବୁଗୁଡାର ସଂଘମିତ୍ରା ପାତ୍ର ୧୮୭ ରାଙ୍କରେ ରହି କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ସେ ବୁଗୁଡ଼ା ଏନଏସି ଅନ୍ତର୍ଗତ ନୂଆସାହି ନିବାସୀ ଧ୍ରୁବଚରଣ ପାତ୍ର ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ପାତ୍ର ଙ୍କ ସୁପୁତ୍ରୀ ଅଟନ୍ତି। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତାଙ୍କର ଶିକ୍ଷାରମ୍ଭ କରି ଷଷ୍ଠରୁ ଦ୍ୱାଦଶ ଯାଏଁ ନବୋଦୟ ବିଦ୍ୟାଳୟ ଏବଂ ଯୁକ୍ତ ୩ ଶଶିଭୂଷଣ ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ଭଞ୍ଜନଗର ସିଭିଲ କୋର୍ଟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ଥିଲେ। ତେବେ ସେ ଓସିଏସ୍ ପରୀକ୍ଷାରେ ରେ କୃତକାର୍ଯ୍ୟ ହୋଇ ବୁଗୁଡ଼ା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Hinkilcut Dist- Ganjam Sl No.A-342 dtd. 25.05.2026, I undersigned Basudab Gouda, Aged About 43 years, Aadhaar No 4239 5058 8096 Son of Ram Chandra Gouda, resides of Village:- Sapuapalli, Post:- Kanchuru, P.S.:-Hinjili, Dist. :-Ganjam, do hereby declare that my minor daughter's former name Bidesmita Gouda. Daughter of Basudeb Gouda (old name) has been changed to Bidusmita Gouda D/o Basudeva Gouda (new name). Hance forth she shall be known as **Bidusmita Gouda D/o Basudeva Gouda** for all future purposes.


# ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଉଦ୍ଘାଟିତ



ବୁଗୁଡ଼ା,୨୮।୫ (ଆନିସ): ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ୍ସ୍ତରୀୟ 'ନିରୀକ୍ଷଣ ସାଥୀ ଆନୁକୂଲ୍ୟରେ ମାଗଣା ଅଟୋ ଆମ୍ବୁଲାନ୍ସ ସେବାକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍ଘାଟନ କରିଛନ୍ତି। ଏହି ଆମ୍ବୁଲାନ୍ସ ଦୁର୍ଗମ ଅଞ୍ଚଳର ଗର୍ଭବତୀ, ଗୁରୁତର ରୋଗୀ ଓ ଶିଶୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାରେ ପ୍ରମୁଖ ଭୂମିକା ନେବ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ । ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ହିଁ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ। ବିଡିଓ ଦ୍ୱିତୀକୃଷ୍ଣ ପାତ୍ର, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଜେପି ନଗର ସଭାପତି କେଦାରନାଥ ମହାରଣା,ସିଡ଼ିପିଓ ବବିତା କୁମାରୀ ପଣ୍ଡା,ସୁନୀଲ ପାଢ଼ୀ,ମେଡିକାଲ ଅଫିସର ଅରୁଣ କୁମାର ପାତ୍ର, ବିପିଏମ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ପିଏଚସିଓ ରଜନୀ କୁମାରୀ ପାତ୍ରଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଇଗ୍ନୋ ବି.ଏଡ଼ ପାଠ୍ୟକ୍ରମ ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବ୍ରହ୍ମପୁର, ୨୮।୫ (ଆନିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ର ଇଗ୍ନୋ ଅଧୀନ ରେ ପରିଚାଳିତ ବିଏଡ଼ ପାଠ୍ୟ କ୍ରମ ର ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ୧୪ ତାରିଖରୁ ଆରମ୍ଭ ହୋଇ ୨୫ତାରିଖ ରେ ସମାପ୍ତ ହୋଇଛି। ୧୨ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ରେ ଓଡିଶା ର ବିଭିନ୍ନ ଅଂଚଳ ରୁ ମୋଟ ୫୫ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ରଶ୍ମିତା ପଣ୍ଡା ଙ୍କର ସଂଯୋଜନା ରେ ଏହି କାର୍ଯ୍ୟକ୍ରମ ର ରୂପରେଖ ପ୍ରସ୍ତୁତ ହୋଇଥିଲା ଓ ପ୍ରତିଦିନ ପାଠ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ବିଷୟକୁ ନିର୍ଘଣ୍ଟ ଅନୁଯାୟୀ ଯୋଗ୍ୟତା ସମ୍ପନ୍ନ ଦକ୍ଷ ଅଧ୍ୟାପକ ଅଧ୍ୟାପିକା ଙ୍କର ଦ୍ୱାରା ଅଧ୍ୟାପନା କରାଯାଉଥିଲା। ଉଦଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭା ରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଇଗ୍ନୋ ସଂଯୋଜକ ଡ. ମନୋଜ ପଟନାୟକ, ଡ. ଯତୀନ ବିଷୋୟୀ, ଡ. ଉଷା ରାଣୀ ରଥ, ଡ. ସତ୍ୟ ନାରାୟଣ ସେନାପତି, ଡ. ସୁପ୍ରଭା, ଶ୍ରୀମତୀ କାବେରୀ ପାଢ଼ୀ ପ୍ରମୁଖ ମଂଚାସୀନ ଥିଲେ। ପ୍ରଶିକ୍ଷାର୍ଥୀ ମାନେ ୧୨ ଦିନର ଏହି କାର୍ଯ୍ୟକ୍ରମର ସଫଳତା ଓ ଉପଯୋଗିତା ବେଶ୍ ଉତ୍ସାହପ୍ରଦ ବୋଲି ନିଜ ଅନୁଭୂତି ବର୍ଣ୍ଣନା ପ୍ରସଙ୍ଗ ରେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଇଗ୍ନୋ ସହକାରୀ ସଂଯୋଜକ ଡ, ସୁସ୍ମିତା ପଟ୍ଟନାୟକ ସହଯୋଗ କରିଥିଲେ ।

# ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଦୁଇ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପୋଲସରା,, ୨୮।୫ (ଆନିସ): ପୋଲସରା ବ୍ଲକ ଅନ୍ତର୍ଗତ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ୨ ଜଣ ବ୍ଲକ ଟପର ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଯୁକ୍ତ ୨ ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷାରେ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗର ଛାତ୍ରୀ ଅନ୍ବେଷା ମିଶ୍ର ୬୦୦ ମାର୍କରୁ ୫୫୧ ମାର୍କ ରଖି ଶତକଡ଼ା ୯୧.୯୯% ରେ ପୋଲସରା ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଏହି ଅନୁଷ୍ଠାନର ବିଜ୍ଞାନ ବିଭାଗର ଅନ୍ୟ ଜଣେ ଛାତ୍ର ରିତେଶ ପ୍ରଧାନ ମଧ୍ୟ ୬୦୦ ମାର୍କରୁ ୫୪୨ ମାର୍କ ଓ ଶତକଡ଼ା ୯୦.୩ % ପ୍ରତିଶତ ରଖି ବ୍ଲକର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଯାହାକୁ ନେଇ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଇନ୍ଦ୍ରଜିତ ବିଷୋୟୀ ଅଧ୍ୟକ୍ଷତାରେ ଶଶୀକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ, ସଭାପତି ସତ୍ୟନାରାୟଣ ସାହୁ ଓ ଅଧ୍ୟାପକ ଓ ଅଧ୍ୟାପିକା ଙ୍କ ଉପସ୍ଥିତିରେ ଦୁଇ ବ୍ଲକ ଟପ୍ପରଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେବା ସହ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରି ଉତ୍ସାହିତ କରିଥିଲେ। ଉଚ୍ଚ ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଙ୍କ ଅତି ଉଚ୍ଚ ଶୈଳୀ ପାଠପଢ଼ା ଓ କଲେଜର ଶାନ୍ତ ପରିବେଶ ଓ ପରିବାର ସହଯୋଗ, କଠିନ ପରିଶ୍ରମ ସହିତ ମୋବାଇଲ କମ୍? ବ୍ୟବହାର ଦ୍ୱାରା ଆମେ ବ୍ଲକ ଟପ୍ପର ହୋଇ ପାରିଛୁ ବୋଲି ପ୍ରକାଶ କରିଥିଲେ।ଏହା ସହିତ ଛାତ୍ରୀ ଅନ୍ବେଷା ଭବିଷ୍ୟତରେ ଭଲ ଶିକ୍ଷକ ଟିଏ ହେବାପାଇଁ ଇଚ୍ଛା ପ୍ରକାଶ କରିଥିବା ବେଳେ ଛାତ୍ର ରିତେଶ ବିଟେକ୍? କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଦୁଇ ତିନି ବର୍ଷର ଶିକ୍ଷା ଅନୁଷ୍ଠାନ ଦୁଇ ଥର ବ୍ଲକ ଟପ୍ପର ଛାତ୍ରଛାତ୍ରୀ ପାଇଥିବା ବେଳେ ଏବେ ବୁଦ୍ଧିଜୀବୀ ମହଲରେ ଏହି ଶିକ୍ଷା ଅନୁଷ୍ଠାନ ପ୍ରତି ପ୍ରଶଂସାର ସୁଅ ଛୁଟିଛି ।

# ଘୁ.ଉଦୟଗିରି ନୂତନ ତହସିଲଦାର ସମୁଦ୍ର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ



ଘୁ.ଉଦୟଗିରି,, ୨୮।୫ (ଆନିସ): ଘୁ.ଉଦୟଗିରି ନୂତନ ତହସିଲଦାର ଭାବେ ମଙ୍ଗଳବାର ଦିନ ସମୁଦ୍ର ମିଶ୍ର ଦାୟୀତ୍ୱ ଗ୍ରହଣ କରିଛନ୍ତି।ସେ ପୂର୍ବରୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଆସୁଥିଲେ । ପୂର୍ବ ଅବସ୍ଥାପିତ ତହସିଲଦାର ରଞ୍ଜନ କୁମାର ସାହୁଙ୍କ ଅନୁଗୁଳ ଜିଲ୍ଲାକୁ ବଦଳି ହୋଇଥିବା ଜଣାପଡ଼ିଛି।ଶ୍ରୀ ମିଶ୍ର ନୂତନ କାର୍ଯ୍ୟ ଭାର ଗ୍ରହଣ କରିବା ପରେ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା,ମୃତ୍ୟୁଞ୍ଜୟ ଦଳବେହେରାଙ୍କ ସମେତ କାର୍ଯ୍ୟରତ କର୍ମଚାରୀ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ

# କାଠମାଣ୍ଡୁରେ ଏଭେରେଷ୍ଟ ସମିଟ ମେଡାଲ ସହିତ ସମ୍ବର୍ଦ୍ଧିତ ହେଲେ ଯୋଗବ୍ୟାସ ଭୋଇ




ନର୍ଲା,୨୮/୫(ଆନିସ): ଗତ ୨୬ ମଇ ୨୦୨୬ରୁ ନେପାଳର କାଠମାଣ୍ଡୁଠାରେ ବିଶ୍ବସ୍ତରୀୟ ଏଭରେଷ୍ଟ ଆରୋହଣକାରୀ ମାନଙ୍କର ଏଭରେଷ୍ଟ ସମିଟର ସମିଟ ୨୦୨୬ ଯାହାକୁ ନେପାଳ ଦେଶର କାଠମାଣ୍ଡୁସ୍ଥିତ ଏଭରେଷ୍ଟ ଏଲାଏନସ ନାମକ ସଂସ୍ଥା ଆୟୋଜନ କରିଥିଲା। ଏଥିରେ ବିଶ୍ବର କୋଣ ଅନୁକୋଣରୁ ଏଭରେଷ୍ଟ ଆରୋହୀ ମାନେ ସମିଟରେ ଯୋଗଦାନ କରିଥିଲେ। ଯେଉଁଠାରେ ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ବ କରି କଳାହାଣ୍ଡି ଜିଲ୍ଲା ରୂପ୍ରା ଗ୍ରାମର ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଏହି ସମିଟରେ ଯୋଗଦାନ କରିଥିଲେ । ସମସ୍ତ ଏଭରେଷ୍ଟ ଆରୋହୀମାନଙ୍କର ଏକାଠି ରାତ୍ରିଭୋଜନ ସହ ପରସ୍ପର ମଧ୍ୟରେ ବନ୍ଧୁତା ଆଲୋଚନା ହୋଇଥିଲା ପରେ ଏଭରେଷ୍ଟ ସମିଟର ସମିଟ ମେଡାଲ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା । ଦୀର୍ଘ ୧୫ ବର୍ଷ ପରେ ନେପାଳ ଦେଶର କାଠମାଣ୍ଡୁରେ ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇଙ୍କର ଏଭରେଷ୍ଟ ଅଭିଯାନ ଯାତ୍ରାର ଅନୁଭୂତି ବାଣ୍ଟି ଥିଲେ । ନେପାଳ ଦେଶର ରାଷ୍ଟ୍ରପତି ମହାମହିମ ରାମଚନ୍ଦ୍ର ପାଉଡେଲ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ସମସ୍ତ ଏଭରେଷ୍ଟ ସମିଟର ମାନଙ୍କ ସହିତ ଜଳଖିଆ କରିଥିଲେ। ଯେଉଁଠାରେ ରାଷ୍ଟ୍ରପତିଙ୍କ ଠାରୁ ମଧ୍ୟ ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ସମ୍ମାନିତ ହୋଇଥିଲେ । ପରେ ନେପାଳର ପର୍ଯ୍ୟଟନ ମନ୍ତ୍ରୀ ସହିତ ବିଭିନ୍ନ ଦେଶର ରାଷ୍ଟ୍ରଦୂତମାନେ ଯୋଗଦାନ କରି ୧୯୯୫ ମସିହାରୁ ୨୦୨୫ ପର୍ଯ୍ୟନ୍ତ ଏଭରେଷ୍ଟ ଆରୋହୀମାନଙ୍କୁ ମାନପତ୍ର, ରୁଦ୍ରାକ୍ଷ ସହିତ ସମିଟର ମେଡାଲ ଦେଇ ସମ୍ମାନିତ କରିଥିଲେ। ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇଙ୍କୁ ୨୦୧୧ ମସିହାରେ ସଫଳତାର ସହିତ ଏଭରେଷ୍ଟ ଆରୋହଣ କରିଥିବାରୁ ତାଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେ ଆନ୍ତର୍ଜାତିକ ସ୍ତରର ବିଶେଷ କାର୍ଯ୍ୟକ୍ରମରେ ଓଡିଶାରୁ ଜଣେ ମାତ୍ର ଏଭରେଷ୍ଟ ଆରୋହୀ ଭାବରେ ଯୋଗଦାନ କରିବା ସହିତ ସମ୍ବର୍ଦ୍ଧିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ହିମାଳୟନର ସୁରକ୍ଷା, ବିଶ୍ବଜଳବାୟୁ ପରିବର୍ତ୍ତନ, ଏଭରେଷ୍ଟ ଆରୋହୀମାନଙ୍କର ସୁବିଧା ସୁଯୋଗ, ମହିଳା ପର୍ବତାରୋହୀମାନଙ୍କର ଭୂମିକା, ପର୍ଯ୍ୟଟନର ବିକାଶ ଆଦି ଗୁରୁତ୍ବପୂର୍ଣ୍ଣ ଆଲୋଚନା ହୋଇ ବିଧିବଦ୍ଧ ନିଷ୍ପତି ପାଇଁ ସ୍ଥିର ହୋଇଥିଲା । ।ଏଭରେଷ୍ଟ ଏଲାଏନସର ସଭାପତି ସୁଦର୍ଶନ ନେପାଳ ଓ ସମ୍ପାଦକ ସହିତ ଅଫିସିଆଲ ମାନେ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ପରିଚାଳନା ସହିତ ଏଭରେଷ୍ଟ ଆରୋହୀମାନଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ଶ୍ରୀ ଭୋଇ ୩୨ ଥର ମାଉଣ୍ଟ ଏଭରେଷ୍ଟ ଆରୋହଣକାରୀ କରି ଗିନିଜ ବୁକ ଅଫ ରେକର୍ଡ ତଥା ଆନ୍ତର୍ଜାତିକ ରେକର୍ଡଧାରୀ ନେପାଳ ଦେଶର କାମରିତା ସେରପା ସହିତ ତୁର୍କି, ଚୀନ, ଇଂଲଣ୍ଡ, ରୁଷିଆ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଜାପାନ, ଆମେରିକା ସହିତ ଅନେକ ଦେଶର ଏଭରେଷ୍ଟ ଆରୋହଣକାରୀ ମାନଙ୍କ ସହିତ ସାକ୍ଷାତ ହୋଇ ବିଭିନ୍ନ ଦୁଃସାହସିକ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହା ସହିତ ଓଡିଶାରେ ମଧ୍ୟ ପର୍ବତାରୋହୀମାନଙ୍କର ଏକ ବୈଠକ ସହିତ ଏହି ବର୍ଷ ମାଉଣ୍ଟ ଏଭରେଷ୍ଟ ବେସ କ୍ୟାମ୍ପ ଏକ ଦଳ ଆଣିବାପାଇଁ ପଦକ୍ଷେପ ନେବେ ବୋଲି ଶ୍ରୀଭୋଇ ପ୍ରକାଶ କରିଛନ୍ତି । ଏଥିପାଇଁ କଳାହାଣ୍ଡି ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ସହିତ ଜାତୀୟସ୍ତରର ବରିଷ୍ଠ ପର୍ବତାରୋହୀ ରୋମାଞ୍ଚଳ ଭୋଇ, ମା ମାଣିକେଶ୍ବରୀ ବିଶ୍ବବିଦ୍ୟାଳୟର ପର୍ବତାରୋହୀ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଘନଶ୍ୟାମ ବେହେରା, ନାଭାଲ ଅଫିସର ନଳୀନିକାନ୍ତ ରଣା, କେନ୍ଦ୍ରସାହିତ୍ୟ ଏକାଡେମୀ ପ୍ରାପ୍ତ ଡିଲେଶ୍ବର ରଣା, ସାମ୍ବାଦିକ ଅଜୟ ସେନାପତି, ପ୍ରଦୀପ କୁମାର ଗଉଡ, ତ୍ରିଲୋଚନ ଗଉଡ ,ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ସହିତ ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ମାନେ ତାଙ୍କର ଟିମର ଦୁଃସାହସିକ କ୍ରୀଡା ଛାତଛାତ୍ରୀମାନେ ତଥା ସମଗ୍ର ଜିଲ୍ଲା ତଥା ରାଜ୍ୟରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# କ୍ରସ୍ ଭୋଟିଂ: ସୁବିଧାବାଦୀ ରାଜନୀତିର ଚିତ୍ର

ଓଡ଼ିଶା ରାଜନୀତି ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି। ଯେଉଁଠି ନୀତି, ଆଦର୍ଶ ଏବଂ ଦଳୀୟ ଅନୁଶାସନ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତା ପାଇଁ କ୍ରସ୍ ଭୋଟିଂ ବା ଦଳୀୟ ନିର୍ଦ୍ଦେଶ ବିରୋଧରେ ଯାଇ ଭୋଟ୍ ଦେବା ଏକ ସାଧାରଣ ଘଟଣା ପାଲଟିଲାଣି। ଜଣେ ଜନପ୍ରତିନିଧି ଏକ ନିର୍ଦ୍ଦିଷ୍ଟ ଦଳର ଚିହ୍ନ, ଇସ୍ତାହାର ଏବଂ ହଜାର ହଜାର କର୍ମୀଙ୍କ ରକ୍ତଭିଜା ପରିଶ୍ରମ ବଳରେ ନିର୍ବାଚନ ଜିତିବା ପରେ ସଂସଦ ବା ବିଧାନସଭା ଭିତରେ ଦଳର ସିଦ୍ଧାନ୍ତକୁ ବଳି ଦେବା କେତେଦୂର ଯୁକ୍ତିଯୁକ୍ତ ତାହା ଆଜି ଏକ ବଡ଼ ପ୍ରଶ୍ନବାଚୀ। ଏହା କେବଳ ଏକ ରାଜନୈତିକ ନିଷ୍ପତ୍ତି ନୁହେଁ ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଏକ ଶକ୍ତ କୁଠାରଘାତ।

କୌଣସି ବି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ବିଧାୟକ ବା ସାଂସଦ ନିଜ ଦଳର ପ୍ରତିନିଧିତ୍ୱ କରିଥାନ୍ତି। ଭୋଟରମାନେ କେବଳ ସେହି ବ୍ୟକ୍ତିଙ୍କୁ ନୁହେଁ ବରଂ ସେହି ଦଳର ଚିନ୍ତାଧାରା ଏବଂ ନେତୃତ୍ୱକୁ ଦେଖି ଭୋଟ୍ ଦେଇଥାନ୍ତି। ଯେତେବେଳେ ଜଣେ ନେତା କ୍ରସ୍ ଭୋଟିଂ କରନ୍ତି ସେ କେବଳ ନିଜ ଦଳ ସହ ବିଶ୍ୱାସଘାତକତା କରନ୍ତି ନାହିଁ ବରଂ ତାଙ୍କୁ ବିଶ୍ୱାସ କରି ଜିତାଇଥିବା ହଜାର ହଜାର ଭୋଟରଙ୍କ ଆସ୍ଥାକୁ ମଧ୍ୟ ଅପମାନିତ କରନ୍ତି। ଓଡ଼ିଶା ରାଜନୀତିରେ ବିଗତ କିଛି ଦିନର ଘଟଣାବଳୀକୁ ଦେଖିଲେ ମନେହୁଏ ରାଜନୈତିକ ଆଦର୍ଶ ଏବେ କେବଳ ପୁସ୍ତକ ମଧ୍ୟରେ ସୀମିତ। ରାଜ୍ୟସଭା ନିର୍ବାଚନ ହେଉ କିମ୍ବା ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ସମୟରେ, ନେତାମାନେ ନିଜ ସୁବିଧା ଅନୁସାରେ ପାର୍ଶ୍ୱ ପରିବର୍ତ୍ତନ କରିବା ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଉଛି।

ଅନେକ ସମୟରେ କ୍ରସ୍ ଭୋଟିଂ କରୁଥିବା ନେତାମାନେ ଏହାକୁ ଅନ୍ତରାତ୍ମାର ଡାକ ବୋଲି କହି ନିଜର ଦୋଷ ଲୁଚାଇବାକୁ ଚେଷ୍ଟା କରନ୍ତି। ମାତ୍ର ପ୍ରଶ୍ନ ଉଠେ ଏହି ଅନ୍ତରାତ୍ମା କେବଳ ନିର୍ବାଚନ ସମୟରେ କିମ୍ବା ଗୁରୁତ୍ୱପୂର୍ଣ୍ଣ ଭୋଟିଂ ସମୟରେ କାହିଁକି ଜାଗ୍ରତ ହୁଏ? ବାସ୍ତବରେ ଏହି ଅନ୍ତରାତ୍ମା ପଛରେ ଥାଏ ବିପୁଳ ଅର୍ଥର କାରବାର, ପଦପଦବୀର ଲୋଭ କିମ୍ବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାରୁ ବଞ୍ଚିବାର ଭୟ। ଓଡ଼ିଶା ଭଳି ଏକ ଶାନ୍ତ ଓ ସ୍ୱଚ୍ଛ ରାଜନୀତି ପାଇଁ ଜଣାଶୁଣା ରାଜ୍ୟରେ ଏହି ଘୋଡ଼ା ବେପାର ର ପ୍ରବେଶ ଅତ୍ୟନ୍ତ ଚିନ୍ତାଜନକ। ଏହା ରାଜନୀତିକୁ ଏକ ସେବା ପରିବର୍ତ୍ତେ ଏକ ଲାଭଜନକ ବ୍ୟବସାୟରେ ପରିଣତ କରୁଛି।

ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ବିରୋଧୀ ଆଇନ ପ୍ରଣୟନ କରାଯାଇଛି। କିନ୍ତୁ ଏହାର ପ୍ରୟୋଗରେ ଥିବା ଜଟିଳତା ଓ ବିଳମ୍ବ ଅସାଧୁ ନେତାଙ୍କ ପାଇଁ କବଚ ସାଜିଛି। ଯେଉଁଠି ଦଳୀୟ ହ୍ୱିପ୍ କୁ ଅମାନ୍ୟ କରାଯାଏ ସେଠାରେ ସମ୍ପୃକ୍ତ ନେତାଙ୍କ ସଭ୍ୟପଦ ତତ୍କାଳ ରଦ୍ଦ ହେବା କଥା। ମାତ୍ର ବୈଷୟିକ କାରଣ ଓ ନ୍ୟାୟିକ ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ମାମଲା ପଡ଼ି ରହିବା ଫଳରେ ଏହି ନେତାମାନେ ନିଜର ପାଞ୍ଚ ବର୍ଷର କାର୍ଯ୍ୟକାଳ ନିର୍ଭୟରେ ଶେଷ କରୁଛନ୍ତି। ଆଇନର ଏହି ଦୁର୍ବଳତା କ୍ରସ୍ ଭୋଟିଂକୁ ଏକ ପ୍ରକାର ମାନ୍ୟତା ଦେଉଛି।

ଜଣେ ସାଧାରଣ ଭୋଟର ଖରା, ବର୍ଷାକୁ ଖାତିର ନକରି ଧାଡ଼ିରେ ଠିଆ ହୋଇ ଏହି ଆଶାରେ ଭୋଟ୍ ଦିଏ ଯେ ତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ତାଙ୍କର ଏବଂ ତାଙ୍କ ଦଳର ବିଚାରଧାରାକୁ ଆଗକୁ ନେବେ। କିନ୍ତୁ ଜିତିବା ପରେ ଯେତେବେଳେ ସେହି ନେତା ବିରୋଧୀ ଶିବିରକୁ ସମର୍ଥନ କରନ୍ତି ସେତେବେଳେ ସେହି ଭୋଟର ନିଜକୁ ପ୍ରତାରିତ ମନେ କରନ୍ତି। ଏହା ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ମନରେ ଥିବା ସମ୍ମାନ ଓ ବିଶ୍ୱାସକୁ କ୍ରମଶଃ ହ୍ରାସ କରୁଛି। ଯଦି ଏହି ଧାରା ଜାରି ରହେ, ତେବେ ଭବିଷ୍ୟତରେ ଲୋକେ ଭୋଟ୍ ଦେବାକୁ କୁଣ୍ଠାବୋଧ କରିବେ।

କେବଳ ନେତାମାନଙ୍କୁ ଦୋଷ ଦେଲେ ହେବ ନାହିଁ ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏଥିପାଇଁ ସମାନ ଭାବେ ଦାୟୀ। ନିର୍ବାଚନ ଜିତିବା ନିଶାରେ ଦଳଗୁଡ଼ିକ ଆଦର୍ଶହୀନ, ଅର୍ଥବଳ ଓ ବାହୁବଳ ଥିବା ବ୍ୟକ୍ତିଙ୍କୁ ଟିକେଟ୍ ଦେଇଥାନ୍ତି। ଯେଉଁ ନେତାଙ୍କର ନିଜ ଦଳର ନୀତି ଉପରେ ଶ୍ରଦ୍ଧା ନଥାଏ, ସେମାନେ ସୁବିଧା ପାଇବା ମାତ୍ରେ ଦଳ ଛାଡ଼ିବା ବା କ୍ରସ୍ ଭୋଟିଂ କରିବା ସ୍ୱାଭାବିକ। ତେଣୁ ଦଳଗୁଡ଼ିକୁ ପ୍ରାର୍ଥୀ ଚୟନ ସମୟରେ ନିଷ୍ଠା ଓ ପୁରୁଣା କର୍ମୀଙ୍କୁ ପ୍ରାଧାନ୍ୟ ଦେବାକୁ ପଡ଼ିବ।

ଓଡ଼ିଶା ରାଜନୀତିରେ କ୍ରସ୍ ଭୋଟିଂ କଦାପି ଯୁକ୍ତିଯୁକ୍ତ ନୁହେଁ। ଏହା ଶୃଙ୍ଖଳିତ ଗଣତନ୍ତ୍ର ପାଇଁ ଏକ ବିପଦ। ରାଜନୈତିକ ଦଳଗୁଡ଼ିକୁ ଟିକେଟ୍ ବଣ୍ଟନ ସମୟରେ ପ୍ରାର୍ଥୀଙ୍କ ଆଦର୍ଶ ଓ ନିଷ୍ଠାକୁ ପରଖିବାକୁ ପଡ଼ିବ। ସେହିପରି ଜନସାଧାରଣ ମଧ୍ୟ ଏଭଳି ସୁବିଧାବାଦୀ ନେତାଙ୍କୁ ଚିହ୍ନଟ କରିବା ସହ ଆଗାମୀ ନିର୍ବାଚନରେ ଉଚିତ ଶିକ୍ଷା ଦେବା ଆବଶ୍ୟକ। ଶେଷରେ ଦଳବଦଳ ବିରୋଧୀ ଆଇନକୁ ଅଧିକ କଠୋର ଓ ସମୟବଦ୍ଧ କରାଗଲେ ଯାଇ ଏହି ଅନୈତିକ ପରମ୍ପରାର ଅନ୍ତ ଘଟିବ। ରାଜନୀତିରେ ନୈତିକତା ହଜିଗଲେ ଶାସନ ବ୍ୟବସ୍ଥା କେବଳ ଏକ ବ୍ୟବସାୟରେ ପରିଣତ ହୋଇଯିବ।ରାଜନୀତିର ଲକ୍ଷ୍ୟ ସେବା ହେବା ଉଚିତ, ସୁବିଧା ନୁହେଁ। ଯେଉଁଦିନ ନୈତିକତା କ୍ଷମତା ଉପରେ ବିଜୟ ଲାଭ କରିବ, ସେଦିନ ହିଁ ଓଡ଼ିଶା ରାଜନୀତିରୁ ଏହି କ୍ରସ୍ ଭୋଟିଂର କଳଙ୍କ ଧୋଇ ହୋଇଯିବ।

ଅଖିଳ ତରାଇ
ଗଞ୍ଜାମ, ମୋ:୭୮୭୦୦୧୦୦୧

# ମୂଲ୍ୟବାନ ସମ୍ପଦ

ସମୟ ଏକ ତିନୋଟି ଅକ୍ଷରକୁ ନେଇ ଗଠିତ ଏକ ଶବ୍ଦ। ସେହିପରି ତିନୋଟି ଅକ୍ଷରର ଏକ ଶବ୍ଦ ହେଉଛି ମଣିଷ।ମଣିଷ ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ଯିବ ବୋଲି ଅଭିହିତ ହୁଏ।ମଣିଷକୁ ଦେଖିହୁଏ ,ଛୁଇଁ ହୁଏ ଏବଂ ଉପସ୍ଥିତି କୁ ଜାଣିହୁଏ।କିନ୍ତୁ ସମୟ ଏହିଭଳି ଏକ ଶବ୍ଦ ଏହାକୁ ଦେଖି ହୁଏନାହିଁ। ଛୁଇଁ ହୁଏନାହିଁ।

ହେଲେ ଯେଉଁମାନେ ବିଜ୍ଞ ,ପ୍ରଜ୍ଞା ପୁରୁଷ ସେହିମାନେ ଏହାର ମହତ୍ତ୍ୱକୁ ବୁଝିପାରିଥାନ୍ତି। ଏହାର ଉପସ୍ଥିତିକୁ ପରଖି ପାରିଥାନ୍ତି।ତଦ୍‌ଅନୁଯାୟୀ ଦୈନନ୍ଦିନ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳତା ପାଇଥାନ୍ତି। ଆଉ ଯେଉଁମାନେ ଏହାର ମୂଲ୍ୟ ବିଷୟରେ ଅବଗତ ହେବାରେ ବିଫଳ ହୋଇଥାନ୍ତି ତାହାହେଲେ ତାଙ୍କ ଜୀବନର ଗତିପଥଟି ଅସଜଡ଼ା ହୋଇ ଉଠିଥାଏ।ସେତେବେଳେ ମଣିଷ ଭାଗ୍ୟକୁ ଦୋଷ ଦେଇଥାଏ। ଭଗବାନଙ୍କ ସହାୟତା ମିଳିପାରିଲା ନାହିଁ ଅଭିଯୋଗ ବାଢ଼ିଥାଏ। ଏସବୁ ଭିତରେ ଆମେ ଭୁଲିଯାଇଛେ ଯେଉଁ ସମୟରେ ଯେଉଁ ନିଷ୍ପତ୍ତି ନେଇ ଆଗେଇବା କଥା ତାହା ଆମେ କରିପାରିନାହିଁ।କାରଣ ଜଣାପଡେ ନାହିଁ ସିନା, କିନ୍ତୁ ସମୟର ଗତି ଭାରି ପ୍ରଖର । ସମୟ ଗତିରେ ସବୁ ପରିବର୍ତ୍ତନ ହୋଇଯାଇଥାଏ।ଯାହାକି ଜୀବନକୁ ବେଶ ପ୍ରଭାବିତ କରିଥାଏ। ତେଣୁ କୁହାଯାଏ ସମୟ ହେଉଛି ମାନବ ଜଗତର ମହତ୍ତ୍ୱପୁର୍ଣ୍ଣ ଅଙ୍ଗ ଏବଂ ଏହା ମାନବ ଜଗତପାଇଁ ଭଗବାନଙ୍କର ସର୍ବୋତ୍ତମ ଉପହାର। ମାନବ ବ୍ୟକ୍ତିଗତ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇଥାଏ ସମୟର ଆହ୍ୱାନ କୁ ବିନିଯୋଗ କରି। ତେଣୁ ଅନୁମେୟ ହୁଏ ସେ ବ୍ୟକ୍ତି ହେଉ କି ଅନୁଷ୍ଠାନ କିମ୍ବା ସମାଜ ସମସ୍ତଙ୍କ ପାଇଁ ସମୟ ହେଉଛି ଅତ୍ୟନ୍ତ ମୂଲ୍ୟବାନ ସମ୍ପଦ। ସେଥିପାଇଁ ଇଂରାଜୀରେ କୁହାଯାଏ .'Time is Precious Wealth'.

ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର

# ମେସିନ୍ ନିର୍ଭରଶୀଳ ବିକାଶରେ ବିପଦ

ଏବେ ଏଥିରେ ସେଭଳି କୌଣସି ସନ୍ଦେହ ନାହିଁ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଦୁଇ ଧାରୁଆ ଖଣ୍ଡା ସଦୃଶ୍ୟ । ଗୋଟିଏ ଦୃଷ୍ଟିରୁ ଯଦି ଏହାକୁ ଉପଯୁକ୍ତ ନିୟମ ଓ ନୈତିକ ମାର୍ଗଦର୍ଶିକା ସହିତ ବ୍ୟବହାର କରାଯାଏ, ତେବେ ଏହା ମାନବଜାତି ପାଇଁ ଏକ ବରଦାନ ହୋଇପାରେ । ଅନ୍ୟପକ୍ଷରେ ଏହାର ଅନିୟନ୍ତ୍ରିତ ବୃଦ୍ଧି ସାମାଜିକ ଓ ନୈତିକ ଗଠନ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ ।

ମାନବ ସମାଜରେ କଣ ପ୍ରକୃତରେ କୃତ୍ରିମ ବୁଦ୍ଧିମତ୍ତାଏତେ ଆବଶ୍ୟକ ? ମଣିଷମାନେ ସେମାନଙ୍କର କାମକୁ ସରଳ କରିବା ଓ କମ ସମୟରେ ଅଧିକ କାର୍ଯ୍ୟ ସମାପ୍ତ କରିବା ପାଇଁ ମେସିନ୍ ଉଦ୍ଭାବନ କରିଥିଲେ । ଯାହା ଦ୍ୱାରା ସେମାନେ ବାକି ସମୟ ମଧ୍ୟରେ ସେମାନଙ୍କ ପ୍ରିୟଜନଙ୍କ ସହିତ ଏକ ସୁଖଦ ଜୀବନଯାପନ କରିପାରିବେ । କିନ୍ତୁ ଏହା କଳ୍ପନା କରାଯାଇ ନ ଥିଲା ଯେ ମେସିନ୍ଗୁଡ଼ିକ ଦିନେ ମଣିଷଙ୍କୁ ବଦଳାଇ ସେମାନଙ୍କ ଅସ୍ତିତ୍ୱକୁ ଚ୍ୟାଲେଞ୍ଜ କରିବ । ଯେପର୍ଯ୍ୟନ୍ତ ମଣିଷ ପ୍ରକୃତି ସହିତ ସମନ୍ୱୟରେ ରହୁଥିଲା, ସେମାନେ ଏକ ସୁଖଦ ଜୀବନ ବଞ୍ଚୁଥିଲେ । ପ୍ରକୃତିର ନିୟମ ଭାଙ୍ଗିବା ଓ ପ୍ରଯୁକ୍ତିବିଦ୍ୟାଁ ଓ ଆଭାସୀ ପରିବେଶ ସୃଷ୍ଟି କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ ସମାଜ ଅନେକ ବିପଦର ସମ୍ମୁଖୀନ ହେବା ଆରମ୍ଭ କଲା ।

ନିଶ୍ୱ ପୁରସ୍କାର ବିଜେତା ବୈଜ୍ଞାନିକ ଡେମିସ୍ ହାଉସାବିସ୍ ଯୁକ୍ତି ଦେଇଛନ୍ତି ଯେ ଯଦିଓ ଏଆଇର ବିକାଶ ସମ୍ଭାବନା ବୃଦ୍ଧି କରିଛି, ଏହା ବିପଦ ମଧ୍ୟ ଆଣିଛି । ଏଆଇର ଦୌଡ଼ରେ, କିଛି ଦେଶ କିମ୍ବା କମ୍ପାନୀ ସୁରକ୍ଷା ମାନଦଣ୍ଡକୁ ଅଣଦେଖା କରିପାରନ୍ତି । ଏହା କରିବା ଦ୍ୱାରା ମାନବଜାତି ପାଇଁ ଏହି ପ୍ରଯୁକ୍ତିବିଦ୍ୟାର ବିନାଶ ହୋଇପାରେ । ସେ ଯୁକ୍ତି ଦେଇଛନ୍ତି ଯେ ଏଆଇ କୁ ପିଲାମାନଙ୍କ ପରି ନୈତିକତା ଓ ମାନବିକତା ଶିଖାଇବା ଆବଶ୍ୟକ । ସେ ଏପରି ଏଆଇ ବିକଶିତ କରିବାକୁ ଚାହାଁନ୍ତି । ଯାହା କେବଳ ବୁଦ୍ଧିମାନ ନୁହେଁ, ବରଂ ସମ୍ବେଦନଶୀଳ ଓ ଦାୟିତ୍ୱବାନ ମଧ୍ୟ ।

ବିଶ୍ୱାସ କରାଯାଏ ଯେ ୨୦୩୦ ସୁଦ୍ଧା ମେସିନଗୁଡ଼ିକ ମଣିଷ ଅପେକ୍ଷା ଦ୍ରୁତ ଓ ଅଧିକ ଜ୍ଞାନୀ ହୋଇପାରିବେ । ସେହି ମେସିନ୍ ଆମ ଚାରିପାଖର ଦୁନିଆକୁ ଗଭୀର ଭାବରେ ବୁଝିପାରିବେ ଓ ଆମର ଦୈନନ୍ଦିନ ଜୀବନରେ ସାମିଲ ହୋଇପାରିବେ । ଏହା ମଧ୍ୟ କୁହାଯାଉଛି ଯେ ଏଆଇ ଆଗାମୀ ଦଶ ବର୍ଷ ମଧ୍ୟରେ କାଇମେରା ଗୁଡ଼ିକୁ ଦୂର କରିଦେବ । ପ୍ରଶ୍ନ ହେଉଛି, ଯଦି ଆଜିର ଡିଜିଟାଲ୍ ପରିବେଶରେ କାଇମେରାଗୁଡ଼ିକ ଯେତିକି ବିକଶିତ ହୋଇଛି, ପ୍ରାକୃତିକ ପରିବେଶରେ ଯଦି କାଇମେରାଗୁଡ଼ିକ ସେତେ ବିକଶିତ ହୋଇ ନଥାନ୍ତା, ତେବେ କ'ଣ ଏହି ରୋଗଗୁଡ଼ିକ ଉନ୍ନତ ପ୍ରଯୁକ୍ତିର ବର୍ଦ୍ଧିତ ବ୍ୟବହାର ଯୋଗୁଁ ଦେଖାଯାଇନଥାନ୍ତା । ପୂର୍ବରୁ ମେସିନଗୁଡ଼ିକୁ ସହାୟକ ଭାବରେ ବ୍ୟବହାର କରାଯାଉଥିଲା ଓ ମଣିଷ ପ୍ରାଥମିକ ଭୂମିକା ଗ୍ରହଣ କରୁଥିଲା । ତଥାପି ବର୍ତ୍ତମାନ ଏଆଇ (ଉନ୍ନତ ମେସିନ) ହେଉଛି ପ୍ରାଥମିକ ଖେଳାଳି । ମଣିଷ କେବଳ ସହାୟକ । ଫଳସ୍ୱରୂପ ମଣିଷ ଶରୀର ଓ ମନ ଉଭୟ ଦୁର୍ବଳ ହୋଇଯାଏ ।

ଏକଥା ମଧ୍ୟ କୁହାଯାଉଛି ଯେ ୨୦୩୦ ସୁଦ୍ଧା ଲକ୍ଷ ଲକ୍ଷ ଯୁବକଙ୍କ ଚାକିରି ଚାଲିଯିବ । କାରଣ ଏଆଇ ମଣିଷ ଅପେକ୍ଷା ଅଧିକ ଦକ୍ଷତାର ସହିତ କାମ କରିପାରିବ । ଏପରି ପରିସ୍ଥିତିରେ, ସମାଜରେ ଏକ ନୂତନ ପ୍ରକାରର ବିଭାଜନ ଦେଖାଦେବ । ଏକ ଅତ୍ୟନ୍ତ ବୁଦ୍ଧିମାନ ଜନସଂଖ୍ୟା ଓ ଏକ କମ୍ ବୁଦ୍ଧିମାନ ଜନସଂଖ୍ୟା । ଯନ୍ତ୍ରଗୁଡ଼ିକ ମଣିଷ ଅପେକ୍ଷା ସମ୍ପୂର୍ଣ୍ଣ ଭାବରେ କାମ କରେ, ତେଣୁ ଲୋକମାନେ ସେମାନଙ୍କୁ ଅଧିକ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ।

ଏହି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ବିଶେଷଜ୍ଞ ଓ ସେମାନଙ୍କର ଦକ୍ଷତାକୁ ଚ୍ୟାଲେଞ୍ଜ କରାଯାଉଛି । ଡାକ୍ତରଙ୍କ ବଦଳରେ ଏଆଇ ମେଡିକାଲ୍ ରିପୋର୍ଟଗୁଡ଼ିକୁ ବହୁତ ଭଲ ଭାବରେ ପରୀକ୍ଷା କରେ । ଏପରିକି ରୋଗର କାରଣ ଓ ନିର୍ଣ୍ଣୟ କହିବା ଆରମ୍ଭ କରୁଛି । ଛାତ୍ରମାନେ ଶିକ୍ଷକଙ୍କ ବଦଳରେ ଏଆଇ ଠାରୁ ଶିଖିବାକୁ ଅଧିକ ଆଗ୍ରହୀ ହେଉଛନ୍ତି । ଏଆଇ ସ୍ଥାପତ୍ୟ, ପରାମର୍ଶଦାତା, ଫ୍ୟାଶନ୍, ପ୍ରଶିକ୍ଷକ, ପ୍ରଶିକ୍ଷକ ଏପରି ମଧ୍ୟ ବ୍ୟାୟାମ ସମେତ ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବା ଆରମ୍ଭ କରିଛି ।

ଏସବୁ କାରଣ ନେଇ ଯୁବପିଢ଼ି ଭାବନ୍ତି ଯେ ସେମାନଙ୍କୁ ଆଉ ପରିବାର, ବନ୍ଧୁ କିମ୍ବା ଅନ୍ୟ କାହାର ଆବଶ୍ୟକତା ନାହିଁ । ଏଆଇ ଏହି ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିବ । ଏଆଇ ପୁରୁଣା ପିଢ଼ିର ବିଶ୍ଳେଷଣ ଓ ଭିନ୍ନ ଭାବରେ ଚିନ୍ତା କରିବାର କ୍ଷମତାକୁ ପ୍ରଭାବିତ କରୁଛି । ଉଦାହରଣ ସ୍ୱରୂପ, ସେମାନଙ୍କୁ ପ୍ରଥମେ କିଛି ଚିନ୍ତା କରିବା ଓ ଲେଖିବାକୁ ଦେବା ଆବଶ୍ୟକ। ପୂର୍ବରୁ ଆପଣଙ୍କୁ ଏହାକୁ ପଢ଼ିବାକୁ ପଡୁଥିଲା, କିନ୍ତୁ ଏବେ ଅଧିକାଂଶ ଛାତ୍ର ଓ ଯୁବକମାନେ କେବଳ ଚାଟ-ଜିପିଟ ରେ ବିଷୟ ଟାଇପ୍ କରନ୍ତି, ଓ ଏହା କିଛି ସେକେଣ୍ଡ ମଧ୍ୟରେ ଉତ୍ତର ସୃଷ୍ଟି କରେ ।

ଯଦି ମେସିନ୍ ପକ୍ଷୀଟି ଫିଟ୍ ନହୁଏ, ତେବେ ଏହା ଅନ୍ୟ ଅନେକ ବିକଳ୍ପ ପ୍ରଦାନ କରେ । ପ୍ରଶ୍ନ ହେଉଛି ଏହା ଉପସ୍ଥାପନ କରୁଥିବା ସୂଚନା ୧୦୦ % ସଠିକ୍ ହେବ କି ନାହିଁ । ସର୍ବୋପରି ଓଏହା ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଏକ କୃତ୍ରିମ ଉପକରଣ । ତେଣୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା ସ୍ପଷ୍ଟ ହୋଇଯାଏ ଯେ ଏଆଇ ଶିକ୍ଷା କ୍ଷେତ୍ରରେ ସବୁଠାରୁ ବିପଜ୍ଜନକ ପ୍ରଭାବ ପକାଉଛି । ଏହାର ବ୍ୟାପକ ପ୍ରଭାବ ଦେଖାଯାଇପାରେ, ବିଶେଷକରି ସାମାଜିକ ବିଜ୍ଞାନ କ୍ଷେତ୍ରରେ । ବ୍ୟବହାର ପାଇଁ ପ୍ରସ୍ତୁତ ସାମଗ୍ରୀ ଯୋଗାଇ ଏଆଇ ପିଲାମାନଙ୍କୁ ବନ୍ଦୀ ମନରେ ପରିଣତ କରିଛି । ଏକ ପ୍ରୋଜେକ୍ଟ ତିଆରି କରିବା, ଏକ ଆବେଦନ ଲେଖିବା, ଏକ ଆର୍ଟିକିଲ୍ ଲେଖିବା, କିମ୍ବା ଗବେଷଣା କରୁଥିବା ଗବେଷକ, ସମସ୍ତେ ଚାଟ୍, ଜିପିଟ ଓ ଅନ୍ୟାନ୍ୟ ଏଆଇ ଆପ୍ ବ୍ୟବହାର କରୁଛନ୍ତି ।

ବିଶେଷକରି ଏହା ସମୟ ବଞ୍ଚାଇବା ସହିତ, ଏହା ଛାତ୍ରଛାତ୍ରୀଙ୍କ ବିଶ୍ଳେଷଣାତ୍ମକ କ୍ଷମତା ଓ ସମାଲୋଚନାତ୍ମକ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରୁଛି । ଯଦି ସମୟ କିଛି ମୂଲ୍ୟବାନ ଜିନିଷ ପାଇଁ ସଞ୍ଚୟ କରିବା ପାଇଁ ଉଦ୍ଦିଷ୍ଟ, ତେବେ ଏହା କିଛି ପରିମାଣରେ ଯଥାର୍ଥ ହୋଇପାରେ । କିନ୍ତୁ ପିଲା ଓ ଯୁବକମାନେ ସେହି ସମୟକୁ ସେମାନଙ୍କର ସ୍ମାର୍ଟଫୋନ୍ ମାଧ୍ୟମରେ ସ୍କ୍ରୋଲ୍ କରିବା, ରିଲ୍ ତିଆରି କରିବା, ଅନଲାଇନ୍ ଗେମ୍ ଖେଳିବା ଓ ଅପରାଧରେ ମଧ୍ୟ ନିଜକୁ ନିୟୋଜିତ ହେବାରେ ବିତାଉଛନ୍ତି । ଫଳସ୍ୱରୂପ, ପିଲାମାନେ ବହୁତ କମ୍ ବୟସରେ ବିଭିନ୍ନ ପ୍ରକାରର ଗୁରୁତର ଶାରୀରିକ ଓ ମାନସିକ ରୋଗର ଶିକାର ହେଉଛନ୍ତି । ଏହା ଦେଖାଯାଉଛି ଯେପରି ଲୋକଙ୍କ ଜୀବନ ସ୍ମାର୍ଟଫୋନରେ ସଙ୍କୁଚିତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ନିକଟରେ ଜଣେ ଅବସରପ୍ରାପ୍ତ ଆଇଏସଆରଆଇ ବୈଜ୍ଞାନିକ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିଲେ । କାରଣ ସେ ଭାବୁଥିଲେ ଯେ ତାଙ୍କ ମୃତ୍ୟୁ ପରେ ତାଙ୍କ ଯତ୍ନ କିଏ ନେବ । ତାଙ୍କର ଏକମାତ୍ର ଝିଅ ଆମେରିକାରେ ବିବାହ କରିଥିଲା, ଯାହା ତାଙ୍କୁ କୌଣସି ଆଶା ଦେଇନଥିଲା । ସେହିପରି ଏକ ବୃଦ୍ଧ ଦମ୍ପତିଙ୍କ ପଚିଯାଇଥିବା ମୃତଦେହ ମୁମ୍ବାଇର ଏକ ଉଚ୍ଚକୋଟୀର ପଡ଼ୋଶୀରେ ଥିବା ସେମାନଙ୍କ ବିଳାସପୂର୍ଣ୍ଣ ବଙ୍ଗଳାରେ ମିଳିଥିଲା । ଦୁହେଁ ବିଦେଶରେ ବ୍ୟସ୍ତ ଥିବାରୁ ସେମାନଙ୍କର ବୃଦ୍ଧ ପିତା କିମ୍ବା ମାତାଙ୍କ ଯତ୍ନ ନେଇପାରିଲେ ନାହିଁ । ସେମାନଙ୍କର ଅପାର ଧନ ଥିଲା, କିନ୍ତୁ ସମୟ ନଥିଲା । ଏହି ଘଟଣାଗୁଡ଼ିକରେ ପରିବାରଗୁଡ଼ିକ ପ୍ରତ୍ୟେକ ଦୃଷ୍ଟିରୁ ସମୃଦ୍ଧ ଥିଲେ, କିନ୍ତୁ ପରିବାର ସଦସ୍ୟଙ୍କ ମଧ୍ୟରେ ଭାବପ୍ରବଣ ଆସକ୍ତି ଓ ଯୋଗାଯୋଗର ଅଭାବ ଥିଲା । ଯେତେବେଳେ ବୃଦ୍ଧ ପିତାମାତାଙ୍କ ଅନ୍ତିମ ସଂସ୍କାର ଅପରିଚିତ ବ୍ୟକ୍ତିମାନେ କରନ୍ତି, (ଯେପରି ସେମାନେ ପରିତ୍ୟକ୍ତ ହୋଇଯାଆନ୍ତି) ସେତେବେଳେ ଏପରି ଭୌତିକ ସମୃଦ୍ଧି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତିର କଣ ଲାଭ ଅଛି ?

ଏହି କାରଣରୁ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ଭଲ ଶିକ୍ଷା ପ୍ରଦାନ କରିପାରନ୍ତି ? କ'ଣ ସେମାନେ ସେମାନଙ୍କର ଭବିଷ୍ୟତ ଗଢ଼ିବା ପାଇଁ ନିଜ ଜୀବନର ପ୍ରତ୍ୟେକ ଇଚ୍ଛାକୁ ବଳିଦାନ ଦେଇପାରନ୍ତି ? ଏଆଇ ନିର୍ଦ୍ଦେଶିତ ମେସିନଗୁଡ଼ିକ କାର୍ଯ୍ୟ ସମୟ ହ୍ରାସ କରିପାରେ, ଯାହା ଦ୍ୱାରା ଲୋକମାନେ ସେମାନଙ୍କ ପରିବାର ସହିତ ଅଧିକ ସମୟ ବିତାଇପାରିବେ । କିନ୍ତୁ ଏହା କେତେ ସମ୍ଭବ ? ଏଆଇ ସିଷ୍ଟମଗୁଡ଼ିକ ବ୍ୟକ୍ତିଗତ ତଥ୍ୟକୁ ସାର୍ବଜନୀନ କରିଛି, ଯାହା ଗୋପନୀୟତା ସମସ୍ୟା ସୃଷ୍ଟି କରିଛି । ସମାଜରେ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତା ଯୋଗୁଁ, ଲୋକମାନଙ୍କୁ ଏଆଇ ସିଷ୍ଟମର ଲାଭ ଉଠାଇବା ପାଇଁ ବୈଷୟିକ ଜ୍ଞାନ ଓ ସମ୍ବଳର ଆବଶ୍ୟକତା ଅଛି, ଯାହା ସମାଜରେ ଅନ୍ୟ ପ୍ରକାରର ଅସମାନତାକୁ ବୃଦ୍ଧି କରିପାରେ ।

ତେଣୁ ଲୋକଙ୍କୁ ଏଆଇ ଓ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ଜ୍ଞାନ ପ୍ରଦାନ କରିବା ସହିତ, ସେମାନଙ୍କୁ ଏହା ସୃଷ୍ଟି କରୁଥିବା ବିପଦ ବିଷୟରେ ମଧ୍ୟ ସଚେତନ କରାଯିବା ଉଚିତ୍ । ସରକାର ଓ ପ୍ରଶାସନକୁ ଏଆଇ ପ୍ରଣାଳୀଗୁଡ଼ିକର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକ , ଯାହା ଦ୍ୱାରା ଏହା ସୁରକ୍ଷିତ ଓ ସମାନ ହେବ । ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଉନା କାହିଁକି, ଏହା ମଣିଷକୁ ବଦଳାଇପାରିବ ନାହିଁ । ପ୍ରାକୃତିକ (ପ୍ରକୃତ) ବୁଦ୍ଧିମତ୍ତା କୃତ୍ରିମ ବୁଦ୍ଧିମତ୍ତା ବିକଶିତ କରିବାର ସମ୍ଭାବନା ରଖିଛି । କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା କେବେବି ପ୍ରକୃତ ବୁଦ୍ଧିମତ୍ତା ସୃଷ୍ଟି କିମ୍ବା ପ୍ରତିସ୍ଥାପନ କରିପାରିବ ନାହିଁ । ତଥାପି ଏହା ନିଶ୍ଚିତ ଭାବରେ ମାନବ ଜୀବନ ପାଇଁ ବିପଦ ଓ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ତେଣୁ ଏହାକୁ ସମୟୋଚିତ ଭାବରେ ନିୟନ୍ତ୍ରଣ କରାଯିବା ଆବଶ୍ୟକତା ରହିଛି...!!!

**ଡକ୍ଟର ଲକ୍ଷ୍ମଣ ସାହୁ**
**ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**

# ଶବ ସହ ରାତି

ମଣିଷର ମୃତ୍ୟୁ ପରେ ଭୂତ ହେଲେ କଣ କରିବି ବୋଲି ଭାବନାର ମନଟିଏ ସମସ୍ତଙ୍କ ଭିତରେ ଥାଏ ।ସେମିତି ଭୟ ବି ଥାଏ ଭୂତ ହେବାକୁ । ପୁଣି ଭୂତ ହୋଇ କିଏ ଡରାଏ କାହାକୁ ଠିକ ଯେମିତି ଜମି ଧାରରେ ଠିଆ ହୋଇ ପାଳଭୂତ କୁ ଡରୁଥାଆନ୍ତି ଅନେକ ଧାନ ଶସ୍ୟ ଖାଇ ନଷ୍ଟ କରୁଥିବା ପଶୁ, ପକ୍ଷୀ ଓ ସରୀସୃପ ଗଣ ।ସେଦିନ ପଢିଥିବା ସେଇ ଯୁବକ ଚାରିଜଣଙ୍କ କଥା ମନେ ପକାଉଥିଲେ ତୃଷ୍ଣା । ଡାକ୍ତରଖାନାରେ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଯିବା ପରେ ସେ ଚାରିଜଣ ଯୁବକ ଜଗିରହିଥିଲେ କ୍ୟାବିନ ଭିତରେ ଶବଟିକୁ । ସକାଳ ପାହିଲେ ଗାଁରୁ ଅନ୍ୟମାନେ ଆସିବେ । ଶବବାହାକ ଗାଡି ଡକା ହେଲା ପରେ ଶବକୁ ପ୍ରଥମେ ଗାଁକୁ ନିଆଯିବ ତା ପରେ ଶେଷକୃତ୍ୟ ସମ୍ପର୍ଣ୍ଣ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯିବ । ଶବ ଶହ ରାତି କଟେଇବାକୁ ଚାରି ଯୁବକ ତାସ ଖେଳି ବସିଲେ । ଜଣଙ୍କର ଆଖି ଶବ ଉପରେ ପଡ଼ନ୍ତେ ସେ ଦେଖିଲେ ଶବ ତକିଆ ଉପରୁ ହାତେ ଉଚ୍ଚ ରେ ଶୂନ୍ୟରେ ମୁଣ୍ଡ ରଖି ଯେମିତି ଶୁନ୍ୟ ଦୃଷ୍ଟି ମେଲି ଚାହିଁଛନ୍ତି ଉପରକୁ । ଧଳା ଚାଦର ଖସିପଡ଼ିଛି ମୁହଁ ରୁ ତ ଯୁବକ ଜଣକ କାହାକୁ କିଛି ନକହି ଉଠିଗଲେ ବାହାରକୁ । ବହୁସମୟ ଯାଏଁ ନଫେରିବାରୁ ଅନ୍ୟ ତିନି ଯୁବକ ଯାହା ଯେମିତି କରି ସମୟ କଟାଉ କଟାଉ ଆଉ ଜଣେ ଅର୍ଥାତ ଦ୍ୱିତୀୟ ଯୁବକ ଦେଖିଥିଲେ ଶବର ସ୍ଥିତି । ସେ ହାତେ କଣ ଅଣ୍ଟା ଯାଏଁ ଉଠି ବସିଥିଲେ ତ ଭୟ ପାଇ ସେ ମଧ୍ୟ ବାହାରୁ ଆସୁଛି କହି ଚାଲିଯିବା ପରେ ଆଉ ବଳକା ଦୁଇଜଣ ଯୁବକ ପରସ୍ପର ମଧ୍ୟରେ କଥା ବାର୍ତ୍ତା କରୁ କରୁ ତୃତୀୟ ଯୁବକଙ୍କ ଦୃଷ୍ଟି ଶବ ଉପରେ ପଡିବାରୁ ସେ ମଧ୍ୟ ସେହି ଦୃଶ୍ୟ ଦେଖି ସାରିବା ପରେ ବାହାନା କରି ବାହାରକୁ ଚାଲିଆସିବା ପରେ ଚତୁର୍ଥ ଯୁବକ ଦେଖିଲେ ଶବ ହୋଇଥିବା ଲୋକଟି ବସିଛି ଖଟ ଉପରେ ତ ଭୟ ରେ ସେ ସେଇଠି ହାର୍ଟ ଫେଲ କରି ମରିଯାଇଥିଲେ । କଥାଟା ଗଭୀର ରେଖାପାତ କରିଥିଲା ତୃଷ୍ଣାଙ୍କ ମନରେ । ବିସ୍ଲେସଣ କରି ସେ ଭାବନ୍ତି ପ୍ରଥମ ଯୁବକ ହୁଅନ୍ତୁ ବା ଦ୍ୱିତୀୟ କି ତୃତୀୟ ତାଙ୍କର ଭୂତମନ ଯୋଗୁଁ ସେମାନେ ଡାକ୍ତର ନଡାକି, ଅନ୍ୟମାନଙ୍କୁ ନକହି ଚାଲିଗଲେ ସିନା,ସେମିତି ଯିବାର ନଥିଲା । ଚତୁର୍ଥ ଯୁବକ ହଠାତ ସେହି ଦୃଶ୍ୟର ସାମ୍ନା କରିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ସତ କିନ୍ତୁ ଯଦି ଭୂତ ମନ ପରିବର୍ତ୍ତେ ଧୈର୍ଯ୍ୟ, ସାହାସ, ଶକ୍ତି ସଞ୍ଚୟ କରି ଡାକ୍ତର ବା ଡାକ୍ତରୀ ଷ୍ଟାଫଙ୍କ ସହାୟତା ନେଇଥାନ୍ତେ ଜାଣିପାରିଥାନ୍ତେ ନିଶ୍ଚୟ ପ୍ରକୃତ ଭୂତ ଅବା ସମ୍ପର୍କୀୟ ୟକ୍ତି ବଞ୍ଚିଛନ୍ତି ନା ଅନ୍ୟ କିଛି ବୈଜ୍ଞାନିକ କାରଣ ନିହିତ!ପଛରେ ଡାକ୍ତର କହିଥିଲେ କଉ ମାଛ ଓ ଚୁଙ୍ଗୁଡ଼ି ମାଛ ତଥା ରତା ମାଗୁର ଭଳି ଅନେକ ପାଣି ମାଛ ଓ ଚୁଙ୍ଗୁଡ଼ି ସବୁ କେଳା ସରି ଧୁଆ ସରିବା ପରେ ଲୁଣ ଓ ହଳଦୀ ଗୋଳା ସହ ଗରମ କଡେଇରେ ଗରମ ତେଲ ରେ ପଡି ମଧ୍ୟ ବଙ୍କେଇ ଯାଆନ୍ତି ତଥା ଉଠିବସନ୍ତି । ସେହିଭଳି ଘଟଣାଟିଏ ମାତ୍ର ଏହା କିନ୍ତୁ ନିଜର ଭୂତମନ ଯୋଗୁଁ ଆଜି ଚତୁର୍ଥ ଯୁବକର ମୃତ୍ୟୁ ହୋଇଥିଲା । ତା ସାଙ୍ଗମାନଙ୍କର ଓ ଖୋଦ ନିଜର ଭୂତ ଭୟ ଡର ମନ ଯୋଗୁଁ ।ଏସବୁ ତର୍ଜମା ପତ୍ନୀ ତୃଷ୍ଣାଙ୍କ ମୁହଁରୁ ଶୁଣି ସ୍ୱାମୀ ଅଖିଳେଶ କହୁଥିଲେ ସେହି ଭୂତମନ ଯୋଗୁଁ ତ ମୁଁ ଆଉ ସନ୍ଧ୍ୟା ପରେ ବାଇକ ନେଇ କୁଆଡେ ଯାଉନି । ଆଗରୁ ଓ ପଛରୁ ଆସୁଥିବା ଗାଡି ଲାଇଟ ପଡି ବାଟ ଦେଖାଆଯିବନି ।ତ ଆଖିକୁ ଦେଖାଯାଉନି ବୋଲି ମନ ଭୂତ ପାଲଟିବ ଓ ଆକ୍ସିଡେଣ୍ଟ ହୋଇ ଭୂତ ହେବାକୁ ପଡିବ । ସେଇଥିପାଇଁ ତ ଆଜିକାଲି ଶନି କି ରବିବାରରେ ତୁମେ ଯେତେ କହିଲେ ମଧ ମୁଁ ପୁରୀ ଯାଉନି । ତାର କାରଣ କିଣା କିଣି ଓ ଶଶୁର ଘର ବୁଲାବୁଲି ସାରି ଫେରୁ ଫେରୁ ସନ୍ଧ୍ୟା ହୋଇଯିବ ତ ଭୂତ ଭୟ ମନ ବାଇକ ଚଳେଇବାକୁ ଅସମର୍ଥ ହେବ । କଣ ଯେ ତୁମେ କୁହ ବୋଲି ସ୍ୱାମୀ ଅଖିଳେଶଙ୍କୁ କହି ସ୍ତ୍ରୀ ତୃଷ୍ଣା ଚାଲିଲେ ଛାତ ଉପରକୁ ।

ସକାଳେ ଓ ସନ୍ଧ୍ୟାରେ ଛାତ ଉପରକୁ ତୃଷ୍ଣାଙ୍କର ଆସିବାର କାରଣ ତ ଅନେକ । ସେଗୁଡିକ ସବୁ ଭିତରୁ ଘର ଆଗରେ ଥିବା ଝଙ୍କାଳିଆ ବରଗଛ ସହିତ ତୁଳସୀ ଚଉରା ପୂଜନ, ଫୁଲ ଗଛ କୁଣ୍ଡ ସଫା ସହିତ ସେମାନଙ୍କୁ ଜଳ ପ୍ରଦାନ, ପକ୍ଷୀମାନଙ୍କ ପାଇଁ ରଖିଥିବା ପାଣି ପାତ୍ର ବଦଳେଇ ନୂଆ ପାଣି ପରିବର୍ତ୍ତନ ଭିତରୁ ପକ୍ଷୀଙ୍କ ଗତି ଧି ଲକ୍ଷ କରି ହଳଦୀ ବସନ୍ତ, ନୀଳକଣ୍ଠି, ଶୁଆଙ୍କ ଉପସ୍ଥାପନ ସହ ସେମାନଙ୍କୁ ଦର୍ଶନ ର ଶାନ୍ତି ରେ ମଣିଷ ଭିତରେ ଥିବା ଭୂତ ମନ ଦୂରେଇ ଯାଇ ଆନନ୍ଦ ପ୍ରାପ୍ତି ହୁଏ ତୃଷ୍ଣାଙ୍କର । ସହଜେ ଏଇ କେଇଦିନ ହେଲାଣି କାଳବୈଶାଖି ପ୍ରଭାବରେ ଅଳ୍ପ ଖରା ଓ ଅଳ୍ପ ଛାଇ ସହ ପାଗ ମେଘୁଆ ରହୁଥିବାରୁ ଆକ୍ଲେଶରେ ଠା କରି ହୁଏ ହଳଦୀ ବସନ୍ତମାନଙ୍କର ଉଡାଣ ସାଙ୍ଗକୁ ନୀଳକଣ୍ଠି ଓ ଶୁଆଙ୍କର ଗମନା ଗମନ ଆକାଶରେ । ସେମାନଙ୍କୁ କଣ ଶୋଷ ଲାଗେନି!ଉଡି ଆସି ତୃଷ୍ଣା ରଖିଥିବା ସ୍ୱଚ୍ଛ ଓ ଥଣ୍ଡା ଜଳରୁ ମୁନ୍ଦେ ଲେଖାଏଁ ଥଣ୍ଟ ବୁଡେଇ ପିଅନ୍ତେନି!ତାଙ୍କୁ ପାଖରେ ଦେଖିବା ଲୋଭ ପୁରଣ ହୋଇପାରନ୍ତା ତୃଷ୍ଣାଙ୍କର । କାଉଟିଏ କିନ୍ତୁ ପିଉଥାଏ ଜଳ । କାହାକୁ ଡରୁନଥାଏ ମାନେ ଅନ୍ୟାନ୍ୟ ବଣି, ପାରା, ଚଟିଆ ପକ୍ଷୀ ମାନେ ତୃଷ୍ଣାଙ୍କ ଉପସ୍ଥିତି ଅନୁଭବ କରି ପାଣି ପିଇବାକୁ ଆସୁନଥିବା ବେଳେ କାଉ ଆସୁଥାଏ । ତୃଷ୍ଣା ସେତେବେଳେ ଠା କରୁଥାନ୍ତି ହଳଦବସନ୍ତ, ଶୁଆ, ନୀଳକଣ୍ଠି ପରି ପକ୍ଷୀ ସମୂହଙ୍କୁ । ସୂର୍ଯ୍ୟଙ୍କ ଅଳ୍ପ ତେଜ ତଥା ଅଳ୍ପ ଖରା ଓ ଛାଇରେ ପକ୍ଷୀମାନଙ୍କ ସ୍ୱର, ଉଡାଣ ଓ ଗତି ଲକ୍ଷ କରି ମନ ପସନ୍ଦର ପକ୍ଷୀ ଦେଖି ପାରୁଥିବା ବେଳେ ତୃଷ୍ଣା ବୁଝିଯାଆନ୍ତି ସୂର୍ଯ୍ୟଙ୍କ ତେଜ ରେ ଆଖି ଝଲସି ଯାଇ ପକ୍ଷୀ ଅର୍ଥାତ ହଳଦୀ ବସନ୍ତ ପରି ଓ ଶୁଆ ଇତ୍ୟାଦି ପକ୍ଷୀ ଦେଖାଯାଉନଥିବା ପରି ରାସ୍ତା ଦେଖାଯାଏନା ସ୍ୱାମୀଙ୍କୁ ସନ୍ଧ୍ୟା ପରେ । ଯେହେତୁ ଆଗ ଓ ପଛରୁ ଲାଇଟ ବା ଆଲୋକ ପଡୁଥାଏ । ଭୂତମନ ବୋଲି କିନ୍ତୁ କାହିଁକି କହୁଥିଲେ ଅଖିଳେଶ ଭାବି ହେଉ ହେଉ ହଠାତ ଜଳ ପାନ କରି ଉଡିଯାଉଥିବା କାଉଟି ଘର ଆଗରେ ଶାଖା ପ୍ରଶାଖା ମେଲାଇ ବରଗଛଟିର ଉପର ଡ଼ାଳରେ ବସି ପଡ଼ୁ ପଡ଼ୁ ଢ଼ୋ କରି ଶବ୍ଦ ହୋଇ ଖସିପଡ଼ିଥିଲା ତଳକୁ ଶବ ହୋଇ । ଏବେ ଛାତକୁ ଆସିଲେ ପକ୍ଷୀ ଦେଖିବା ବଦଳରେ ତୃଷ୍ଣାଙ୍କୁ ଦେଖାଯାଏ ସତେ ଯେମିତି କାଉଟି ଭୂତ ମନ ନେଇ ପାଣି ପିଇ ଚାଲିଛି । ନହେଲେ ସେ ଜଳଭରା ପାତ୍ରରେ ଆଉ କୋଉ ପକ୍ଷୀ ପାଣି ନପିଇବାର କାରଣ କଣ ହୋଇପାରେ!ସ୍ୱାମୀ ଅଖିଳେଶ ଯେତେ କହୁଥିଲେ ଯେ ତାହା ଅନ୍ୟ ପକ୍ଷୀମାନଙ୍କର ଡର । ସେଦିନ କାଉ ସବୁ ଘେରିଯିବା ଓ କା କା କା ରାବ ଦେଇ ଚକର କାଟିବା ଦୃଶ୍ୟରେ ତୃଷ୍ଣାଙ୍କ ଭୂତମନ ଛାନିଆଁ ହେଉଥିଲା ତ ଅଖିଳେଶ ଚିଠି କରି ଇଲେକ୍ଟ୍ରିକ୍ଅଫିସକୁ ବାରମ୍ବାର ଦୌଡ଼ି ଦୌଡ଼ି ଇଲେକ୍ଟ୍ରିକ୍ତାର ଅନ୍ୟତ୍ର ଟାଣିବାର ବ୍ୟବସ୍ଥା କରିଥିଲେ । ପାଣି ପଛେ ନପିଅନ୍ତୁ କିନ୍ତୁ କରେଣ୍ଟରେ ମରି କେହି ପକ୍ଷୀ ଯେମିତି ଭୂତ ନହୁଅନ୍ତୁ ବୋଲି ଭାବୁଥିବା ଅଖିଳେଶ ଦେଖୁଥିଲେ ଅତି ଶ୍ରଦ୍ଧାରେ ଡାଳ ସବୁକୁ ଜଳ ପୂର୍ଣ୍ଣ କରି ତୃଷ୍ଣା ଉଡିଯାଉଥିବା କାଉମାନଙ୍କୁ ନମସ୍କାର କରି ଚାଲିଛନ୍ତି । ଏହା ସ୍ତ୍ରୀଙ୍କର ଭୂତମନ ବୋଲି ଅନୁଭବ କଲେ ମଧ୍ୟ ସ୍ଥାନ କାଳ ପାତ୍ର ଜଗି ପାଟି ଖୋଲି କହୁନଥିଲେ କିଛି । ତୃଷ୍ଣା କିନ୍ତୁ ଅନେକ ରାତି ଶୋଇପାରୁନଥିଲେ କାଉ ଘଟଣାରେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ,ପୁରୀ**

# ମୋବାଇଲ୍ ମାୟାଜାଲରେ ହଜିଯାଇଛି ବାସ୍ତବ ଦୁନିଆ

ପରିବର୍ତ୍ତନ ହେଉଛି ସଂସାରର ନିୟମ। ସମୟ ସହିତ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଦିନେ ଏମିତି ଏକ ସମୟ ଥିଲା, ଯେତେବେଳେ ଖରାଛୁଟି କିମ୍ବା ପୂଜାପର୍ବ ହେଲେ ପିଲାମାନେ ମାମୁଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ବ୍ୟଗ୍ର ହେଉଥିଲେ। ସାଙ୍ଗସାଥୀଙ୍କ ମେଳରେ ଭୋଜିଭାତ, ଯାନିଯାତ୍ରା ଏବଂ ଖେଳକୁଦ ମାଧ୍ୟମରେ ମନକୁ ସତେଜ ରଖିବାର ପରମ୍ପରା ଥିଲା। ମାତ୍ର ଆଜିର ବିଜ୍ଞାନ ଯୁଗରେ ସେହି ସାମାଜିକ ମିଳାମିଶାର ସ୍ଥାନ ନେଇଛି ଏକ କ୍ଷୁଦ୍ର ଯନ୍ତ୍ର, ଯାହାକୁ ଆମେ ମୋବାଇଲ୍ ଫୋନ୍ ବୋଲି କହୁଛୁ।

ଆଜି ମୋବାଇଲ୍ ଫୋନ୍ କେବଳ ଏକ ଯନ୍ତ୍ର ହୋଇ ରହିନାହିଁ, ବରଂ ଏହା ଆମ ଜୀବନର ଏକ ଅଙ୍ଗ ପାଲଟି ଯାଇଛି। ବସିବା, ଶୋଇବା, ରୋଷେଇ କରିବା କିମ୍ବା ଖାଇବା ସମୟରେ ମଧ୍ୟ ଫୋନ୍ ଆମ ହାତ ପାହାନ୍ତାରେ ରହୁଛି। ପୂର୍ବରୁ ଯେଉଁ ମନୋରଞ୍ଜନ ପାଇଁ ପଡ଼ିଆରେ ଖେଳକୁଦ ବା ବାହାରକୁ ବୁଲିବାକୁ ଯିବାକୁ ପଡୁଥିଲା, ଏବେ ତାହା ମୋବାଇଲ୍ ସ୍କ୍ରିନ୍ ଭିତରେ ସୀମିତ ହୋଇଯାଇଛି। ଆଜିର ଯୁବପିଢ଼ି ଶାରୀରିକ କସରତ ଭୁଲି ଦିନକୁ ୮ ରୁ ୧୫ ଘଣ୍ଟା ସ୍କ୍ରିନ୍ ଟାଇମ୍‌ରେ ଅତିବାହିତ କରୁଛନ୍ତି। ଖେଳପଡ଼ିଆକୁ ଯିବା ଅପେକ୍ଷା ଛାତ ଉପରେ କିମ୍ବା ଗଛ ଉପରେ ଚଢ଼ି ୫-ଜି ନେଟୱାର୍କ ଖୋଜି ଅନଲାଇନ୍ ଗେମ୍ ଖେଳିବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଖବରକାଗଜ ପଢ଼ିବା ପାଇଁ ମଧ୍ୟ ଇ-ପେପରର ସାହାଯ୍ୟ ନିଆଯାଉଛି।

ମୋବାଇଲ୍ ଫୋନର ଆବିଷ୍କାର ଦୂରରେ ଥିବା ବ୍ୟକ୍ତିଙ୍କ ସହ କଥା ହେବା ପାଇଁ ହୋଇଥିଲା, ମାତ୍ର ଆଜି ସେହି ଉଦ୍ଦେଶ୍ୟ ଗୌଣ ହୋଇଯାଇଛି। ଏବେ ମୋବାଇଲ୍ ଫୋନ୍ ଭିତରେ ସମଗ୍ର ଦୁନିଆ ଆବଦ୍ଧ। ଫଟୋ ଉଠାଇବା, ସର୍ଫିଂ କରିବା, ବହି ପଢ଼ିବା, କ୍ୟାଲେଣ୍ଡର ଦେଖିବା, ଭାଗ୍ୟ କୁଣ୍ଡଳୀ ବିଚାର କରିବା ଠାରୁ ଆରମ୍ଭ କରି ଟ୍ରାଭେଲ୍ ଟିକେଟ୍ ଓ ପେମେଣ୍ଟ ପର୍ଯ୍ୟନ୍ତ ସବୁକିଛି ଚୁଟକିରେ ହୋଇଯାଉଛି। ଏତେ ସବୁ ସୁବିଧା ପାଇବା ପରେ ମଣିଷ ବାହାର ଦୁନିଆ ପ୍ରତି ବିମୁଖ ହେବା ସ୍ୱାଭାବିକ।ମାତ୍ର ଏହି ଅହେତୁକ ନିର୍ଭରଶୀଳତା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଯଦି କେବେ ଫୋନରେ ଚାର୍ଜ ନଥାଏ, ନେଟୱାର୍କ କଟିଯାଏ କିମ୍ବା ଫୋନ୍ ଖରାପ ହୋଇଯାଏ, ତେବେ ମଣିଷକୁ ଲାଗୁଛି ଯେମିତି ସେ ନିଃସଙ୍ଗ ହୋଇଯାଇଛି। ସେହି ସମୟରେ ଅନୁଭବ ହେଉଛି ଯେମିତି କୌଣସି ଆତ୍ମୀୟଙ୍କ ବିୟୋଗ ଘଟିଛି କିମ୍ବା ନିଜ ଶରୀରର କୌଣସି ଅଙ୍ଗ କଟିଯାଇଛି।

ଥରେ ଗଭୀର ଭାବେ ଚିନ୍ତା କରନ୍ତୁ, ଏହି ଅତ୍ୟଧିକ ନିର୍ଭରଶୀଳତା ପରେ ଯଦି କୌଣସି କାରଣ ବଶତଃ ମୋବାଇଲ୍ ଫୋନ୍ ସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଯାଏ, ତେବେ ଆମର ସ୍ଥିତି କଣ ହେବ? ଯେଉଁ ସମାଜ ଆଜି ପ୍ରତିଟି କାମ ପାଇଁ ଗୋଟିଏ କ୍ଲିକ୍ ଉପରେ ନିର୍ଭର କରୁଛି, ସେ ପୁଣିଥରେ ବାସ୍ତବ ଜୀବନର ସାଧାରଣ ଧାରାକୁ ଫେରିପାରିବ ତ? ହୁଏତ ସେତେବେଳେ ଆମକୁ ପୁଣିଥରେ ଚିଠି ଲେଖିବା, ବହିର ପୃଷ୍ଠା ଓଲଟାଇବା ଏବଂ ମଣିଷ ସହ ସଚକ୍ଷୁରେ କଥା ହେବା ପାଇଁ ସଂଘର୍ଷ କରିବାକୁ ପଡ଼ିପାରେ। ଏହି ପ୍ରଶ୍ନ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଚେତାବନୀ।

ବିଜ୍ଞାନର ବରଦାନ ଭାବେ ମୋବାଇଲ୍ ଫୋନ୍ ଆମକୁ ଅନେକ ସୁବିଧା ଦେଇଛି ସତ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଆମକୁ ଆତ୍ମୀୟତା ଏବଂ ସାମାଜିକ ଜୀବନରୁ ଦୂରେଇ ନେଉଛି। ଆମେ ଯନ୍ତ୍ରର ଦାସ ନହୋଇ ଏହାକୁ ସୀମିତ ଭାବେ ବ୍ୟବହାର କରିବା ଶିଖିବା ଜରୁରୀ। ଯଦି ଆମେ ଆଜିଠାରୁ ବାସ୍ତବ ଦୁନିଆ ସହ ସମ୍ପର୍କ ଯୋଡ଼ିବା ନାହିଁ, ତେବେ ଭବିଷ୍ୟତରେ ମୋବାଇଲ୍ ବିନା ଆମର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିବ। ଜୀବନର ପ୍ରକୃତ ସ୍ୱାଦ ମୋବାଇଲ୍ ସ୍କ୍ରିନ୍ ଭିତରେ ନୁହେଁ, ବରଂ ବାସ୍ତବ ଦୁନିଆର ମିଳାମିଶା ଏବଂ ପ୍ରକୃତିର ସାନିଧ୍ୟରେ ହିଁ ମିଳିଥାଏ।

**ହୃଷୀକେଶ ପାଣିଗ୍ରାହୀ**
ଠିକଣା: ଶିକ୍ଷକ ଶିକ୍ଷା ବିଭାଗ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଶିବିର ଉଦଯାପିତ



ମାଲକାନଗିରି, ୨୮।୫(ଆନିସ): ମାଲକାନଗିରି ଜନତା ପାର୍ଟି (ବିଜେପି) ପକ୍ଷରୁ ମାଲକାନଗିରି ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନର ସମାପନ ହୋଇଛି । ଭାଜପା ସଙ୍ଗଠନ କୁ ତୃମୂଳସ୍ତରରେ ଅଧିକ ମଜବୁତ୍ କରିବା ଓ ବୁଥସ୍ତର ରୁ ସକ୍ରିୟ କରବା ପାଇଁ ଏହି ପ୍ରସିକ୍ଷଣ ବା ତାଲିମ ଶିବିର ଆୟୋଜିତ ହୋଇଥିଲା । ପ୍ରଶିକ୍ଷଣ ଶିବିର କୁ ମୁଖ୍ୟ ଅତିଥି ତଥା ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ଏହି ଦୁଇ ଦିନିଆ ଶିବିରରେ ଜିଲ୍ଲା ସଭାପତି, ସାଂସଦ, ବିଧାୟକ, ଦଳୀୟ ନେତା ଓ ସମସ୍ତ ମଣ୍ଡଳର କର୍ମୀ ଏହି ପ୍ରସିକ୍ଷଣ । ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସେଗୁଡ଼ିକ ମଧ୍ୟରେ ମୁଖ୍ୟ ବିଷୟ ଗୁଡିକ ହେଲା ଭାରତୀୟ ଜନତା ପାର୍ଟିର ଇତିହାସ ଓ ବିଚାରଧାରା,ବୈଚାରିକ ଅଧିଷ୍ଠାନ ଓ ଦଳୀୟ ରୀତିନୀତି,ବୁଥ୍ ପ୍ରବନ୍ଧନ ଓ ସଂଗଠନ, ସୁଦୃଢ଼ୀକରଣ ସାମାଜିକ ଗଣମାଧମର ସଠିକ୍ ବ୍ୟବହାର ,କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକାର୍ଯ୍ୟ ବିସ୍ତାର ଏବଂ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଭଳି ୧୨ଟି ସତ୍ର ରହିଥିବା ବେଳେ ଏହି ସମସ୍ତ ବିଷୟ ଉପରେ ରାଜ୍ୟରୁ ଆସିଥିବା ଅଭିଜ୍ଞ ପ୍ରଶିକ୍ଷକମାନେ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରମୁଖ ଅତିଥି ଓ ନେତୃବୃନ୍ଦଙ୍କ ଉପସ୍ଥିତି ରେ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ରାଜନେତା ଓ ଦଳୀୟ ପଦାଧିକାରୀ ସାମିଲ ହୋଇଥିଲେ, ଜିଲ୍ଲା ସଭାପତି ଅଶୋକ ପରିଡା, ସାଂସଦ ବଳଭଦ୍ର ମାଝୀ ,ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ନରସିଂହ ମାଡକାମି ,ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ଗଙ୍ଗାଧର ସୋଡି ,ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସାଂସଦ ପରଶୁରାମ ମାଝୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା,ପୂର୍ବତନ ବିଧାୟକ ଡ଼ମ୍ବରୁ ଶୀଶା ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକ ପ୍ରତିନିଧି ନିହାର ରାୟ କାର୍ଯ୍ୟକ୍ରମ ପରିଚାଳନା ସହ ଏହି ସମଗ୍ର ପ୍ରଶିକ୍ଷଣ ଶିବିରକୁ ସଫଳ କରିବାରେ ଜିଲ୍ଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ ,ନବଘନ ଲୋକେଇ ସହଯୋଗ କରି କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା କରିଥିଲେ । ପରିଶେଷରେ ଦଳୀୟ ରଣନୀତି ଉପରେ ଆଲୋକପାତ କରି କର୍ମୀଙ୍କୁ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା ଯେ ଲୋକଙ୍କ ସହ ଯୋଡ଼ିହେବା ସହ ପ୍ରତ୍ୟେକ କର୍ମୀ ଗ୍ରାମାଞ୍ଚଳକୁ ଯାଇ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା ଲୋକଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ତାର ସମାଧାନ ପାଇଁ ଚେଷ୍ଟା କରାଯିବା ଯୋଜନାର ପ୍ରଚାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଞ୍ଚାଇବାକୁ କୁହାଯାଇଛି । ପରିଶେଷରେ ସାଂସଦ ଶ୍ରୀ ମାଝୀ ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ଓ ପୌରାଞ୍ଚଳ ନିର୍ବାଚନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଏହି ଦୁଇ ଦିନିଆ ପ୍ରସିକ୍ଷଣ ଶିବିରରେ ବିଜେପିକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ପାଇଁ ଏହି ଶିବିର ସାରା ରାଜ୍ୟରେ ଆୟୋଜନ କରାଯାଉଛି ବୋଲି ଦଳ ପକ୍ଷରୁ କୁହାଯାଇଛି ଏହି ପ୍ରସିକ୍ଷଣ ଶିବିରରେ ୧୫୦ ଉର୍ଦ୍ଧ୍ୱ ସକ୍ରିୟ ବିଜେପି କର୍ମୀ ଯୋଗଦେଇଥିଲେ ।

# ପେପର ମିଲ ପାଇଁ ବିଜୁ ଜନତା ଦଳର ରବି ନନ୍ଦ କଲେ ୧୨ ଘଣ୍ଟିଆ ଜୟପୁର ବନ୍ଦ



ଜୟପୁର, ୨୮।୫ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଥିବା ଏକ ମାତ୍ର ସେବା କାଗଜ କଳ କାରଖାନାକୁ ତୁରନ୍ତ ଚାଲୁ କରିବା ଦାବିରେ ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କର୍ମକର୍ତ୍ତା ମହିଳା ବିଜୁ ଜନତା ଦଳ, ବିଭିନ୍ନ ସଂଘର କର୍ମକର୍ତ୍ତା ସହ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା ଏହା ଶତ ପ୍ରତିଶତ ସଫଳ ହୋଇଛି। ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ରେ ପୂର୍ବତନ ରାଷ୍ଟ୍ର ମନ୍ତ୍ରୀ ରବି ନାରାୟଣ ନନ୍ଦ, କୋରାପୁଟ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରାସାଦ ମିଶ୍ର , ଧର୍ମେନ୍ଦ୍ର ଅଧିକାରୀ, ଈଶ୍ୱର ବାଗ,ବିଜୁ ଜନତା ଦଳର ମହିଳା ନେତ୍ରୀ ଡ ଇନ୍ଦିରା ନନ୍ଦ, ଶିଳ୍ପା ପାଣି, ଏବଂ ସେୱା କାଗଜ କଳ କାରଖାନାର ମହିଳା ଶ୍ରମିକ ମାନେ ୪ ଚକିଆ ଯାନଠୁ ଆରମ୍ଭ କରି ୧୨ ଚକିଆ ଭାରି ଯାନ ର ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ,ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସହରରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ରହିଛି ଜୟପୁର ସହରର ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ମାର୍ଗ, ରଘୁନାଥ ମନ୍ଦିର ଛୋକ,ଏମ.ଜି ରୋଡ୍, ଗାନ୍ଧି ଛୋକ , ସଙ୍ଗୀତ ହୋଟେଲ୍ ଛୋକ ସହରର ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ଛକରେ ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ସାମିଲ୍ ହୋଇ ଆଜିର ଏହି ୧୨ ଘଣ୍ଟିଆ ବନ୍ଦ୍ କରି ବର୍ତ୍ତମାନର ଡବଲ୍ ଇଞ୍ଜିନର ସରକାରଙ୍କ ଠାରେ ଦାବୀ କରିଥିଲେ ସେବା କାଗଜ କଳ କାରଖାନା ଚାଲୁ ହେଉ ଓ ୨୦୨୪ ମସିହାରୁ ବନ୍ଦ ପଡ଼ିଥିବା କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ କର୍ମଚାରୀଙ୍କ ବକେୟା ପାଉଣା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ସହରର ବିଭିନ୍ନ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସମ୍ବେଦନଶୀଳ ସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କେବଳ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଯାହା ବିଜୁ ଜନତା ଦଳର ଅଧୀନରେ ଅଛି ତାହାକୁ ବନ୍ଦ କରିବାକୁ ବିଜେଡି କର୍ମୀ ମାନଙ୍କୁ କସରତ କରିବାକୁ ପଡ଼ିଥିଲା ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି ବିଜୁ ଜନତା ଦଳରେ ଫାଟ ରହିଛି। ପେପର ମିଲ ଚାଲୁ କରିବାକୁ ସମସ୍ତ ସଂଗଠନ ଏବଂ ଜୟପୁର ବିଜୁ ଜନତା ଦଳକୁ ସମର୍ଥନ କରୁଥିବା ବେଳେ ଇଡ ଉଲ ଜୁହା ଗୁରୁବାର ଦିନ ଲୁଗା ବ୍ୟବସାୟୀ ସୁନା ବ୍ୟବସାୟୀ ଦୋକାନ ଏହି ବନ୍ଦ ଆହୁରି ଅଧିକା ସଫଳ କରିଥିଲା। ସ୍ଥାନୀୟ କିଛି ବୁଦ୍ଧିଜୀବିଙ୍କ ମାଓ୍ୱେ ନେବାର ପେପର ମିଲର କିଛି ଶ୍ରମିକ ନେତା ମିଲ କର୍ତୃପକ୍ଷଙ୍କ ଠାରୁ ଆପ୍ୟାୟିତ ହୋଇ ନିଜ ସନ୍ତାନକୁ ବିଦେଶରେ ପାଠ ପୋଢ଼ାଉ ଥିବା ଏବଂ ଅନେକ ବହୁତଳ ପ୍ରାସାଦ ନିର୍ମାଣ କରିଥିବା ସହ ଗୁଡ଼ାଏ ବାସ ଉପିଯୋଗି ପ୍ଲଟ ନିଜ ପରିବାର ନାମରେ ରଖିଥିବା ଯୋଗୁଁ ଆଜି ପେପର ମିଲର ଏହି ଦୁରା ଅବସ୍ଥା ବୋଲି ସାଧାରଣରେ ମତ୍ତ ପ୍ରକାଶ ପାଇଛି।

# ଡେଙ୍ଗୁ, ମ୍ୟାଲେରିଆ ଓ ଜ୍ୱର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ



ଜୟପୁର , ୨୮।୫ (ଆନିସ): ଧାଡି ଗ୍ରାମର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଅଧୀନରେ ଥିବା ଚନ୍ଦୁଆ ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ ଓ ଋତୁକାଳୀନ ଜ୍ୱର ପ୍ରତିରୋଧ ପାଇଁ କୋରାପୁଟ ଜିଲ୍ଲା ଜୟପୁର ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ, ପ୍ରୟାସରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ଋତୁକାଳୀନ ରୋଗର ଭୟାବହତା ଓ ତାହାର ପ୍ରତିରୋଧ ଉପାୟ ବିଷୟରେ ଜଣାଯାଇଥିଲା। ''ଆମ ଗ୍ରାମ, ଆମ ଦାୟିତ୍ୱ'' ବାର୍ତ୍ତା ସହ ଲୋକମାନଙ୍କୁ ଘର ଚାରିପାଖ ସଫା ରଖିବା, ଜମା ପାଣି ହଟାଇବା, ମଶାଦାନୀ ବ୍ୟବହାର କରିବା ଏବଂ ଜ୍ୱର ହେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବାକୁ ପ୍ରେରିତ କରାଯାଇଥିଲା।

ଗୋଡିହଞ୍ଜୋର ଓ ବାଲେଲ ଗ୍ରାମ ପଞ୍ଚାୟତର ଗାଗଡ଼ ସାଥୀ ଏହି ପଥପ୍ରାନ୍ତ ନାଟକକୁ ଜୀବନ୍ତ କରିଥିଲେ। ପାୟଲ ଖୋରା, ବୁନି ବଦନାୟକ, ସବିତା କିର୍ସାନି, ଲକ୍ଷ୍ମୀ ସିସା ଓ ରଶ୍ମିତା ଖିଲ ଙ୍କ ସଶକ୍ତ ଅଭିନୟ ଓ ସଚେତନତାମୂଳକ ସନ୍ଦେଶ ଗ୍ରାମବାସୀଙ୍କୁ ଆକର୍ଷିତ କରିଥିଲା। ଗୀତ ଓ ସଂଳାପ ମାଧ୍ୟମରେ ସେମାନେ ଏକ ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଥିଲେ ''ସଚେତନତା ହିଁ ସୁରକ୍ଷା''।

ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ଶିଶୁ ଏବଂ ବୃଦ୍ଧମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେମାନଙ୍କୁ ପୋଷଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଋତୁକାଳୀନ ରୋଗ ସମୟରେ କେମିତି ସତର୍କ ରହିବା ଉଚିତ ସେଥିପାଇଁ ପରାମର୍ଶ ଦିଆଯାଇଥିଲା।

କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଙ୍ଗନୱାଡ଼ି କର୍ମୀ କମଳା ଖେମୁଣ୍ଡୁ, ଆଶା କର୍ମୀ ଦୋମୁଣି ଡାରଲି, ଗ୍ରାମର ଯୁବକମାନେ ଓ ୱାର୍ଡ ସଦସ୍ୟ ରାମ ଖିଲଙ୍କ ସକ୍ରିୟ ସହଯୋଗ ଏହି ପ୍ରୟାସକୁ ଅଧିକ ସଶକ୍ତ କରିଥିଲା। ଅନୁଷ୍ଠାନର ଲମତାପୁଟ ବ୍ଲକ ଟିମର ନିରଜ ବେନ୍ୟା ଙ୍କ ସହ ଦୂତିୟା ଗୌଡ଼, ପୁଷ୍ପା ଖରା, ରାଜଲକ୍ଷ୍ମୀ ବେହେରା ଓ ସସ୍ମିତା ପ୍ରଧାନଙ୍କ ନିରନ୍ତର ପ୍ରୟାସ ଓ ସମନ୍ୱୟ ଏହି କାର୍ଯ୍ୟକ୍ରମକୁ ସଫଳତା କରିଥିଲା।ଗ୍ରାମବାସୀମାନେ ମଧ୍ୟ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ ଏବଂ ଆଗାମୀ ଦିନରେ ଗ୍ରାମକୁ ସଫା, ସୁସ୍ଥ ଓ ରୋଗମୁକ୍ତ ରଖିବା ପାଇଁ ସାମୁହିକ ଭାବେ କାମ କରିବାର ସଂକଳ୍ପ ନେଇଥିଲେ। ଏପରି ସଚେତନତା କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବା ସହ ସାମୁଦାୟିକ ଦାୟିତ୍ୱବୋଧକୁ ଆହୁରି ମଜବୁତ କରୁଛି।

# ଘୁ.ଉଦୟଗିରିରେ ମନୋରଞ୍ଜନ ଓ ମନ ମୋହିବା ମୀନାବଜାର



ଘୁ.ଉଦୟଗିରି, ୨୮।୫ (ଆନିସ):କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରେ ଅଳ୍ପ କିଛି ଦିନ ହେବ ଠାକୁରାଣୀ ଯାତ୍ରା ସରିଥିବା ବେଳେ ଏବେ ମନୋରଞ୍ଜନ ପାଇଁ ଜିଲ୍ଲାର ପ୍ରମୁଖ ସହର ଘୁ.ଉଦୟଗିରିରେ ମଙ୍ଗଳବାର ଆରମ୍ଭ ହୋଇ ଉଦଘାଟିତ ହୋଇଛି ମୀନାବଜାର।ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନଏସି ଅଧକ୍ଷ ପି.ସଞ୍ଜୀବ କୁମାର ପାତ୍ର ଯୋଗଦେଇ ଜୟ ଶ୍ରୀରାମ ଏଣ୍ଟରପ୍ରାଇଜର୍ସ ଟୁରିଷ୍ଟ ମୀନାବଜରକୁ ଉଦଘାଟନ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ,ରୁଦ୍ରକାଳୀ ପରିଚାଳନା କମିଟି ଅଧିକାରୀ ଜବାହରଲାଲ (ଲାଲୁ ) ପରିଛା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ବାରିକ ନଗର କଂଗ୍ରେସ ସଭାପତି ଜାକି ନାୟକ,ସାମ୍ବାଦିକ ଦୁର୍ଗାମାଧବ ପଟ୍ଟନାୟକ,ଏନ ରାଜୁ ରାଓ ଓ ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ମେନେଜର ସଦାଶିବ ସା ପରିଚାଳନା କରିବା ସହ ରାମଦୋଳୀ,ବ୍ରେକ ଡ୍ୟାନ୍ସ, ମିକି ମାଉସୀ,ହେଲିକେପଟର ଏବଂ ପିଲମାନଙ୍କ ପାଇଁ ଆକର୍ଷଣୀୟ ଖେଳ ହରେକମାଲ ଓ ମଥୁରା କେକ ବେସ ଆକର୍ଷଣ ହେବ ବୋଲି କହିଛନ୍ତି

# ଅଳ୍ପକେ ବର୍ତ୍ତିଲା ଘର ପରିବାର କିନ୍ତୁ ଗାଡି ଉପରେ ଆମ୍ବ ଗଛ ପଡିଲା ଗାଡି ଚୁରମାର



ତେନ୍ତୁଳୀଖୁଣ୍ଟି, ୨୮।୫ (ଆନିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ପଂଚାୟତ ର କୁର୍ମାକୋଟ ଗ୍ରାମହରିଜନ ସାହି ବସୁଧା ପାଣି ଟେଙ୍କ ନିକଟରେ ଥିବା ବହୁ ପୁରାତନ ଆମ୍ବ ଗଛ ଆଜି ମଧ୍ୟାହ୍ନରେ ପବନରେ ଆମ୍ବ ଗଛଟି ପଡି ଯାଇଥିଲା । କିନ୍ତୁ ଭଗବାନଙ୍କ ଦୟାରୁ ଆମ୍ବ ଗଛଟି ଘର ମାଲିକ କୋକିଳ କରକୋରା ଙ୍କ ଘର ଉପରେ ପଡି ନ ଥିଲା କିନ୍ତୁ ତାଙ୍କ ମୋଟର ସାଇକେଲ ଉପରେ ପଡି ଯାଇଛି ଗାଡିଟି ପୁରା ଚେପା ହୋଇଯାଇଛି । ଯଦି ଘର ଉପରେ ପଡିଥାଆନ୍ତା ତାହାହେଲେ ଧନ ସହ ଜୀବନ ମଧ୍ୟ ଯିବାର ଆଶଙ୍କା ଥିଲା । ସାଙ୍ଗେ ସାଙ୍ଗେ ଅଗ୍ନିଶମ ବାହିନୀ ଆସି ଗଛ କାଟି ଗାଡି ଉଦ୍ଧାର କରିଥିଲେ କିନ୍ତୁ ଗାଡି ଆଉ ଚାଲିବାର ଯ ଗ୍ୟ ନାହିଁ ବୋଲି ଚର୍ଚ୍ଚା ହେଉଛି । ଗରିବ ଲୋକ ହୋଇଥିବାରୁ ତାକୁ ସାହାଯ୍ୟ କରିବ କିଏ ବୋଲି ଗ୍ରାମରେ ଚର୍ଚ୍ଚା ହେଉଛି ।

# ଏମ୍ ଭି ୬୬ ଗ୍ରାମ ନିକଟରୁ ୬୫୦ କେଜି ଗଞ୍ଜେଇ ଜବତ

କାଲିମେଳା,୨୮।୫(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି -୬୬ ଅଞ୍ଚଳରେ କାଲିମେଳା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୬୫୦ କିଲୋ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଯାଇଥିବା ଜଣାପଡ଼ିଛି । ଅଭିଯୁକ୍ତ ସାରିଗାଟା ଗ୍ରାମର ଅବସ୍କଣ୍ଡର ନାଗେଶ ସିରୁଗୁରୁ (୩୦) ବୋଲି ପୁଲିସ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଏମଭି -୬୬ ଅଞ୍ଚଳରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହରେ ଯାଞ୍ଚ କରିବା ସହ ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ଏନେଇ କାଲିମେଳା ଥାନା କେସ୍ ନମ୍ବର ୧୨୩/୨୬ ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।



## ସରକାରୀ ସହାୟତାରୁ ବଞ୍ଚିତ ୮୦ ବର୍ଷୀୟ ଭିନ୍ନକ୍ଷମ ଋଷି କୁଲେଶିକା
# ଆଧାର କାର୍ଡ ନଥିବାରୁ ମିଳୁନି ଭତ୍ତା, ଆବାସ ଓ ସରକାରୀ ସୁବିଧା



ମୁନିଗୁଡା,୨୮।୫(ଆନିସ) ଡିଜିଟାଲ ଭାରତ ଓ ଅନ୍‌ଲାଇନ୍ ବ୍ୟବସ୍ଥାର ଢୋଲ ପିଟୁଥିବା ସରକାରୀ ପ୍ରଣାଳୀ ଏବେ ଗରିବ, ବୟସ୍କ ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। ଆଖି ସ୍କାନ ଓ ବାୟୋମେଟ୍ରିକ୍ ବିଫଳତା ଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ମୁନିଗୁଡ଼ା ବ୍ଲକ ରଘୁବାରି ପଞ୍ଚାୟତ ପାଟଣା ଗ୍ରାମର ୮୦ ବର୍ଷୀୟ ଭିନ୍ନକ୍ଷମ ବୃଦ୍ଧ ଋଷି କୁଲେଶିକାଙ୍କ ଘଟଣା ଏହି ବ୍ୟବସ୍ଥାର ନିଷ୍ଠୁର ଚିତ୍ରକୁ ପୁଣିଥରେ ସାମ୍ନାକୁ ଆଣିଛି।

ପରିଣତ ବୟସରେ ଋଷି କୁଲେଶିକା ଶାରୀରିକ ଭାବେ ଅସକ୍ଷମ ହୋଇପଡ଼ିଛନ୍ତି। ତାଙ୍କ ଆଖିକୁ ଭଲଭାବେ ଦେଖାଯାଉନଥିବା ବେଳେ କାନକୁ ମଧ୍ୟ ଠିକ୍‌ରୁପେ ଶୁଣାଯାଉନାହିଁ। ବାୟୋମେଟ୍ରିକ୍ ଓ ଆଖି ସ୍କାନ ନ ହେବାରୁ ସେ ଏପର୍ଯ୍ୟନ୍ତ ଆଧାର କାର୍ଡ ପାଇପାରିନାହାନ୍ତି। ଫଳରେ ବୃଦ୍ଧାଭତ୍ତା ସହ ବିଭିନ୍ନ ସରକାରୀ ଯୋଜନାରୁ ସେ ବଞ୍ଚିତ ହୋଇ ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି।

ରହିବା ପାଇଁ ପକ୍କା ଘର ଖଣ୍ଡେ ନଥିବାରୁ ଏକ ଭଙ୍ଗା ଦଦରା କୁଡିଆ ଘରେ ଅନ୍ଧାର ମଧ୍ୟରେ ଦିନ କାଟୁଛନ୍ତି ବୃଦ୍ଧ ଋଷି। ସରକାରୀ ସହାୟତା କହିଲେ ମାତ୍ର ୫ କିଲୋ ଚାଉଳ ପାଉଥିବା ବେଳେ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ଅନ୍ତ୍ୟୋଦୟ ଯୋଜନାରେ ୩୫ କିଲୋ ଚାଉଳ ଯୋଗାଇ ଦିଆଯାଇଥିଲା। ତେବେ ଏହାପରେ ମଧ୍ୟ ସ୍ଥାୟୀ ସହାୟତା ପାଇଁ କୌଣସି ତତ୍ପରତା ଦେଖାଯାଇନଥିବା ଅଭିଯୋଗ ହେଉଛି। ସବୁଠାରୁ ଦୁଃଖଦ ବିଷୟ ହେଲା, ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରେ ଋଷି କୁଲେଶିକା ୩ ହଜାର ୫୦୦ ଟଙ୍କା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ସୁଦ୍ଧା ଆଧାର କାର୍ଡ ନଥିବାରୁ ଟଙ୍କାଟିଏ ବି ପାଉନାହାନ୍ତି। ଏହି ଘଟଣା ଗଣମାଧ୍ୟମରେ ପ୍ରସାରଣ ହେବା ପରେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖାଯାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭିନ୍ନକ୍ଷମତା ଯୋଗୁ ସେ ନିଜେ କୌଣସି କାର୍ଯ୍ୟାଳୟକୁ ଯାଇପାରୁନଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠିଛି।

କେବଳ ଋଷି କୁଲେଶିକା ନୁହେଁ, ମୁନିଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଅନେକ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତି ଆଖି ସ୍କାନ ଓ ବାୟୋମେଟ୍ରିକ୍ ସମସ୍ୟା ଯୋଗୁ ସରକାରୀ ସୁବିଧା ପାଇବାରେ ବିଫଳ ହେଉଥିବା ଅଭିଯୋଗ ଆସୁଛି।

ଡିଜିଟାଲ ବ୍ୟବସ୍ଥା ଲୋକଙ୍କ ସୁବିଧା ପାଇଁ ହେଉଥିବା ବେଳେ ଏହା ଏବେ ଅନେକ ଅସହାୟ ଲୋକଙ୍କ ପାଇଁ ଅଭିଶାପ ପାଲଟିଥିବା ଚର୍ଚ୍ଚା ହେଉଛି। ସରକାର ଓ ପ୍ରଶାସନ ଏଭଳି ବୟସ୍କ ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ସହ ଘରେ ପହଞ୍ଚି ଆଧାର ପଞ୍ଜିକରଣ, ଭତ୍ତା ଓ ଆବାସ ଯୋଜନାର ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ଜୋର ଧରିଛି।

## ଡେରାଗୁମ୍ମାରେ ଜଳକଷ୍ଟ ଚରମରେ
# ନଳକୂପ ନଥିବାରୁ ଚୁଆ ପାଣି ଭରସା
## ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ଗ୍ରାମବାସୀ



ମୁନିଗୁଡା,୨୮ । ୫(ଆନିସ) ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ଦେଖାଦେଇଛି ଉତ୍କଟ ଜଳକଷ୍ଟ।ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ପ୍ରବଳ ଖରା, ଅସହ୍ୟ ଗରମ ଓ ଗୁଳୁଗୁଳି ମଧ୍ୟରେ ଗ୍ରାମବାସୀ ପାଣି ଟୋପାଏ ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଛନ୍ତି। ଗ୍ରାମରେ ନଳକୂପ ନଥିବାରୁ ଲୋକମାନେ ଚୁଆ ଓ ଶୁଖିଯାଉଥିବା କୁଅ ପାଣି ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଏହାଫଳରେ ଗ୍ରାମରେ ଝାଡା, ବାନ୍ତି ଭଳି ଜଳଜନିତ ରୋଗ ବଢ଼ୁଥିବା ଅଭିଯୋଗ ହୋଇଛି।

ଡେରାଗୁମ୍ମା ଗ୍ରାମରେ ଉପର ଡେରାଗୁମ୍ମା ଓ ତଳ ଡେରାଗୁମ୍ମା ନାମରେ ଦୁଇଟି ସାହି ରହିଛି। ଉପର ସାହିରେ ୭ ପରିବାରର ପ୍ରାୟ ୩୦ ଜଣ ଏବଂ ତଳ ସାହିରେ ୯ ପରିବାରର ପ୍ରାୟ ୪୦ ଜଣ ଲୋକ ବସବାସ କରୁଛନ୍ତି। ମୋଟ ପ୍ରାୟ ୭୦ ଜଣ ଲୋକ ବସବାସ କରୁଥିଲେ ମଧ୍ୟ ଗ୍ରାମରେ ଗୋଟିଏ ମଧ୍ୟ ନଳକୂପ ନଥିବାରୁ ଲୋକମାନେ ଚରମ ଅସୁବିଧାରେ ଜୀବନ ବିତାଉଛନ୍ତି।ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ନମିଳିବାରୁ ଉପର ସାହିର ବାସିନ୍ଦାମାନେ ନିଜ ଖର୍ଚ୍ଚରେ ଏକ କୁଅ ଖନନ କରିଥିଲେ। ଦୀର୍ଘଦିନ ଧରି ସେହି କୁଅ ପାଣି ନିତ୍ୟ ବ୍ୟବହାର କରୁଥିଲେ ମଧ୍ୟ ଖରାଦିନ ଯୋଗୁଁ ଏବେ କୁଅର ପାଣି ଶୁଖିଯାଇଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁନଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି।ସେହିପରି ତଳ ଡେରାଗୁମ୍ମା ସାହିର ଅବସ୍ଥା ମଧ୍ୟ ସମାନ ରହିଛି। ନଳକୂପ ନଥିବାରୁ ସାହିବାସୀ ପ୍ରାୟ ଅଧ କିଲୋମିଟର ଚାଲି ଏକ ନାଳ ନିକଟରେ ଥିବା ଚୁଆରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଫଳରେ ଦୁଇ ସାହିର ଲୋକମାନେ ବିଭିନ୍ନ ସମୟରେ ଝାଡା, ବାନ୍ତି ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏନେଇ ପଞ୍ଚାୟତ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଗ୍ରାମରେ ନଳକୂପ ସ୍ଥାପନ ସହ ଶୁଦ୍ଧ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ସୁମନ୍ତ ମାଝୀ ,ନୀଳ ମାଝୀ ,ମାଙ୍ଗଦେଇ ମାଝୀ ,ମିଡି ମାଝୀ ,ରେଗେଡି ମାଝୀ ,ସବିତା ମାଝୀ,ସୀତା ମାଝୀ ,ଶ୍ରୀମତୀ ମାଝୀ ,ରିଙ୍ଗ ମାଝୀ ,ରତେ ମାଝୀ ପ୍ରମୁଖ ଦାବି କରିଛନ୍ତି।



# ଭତ୍ତା ନପାଇ ଭତ୍ତାହିତାଧିକାରୀ ହିନସ୍ତା

## ବ୍ୟାଙ୍କ ଜରିଆରେ ନୁହେଁ,ପଞ୍ଚାୟତ ଜରିଆରେ ଭତ୍ତା ଦିଆଯାଉ

ଓଡ଼ଗାଁ ୨୮/୦୫(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଭତ୍ତା ପାଉଥିବା ହିତାଧିକାରୀମାନେ ୨ ମାସ ଧରି ଭତ୍ତା ନପାଇ ହିନସ୍ତା ହେଉଥିବା ଅଭିଯୋଗ ହୋଇଛି। ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା କିମ୍ବା ଭିନ୍ନକ୍ଷମ ହିତାଧିକାରୀଙ୍କୁ ପ୍ରତି ମାସରେ ନିୟମିତ ଭତ୍ତା ପ୍ରଦାନ କରାଯାଉଥିବା ଯୋଗୁଁ ସେମାନେ ସେହି ଟଙ୍କା ଖର୍ଚ୍ଚ କରି କିଏ ନିଜର ଗୁଜୁରାଣ ମେଣ୍ଟାଉଥିଲେ ତ ଅନ୍ୟ କେହି ଔଷଧ କିଣି ଜୀବନ ବଞ୍ଚାଇଥିଲେ। ଏବଂ ଅନ୍ୟ ଯେଉଁମାନେ ରହିଲେ ସେମାନେ ନିଜ ପରିବାରର ଅନ୍ୟ ମାନଙ୍କ ପାଇଁ ଦୁଇ ପଇସା ଖର୍ଚ୍ଚ କରୁଥିବାରୁ ସେମାନେ ପରିବାର ପାଇଁ ଗ୍ରହଣୀୟ ହୋଇପାରିଥିଲେ।ଗତ ଅପ୍ରେଲ ଏବଂ ଚଳିତ ମେ ମାସର ବର୍ତ୍ତମାନ ସୁଦ୍ଧା ୨ ମାସର ଭତ୍ତା ମିଳିନଥିବାରୁ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଭତ୍ତାହିତାଧିକାରୀ।

ପ୍ରକାଶ ଥାଉକି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି) ସିଧାସଳଖ ଲାଭ ସ୍ଥାନାନ୍ତର(ଡିବିଟି) ପ୍ରକ୍ରିୟାରେ ସଂଶୋଧନ ଆଣିବା ନିମନ୍ତେ ମେ ମାସରେ ଏକାବେଳକେ ୨ ମାସର ଭତ୍ତା ମିଳିବ ବୋଲି ଗତ ତା୨୮/୦୪/୨୦୨୬ରିଖରେ ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଏବେ ମାସ ସରିବାକୁ ବସିଲାଣି ହେଲେ ଏପର୍ଯ୍ୟନ୍ତ ଭତ୍ତା ଟଙ୍କା ମିଳିନଥିବାରୁ ଭତ୍ତାହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟ ପକ୍ଷରେ ବୃଦ୍ଧ, ବୃଦ୍ଧା ଅଥବା ପକ୍ଷାଘାତ ପୀଡ଼ିତ ଭିନ୍ନକ୍ଷମ ମାନଙ୍କ ଆଙ୍ଗୁଠି ଚିହ୍ନ ଆସୁନଥିରୁ ଅନେକ ସମୟରେ ସେମାନଙ୍କୁ ବ୍ୟାଙ୍କରୁ ଭତ୍ତା ଟଙ୍କା ମିଳୁନାହିଁ।ଫଳରେ ଉକ୍ତ ଟଙ୍କା ହିତାଧିକାରୀର ମୃତ୍ୟୁ ପର୍ଯ୍ୟନ୍ତ ବ୍ୟାଙ୍କରେ ପଡ଼ି ରହୁଛି।ତାହା ହିତାଧିକାରୀମାନଙ୍କ କାମରେ ଆସୁନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ତେବେ ବର୍ତ୍ତମାନ କେବଳ ଓଡ଼ଗାଁ କିମ୍ବା ନୟାଗଡ଼ ଜିଲ୍ଲାରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ଏପରି ସମସ୍ୟା ଦେଖିବାକୁ ମିଳିଛି। ତେଣୁ ଖୁବ୍ ଶିଘ୍ର ପଞ୍ଚାୟତ ମାଧ୍ୟମରେ ଭତ୍ତା ଦିଆଯାଉ ବୋଲି ଦାବି ହେଉଛି।

# ପ୍ରଚଣ୍ଡ ରୌଦ୍ରତାପରେ ଦହି ପଣା ବାଣ୍ଟିଲେ କୁନି କୁନି ପିଲା



ପାରଳାଖେମୁଣ୍ଡି, ୨୮।୫ (ଆନିସ): ପ୍ରବଳ ରୌଦ୍ରତାପ ଯୋଗୁଁ ପାଣି ପାଇଁ ସମସ୍ତ ପଥଚାରୀ ଡହଳ ବିକଳ ହେଉଥିବା ବେଳେ ସମସ୍ତଙ୍କ ଦୁଃଖ କିଛିମାତ୍ରାରେ ଲାଘବ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଡ୍ଡୀ ଓ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ। ଗତ ସପ୍ତାହରେ ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିବା ପରେ ଆଜି ସେହି କ୍ରମରେ ପାରଳାଖେମୁଣ୍ଡିର ଯୁବ ର୍ଗଙ୍କୁ ଏକତ୍ରିତ କରି ଫରେଷ୍ଟ ଗେଟ ନିକଟରେ ଏକ ବିଶାଳ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜିଲ୍ଲା ବନ ଅଧିକାରୀ କେ. ନାଗରାଜୁ, ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ କରିବା ସହ ସମସ୍ତ ବଣ୍ଟନ କାର୍ଯ୍ୟ ଶେଷ ପରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ ଓ ଆଜିର ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ବିଶେଷ ଭାବେ ଏହି ପଣା ବଣ୍ଟନ ସମୟରେ କୁନି କୁନି ପିଲାଙ୍କ ଦ୍ୱାରା ପଥଚାରୀଙ୍କୁ ପଣା ବଣ୍ଟନ କରିବା ସମସ୍ତଙ୍କ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରେରିତ କରିବା ସହ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଟି.ଶ୍ରୀକାନ୍ତ, ବସନ୍ତ ନାଇଡୁ, ପ୍ରଶାନ୍ତ ପ୍ରଧାନ, ଜେ ବୈକୋନ୍ତ ରାଓ, ଏ ରବି, ବିକ୍ରମ ନାଇଡୁ ଓ ପି. ସନ୍ତୋଷ ଓ ସହଯୋଗୀମାନଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲା।

ସେହିପରି ପରେ ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଲୋକନାଥ ମିଶ୍ର, କୈଳାଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ଯଥାସମ୍ଭବ ସହଯୋଗର ହାତ ବଢାଇଥିଲେ ଓ ଶ୍ରୀ ରେଡ୍ଡୀଙ୍କର ଏହି କାର୍ଯ୍ୟକୁ ବିଶେଷ ପ୍ରଶଂସା କରିଥିଲେ ।

# କାଟେଣୀଠାରେ "ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ



ଢେଙ୍କାନାଳ, ୨୮।୫(ଆନିସ): ଆଜି ସଂପୂର୍ଣ୍ଣା ବିକାଶ ମଞ୍ଚ ଓ ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ହିନ୍ଦୋଳ ଆନୁକୁଲ୍ୟରେ କୁନୁଆ ପଞ୍ଚାୟତର କାଟେଣୀଠାରେ "ବିଶ୍ୱ ଋତୁସ୍ରାବ ସ୍ୱଛତା ଦିବସ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣା ବିକାଶ ମଞ୍ଚର ଆବାହିକା ତଥା ଜନତା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଧୀମତୀ ସୋନା ନାଏକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଭାବେ ଧୀମତୀ ଉର୍ମିଳା ମିଶ୍ର, ଶିକ୍ଷୟିତ୍ରୀ,ଧୀମତୀ କଳାବତୀ ବୌଦ୍ଧ,ଉପ ସଭାପତି ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ହିନ୍ଦୋଳ,ଗୋଲାପ ନାଏକ, ସମାଜ ସେବୀ, ଧୀମତୀ ପ୍ରଭାତୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ,ଧୀମତୀ ମଧୁସ୍ମିତା ପ୍ରିୟଦର୍ଶିନୀ, ସମାଜ ସେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଧୀମୀ ଗୌରୀଲତା ନାଏକ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ପଦ୍ମିନୀ ନାଏକ, ଢେଙ୍କାନାଳ ଯୋଗଦାନ କରି ମହିଳା ମାନଙ୍କ ସାମାଜିକ ଅଧିକାର, ସାମ୍ବିଧାନିକ ଓ ଆଇନଗତ ଅଧିକାର ସଂପର୍କରେ ଆଲୋଚନା କରିଥିଲେ। ମହିଳାମାନଙ୍କର ଋତୁସ୍ରାବ ଏକ ଜୈବ ପରିବର୍ତ୍ତନ ଓ ଏହାକୁ ଲୋକମାନେ ଏକ କଳଙ୍କ, ଅସ୍ପୃଶ୍ୟତା ଭାବେ ପାଳନ କରୁଛନ୍ତି।ଏ ସମୟରେ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସଚେତନତା ଅବଲମ୍ବନ କରାଯିବା ଉଚିତ୍।ମାତ୍ର ସମୟକ୍ରମେ ଏହା ଏକ ଅନ୍ଧବିଶ୍ୱାସ ପାଖଣ୍ଡବାଦ ଭାବେ ଦଣ୍ଡାୟମାନ।ଋତୁ ସମୟରେ କୁମାରୀ ଝିଅମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିବା, ମହିଳା ମାନଙ୍କୁ ଅଛୁଆଁ ହୀନମନ୍ୟତା ଭାବି ମହିଳା ମାନଙ୍କଠାରୁ ଖାଦ୍ୟ,ପାଣି ଗ୍ରହଣ,ପୂଜା ପାଠ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଦରକାରୀ ଭାବେ ଗ୍ରହଣ କରାଯାଇଛି।ଏହି କଳଙ୍କିତ ଅଧ୍ୟାୟକୁ ବନ୍ଦ୍ କରି ମହିଳା ମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା କରିବା ଆବଶ୍ୟକ। ଏହାକୁ ଲଜ୍ଜା ବା ଅପମାନ ଭାବରେ ଗ୍ରହଣ ନକରି ଏକ ପ୍ରାକୃତିକ ପ୍ରକ୍ରିୟା ଭାବେ ଗ୍ରହଣ କରିବା ଉଚିତ। ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ଆଗକୁ ଆସି ଅନ୍ଧବିଶ୍ୱାସ, କୁସଂସ୍କାରକୁ ବିରୋଧକରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରହଣ କରିବା ଉଚିତ। ବିଶ୍ୱ ଋତୁସ୍ରାବ ସ୍ୱଛତା ଦିବସ ପାଳନକୁ ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମିମାନେ ଯୋଗଦାନ କରି ପ୍ରଶଂସା କରିଥିଲେ।ଏହି କାର୍ଯ୍ୟକ୍ରମକୁ ହେମନ୍ତ କୁମାର ଭରଦ୍ୱାଜ, ଫାର୍ମାସିଷ୍ଟ ତଥା ଆବାହକ ହିନ୍ଦୋଳ ବିକାଶ ମଞ୍ଚ ଯୋଗଦାନ କରି ନାପକିନ୍ ପ୍ୟାଡ୍,ସାବୁନ୍,ପେଷ୍ଟ, ଓ ପିଲାମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ।କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ.

କରିଥିଲେ। ହିନ୍ଦୋଳର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ସମାଜଧର୍ମୀ ଗୀତ ପରିବେଷଣ କରିଥିଲେ।କୁନି କୁନି ପିଲାମାନେ ଅଭିନୟ ଓ ନୃତ୍ୟ ପରିବେଶ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡ଼ଃ ନରେଶ ନାଏକ,ଅଧ୍ୟାପକ, ଅରୁଣ ନାଏକ ଶିକ୍ଷକ, ନରୋତ୍ତମ ନାଏକ ଶିକ୍ଷକ ମୁଖ୍ୟ ଭୂମିକାଗ୍ରହଣ କରିଥିଲେ।ଶ୍ରୀ ପ୍ରଦୀପ ଦାସ , ଯୋଗଗୁରୁ ବହୁମୂଲ୍ୟ ମତପ୍ରକାଶ କରିଥିଲେ। ସାମ୍ବାଦିକ ଶ୍ରୀ ଦୀପକ ନାଏକ, ସୁମନ୍ତ ବେହେରା, ବିକ୍ରମ ସାହୁ ଓ ପ୍ରଶାନ୍ତ ନାଏକ ଯୋଗଦାନ କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସରୋଜିନୀ ନାଏକ,ସୀମା ନାଏକ, ସୁନିତା ଗୋଛାୟତ, ପଦ୍ମଚରଣ ନାଏକ,ଅନନ୍ତ ନାଏକ, ବିଶିଷ୍ଟ ପାଲା ଗାୟକ ଶ୍ରୀ ଧ୍ରୁବଚରଣ ବିଶ୍ୱାଳ, ସମାଜ ସେବୀ ଶ୍ରୀ ଯଶୋବନ୍ତ ବେଉରା,କଟକ ଯୋଗଦାନ କରି ସଫଳ ମଣ୍ଡିତ କରିଥିଲେ।ପଞ୍ଚ ପରିଚାଳନା ଆଇନଜୀବୀ ଚିତ୍ରସେନ ନାଏକ କରିଥିଲେ। ଆଗାମୀ ଦିନରେ ଏହି ସଚେତନତା କାର୍ଯ୍ୟକ୍ରମ ବଳବତ୍ତର ରହିବ ବୋଲି କାର୍ଯ୍ୟକର୍ତ୍ତା ମାନେ ମତପୋଷଣ କରିଥିଲେ।ଗୋଲାପ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସମାପ୍ତ କରିଥିଲେ।

# ଜିଲ୍ଲା ପାଠାଗାର 'ଅଧ୍ୟୟନ'ର ଗୌରବ

# ୩ ଛାତ୍ରଛାତ୍ରୀ ପ୍ରଶାସନିକ ସେବାରେ କୃତକାର୍ଯ୍ୟ

## ପୌରପରିଷଦ ପକ୍ଷରୁ ପାଠାଗାର ପରିସରରେ ସମ୍ବର୍ଦ୍ଧିତ

**ନୟାଗଡ଼, ୨୮।୫ (ଆନିସ) :** ନୟାଗଡ ପୁରୁଣା ସହରରେ ପ୍ରତିଷ୍ଠା କରାଯାଇଥିବା ଜିଲ୍ଲା ପାଠାଗାରରେ ଦୈନିକ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ଶିକ୍ଷା ଗ୍ରହଣ କରିବାର ଆଶା ରଖି ଆସିଥାନ୍ତି ଏହି ପାଠାଗାରରେ ଅଧ୍ୟୟନ କରି ନୟାଗଡ଼ ସହରର ୩ ଜଣ ଛାତ୍ରଛାତ୍ରୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେମାନେ ହେଲେ ନୟାଗଡ଼ ସହରର ଜଦୁମଣି ନଗରର ଆଦିତ୍ୟ ନାରାୟଣ ବରାଡ (ର୍ୟାଙ୍କ-୧୦୩), ପୁରୁଣା ସହରର ପ୍ରତୀକ୍ଷା ପ୍ରିୟଦର୍ଶିନୀ (ର୍ୟାଙ୍କ୍-୧୪୫) ଏବଂ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଶ୍ରୀ ଜାଲି (ର୍ୟାଙ୍କ-୧୬୨) ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩ଜଣଙ୍କୁ ନୟାଗଡ଼ ମୁନିସିପାଲଟି ପକ୍ଷରୁ ଜିଲ୍ଲା ପାଠାଗାର ପରିସରରେ ଉତ୍ତରୀୟ, ଉପହାର ଓ ମିଠା ଖୁଆଇ ସମ୍ବର୍ଦ୍ଧିତ କରାଯାଇଛି ଏହି ସମ୍ବର୍ଦ୍ଧନା ଉତ୍ସବରେ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଉପ-ନଗରପାଳ ଗୁରୁପ୍ରସାଦ ଜେନା, ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁ ପ୍ରସାଦ, ପୌରଯନ୍ତ୍ରୀ ରଞ୍ଜନ ମହାରଣା, ସହକାରୀ ଯନ୍ତ୍ରୀ ବୀରଭଦ୍ର ରାଉତ, କନିଷ୍ଠଯନ୍ତ୍ରୀ ଫୁଲମଣି କିସ୍କୁ, ଗଜେନ୍ଦ୍ର



ମହାରଣା, ରଞ୍ଜନ ମହାପାତ୍ର, କୁମର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ୩ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ସୂଚନାଯୋଗ୍ୟ ଜିଲ୍ଲା ପାଠାଗାର ଅଧ୍ୟୟନରେ ୧୫୮ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି ଏହି ସମ୍ବର୍ଦ୍ଧିତ ଉତ୍ସବ ଶେଷରେ ଲାଇବ୍ରେରିଆନ୍ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



# ଓପିଏସସି ପରୀକ୍ଷାରେ ୧୫୯ ରାଙ୍କରେ ସଫଳତା ପାଇଲେ ଶ୍ୱେତା ସୁଚରିତା

ନୟାଗଡ/ରଣପୁର, ୨୮/୫(ଆନିସ): ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ୧୫୯ ନମ୍ବର ରାଙ୍କରେ ସଫଳତା ହାସଲ କରିଛନ୍ତି ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ସୁର୍କାବାଡି ଗ୍ରାମର ପ୍ରମୋଦ କୁମାର ସେଠି ଓ ଜାନକୀ ସେଠୀଙ୍କ ସୁକନ୍ୟା ଶ୍ୱେତା ସୁଚରିତା । ଶ୍ୱେତା ନିଜର ତୃତୀୟ ପ୍ରଚେଷ୍ଟାରେ ସଫଳତା ହାସଲ କରି ନିଜ ପରିବାର ଏବଂ ନିଜ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶ୍ୱେତା ସୁର୍କାବାଡି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଭାବେ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଥିଲେ। ନୟାଗଡ କଲେଜରେ ବିଜ୍ଞାନ ବିଭାଗରେ ଯୁକ୍ତ ଦୁଇ ଏବଂ ରାସାୟନିକ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ସେ ଇଗନୋରରେ ଲୋକ ପ୍ରଶାସନରେ ପି.ଏଚ୍.ଡି କରିଥିଲେ। ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖି ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ଘରେ ରହି ଦୈନିକ ୧୦ /୧୨ ଘଣ୍ଟା କଠିନ ପରିଶ୍ରମ କରି ଏହି ସଫଳତା ପାଇଥିବା କଥା ପ୍ରକାଶ କରିଛନ୍ତି । ଶ୍ୱେତା ନିଜର ଏହି ସଫଳତା ପଛରେ ବାପା ଏବଂ ମାଆଙ୍କ ସମେତ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି। ତାଙ୍କ ବାପା ଜଣେ କାର୍ଯ୍ୟରତ ଶିକ୍ଷକ ଭାବେ ପରିଚିତ ଶ୍ୱେତାଙ୍କ ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମେ ୩୧ରୁ ୧୬ ବର୍ଷରୁ କମ ଜଟଣୀ କ୍ରିକେଟ କପ




ଖୋର୍ଦ୍ଧା, ୨୮।୫ (ଆନିସ): ଜଟଣୀ କ୍ରିକେଟ ଏକାଡେମୀ ଦ୍ୱାରା ଆନୁକୂଲ୍ୟରେ ୧୬ ବର୍ଷ ରୁ କମ ବୟସ ର କ୍ରିକେଟ ଖେଳାଳୀ ମାନଙ୍କୁ ନେଇ ଜଟଣୀ କ୍ରିକେଟ କପ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଆସନ୍ତା ମେ ୩୧ ତାରିଖରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ ଟି ଦଳ ଭାଗ ନେବେ। ଦଳ ଗୁଡିକ ୨ ଟି ଗ୍ରୁପ ରେ ବାଣ୍ଟି ହୋଇ ଜଣକେ ୩ ଟି ଲେଖାଏଁ ଲିଗ ମ୍ୟାଚ ଖେଳିବେ। ଏ ଗ୍ରୁପ ରେ ଜଟଣୀ କ୍ରିକେଟ ଏକାଡେମୀ,ଓସ୍କାର ଭୁବନେଶ୍ୱର,ସୋଲାର କଟକ, ସନ ସାଇନ ପିପିଲି ଦଳ ଥିବାବେଳେ ବି ଗ୍ରୁପ ରେ ରାଇଜିଙ୍ଗ ଷ୍ଟାର କଟକ, ଖୋର୍ଦ୍ଧା, ଆର ଆର କେ, ଜେ ସି ଏ ଦଳ ଅଛନ୍ତି ବୋଲି ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ,ଦୁଇ କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଣାଇଛନ୍ତି। ଏ ବର୍ଷ ଏହି କପ ର ଦ୍ୱିତୀୟ ସଂସ୍କରଣ ର ଫାଇନାଲ ଆସନ୍ତା ଜୁନ ୭ ତାରିଖରେ ହେବ।

# ଦୀର୍ଘଦିନ ପରେ ନୂଆଗାଁକୁ ଆସିଲେ ବ୍ଲକ୍ ଶିକ୍ଷା ଅଧିକାରୀ

**ନୂଆଗାଁ, ୨୮/୫(ଆନିସ) :** ଦୀର୍ଘ ଦେଢ଼ବର୍ଷର ଅପେକ୍ଷା ପରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଶିକ୍ଷା ବିଭାଗକୁ ନୂତନ ଶିକ୍ଷା ଅଧିକାରୀ ମିଳିଛନ୍ତି ଡ. ଗିରିଜା ଶଙ୍କର ମହାପାତ୍ର ନୂଆଗାଁ ବ୍ଲକ୍‌ର ନୂତନ ବିଇଓ ଭାବେ ଯୋଗ ଦେଇଥିବା ଜଣାପଡିଛି ।

ତାଙ୍କ ଯୋଗଦାନକୁ ନେଇ ଶିକ୍ଷକ ମହଲରେ ଆଶା ଓ ଉତ୍ସାହ ପ୍ରକାଶ ପାଇଛି ଡ. ମହାପାତ୍ର ପୂର୍ବରୁ ରଣପୁର ବି.ସି. ହାଇସ୍କୁଲରେ ପ୍ରଧାନଶିଃକ୍ଷକ ଭାବେ କାର୍ଯ୍ୟ କରୁଥିଲେ ଶିକ୍ଷା କ୍ଷେତ୍ରରେ ତାଙ୍କର ଦୀର୍ଘ ଅନୁଭବ ଓ ପ୍ରଶାସନିକ ଦକ୍ଷତା ଥିବାରୁ ନୂଆଗାଁ ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥାରେ ସକରାତ୍ମକ ପରିବର୍ତ୍ତନ ଆସିବ ବୋଲି ଅଭିଭାବକ ଓ ଶିକ୍ଷକମାନେ ଆଶା ପ୍ରକାଶ କରିଛନ୍ତି । ନୂଆଗାଁ ବ୍ଲକ୍‌ରେ ବିଇଓ ପଦ ଦୀର୍ଘଦିନ ଧରି ସ୍ଥାୟୀ ଭାବେ ପୂରଣ ହୋଇନଥିବାରୁ ବିଭିନ୍ନ ପ୍ରଶାସନିକ ଓ ଶିକ୍ଷା ସମ୍ପର୍କିତ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା ବର୍ତ୍ତମାନ ନୂଆ ବିଇଓଙ୍କ ଯୋଗଦାନ ପରେ ଶିକ୍ଷା ବ୍ୟବସ୍ଥା ଅଧିକ ସୂଚାରୁ ହେବା ସହ ସ୍କୁଲଗୁଡ଼ିକରେ ବିଭିନ୍ନ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି ।

# ପ୍ଲାଷ୍ଟିକ ଗଦା ଉପରେ ପୁରୀ ସହର

ପୁରୀ, ୨୮।୫ (ଆନିସ): ପର୍ଯ୍ୟଟନ କ୍ଷେତ୍ର ପୁରୀ ସହର ରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଏବେ ବେଶ୍ ଚିନ୍ତା ର ବିଷୟ ହୋଇଛି। ସହର ରେ ଯେଉଁଠି ଦେଖିଲେ କୁଢ଼ କୁଢ଼ ପ୍ଲାଷ୍ଟିକ ଆବର୍ଜନା। ପଲିଥିନ ଠାରୁ ଆରମ୍ଭ କରି ପ୍ଲାଷ୍ଟିକ ପାଣି ବୋତଲ ସବୁଆଡ଼େ ପଡ଼ିରହିଛି। ଏହି ପ୍ଲାଷ୍ଟିକ ବର୍ଜ୍ୟ ଡ୍ରେନ ରେ ପଡୁଥିବାରୁ ଡ୍ରେନ ଜାମ ହୋଇ ସହର ଜଳ ବନ୍ଦୀ ସୃଷ୍ଟି ହେଉଛି। ତେବେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଓ ପୁରୀ ମହାନଗର ନିଗମ କଡା ପଦକ୍ଷେପ ନେବାକୁ ପରିବେଶ ପ୍ରେମୀ ଓ ବୁଦ୍ଧିଜୀବୀ ମତ ଦେଇଥିବା ବେଳେ ଲୋକ ଙ୍କ ସଚେତନତା ଅଭାବ କୁ ଦାୟୀ କରିଛି ପ୍ରଶାସନ। କିଭଳି ପୁରୀ ସହର ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ରୋକ୍ ଲାଗିପାରିବ ସେ ନେଇ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୁଦ୍ଧିଜୀବି ମତ ଦେଇଛନ୍ତି।

ପୁରୀ ସହର କୁ ବର୍ଷକୁ ୨ କୋଟି ପର୍ଯ୍ୟଟକ ଆସୁଛନ୍ତି। ଏଣୁ ପର୍ଯ୍ୟଟକ ମାନେ ପ୍ଲାଷ୍ଟିକ ପାଣି ବୋତଲ ନ କିଣିବା ପାଇଁ ବଡଦାଣ୍ଡ, ସମୁଦ୍ର କୂଳ ସମେତ ପୁରୀ ସହର ର ପ୍ରମୁଖ ସ୍ଥାନ ଗୁଡ଼ିକ ରେ ଡ୍ରିଙ୍କ ଫ୍ରମ ଟ୍ୟାପ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ସେହିପରି ପର୍ଯ୍ୟଟକ ମାନେ ପ୍ଲାଷ୍ଟିକ ପାଣି ବୋତଲ କିଣିବା ପରେ ଏଣେତେଣେ ନ ପକାଇବା ପାଇଁ ଓ ଏହାର ପ୍ରକ୍ରିୟାକରଣ ପାଇଁ ରିଭର୍ସ ଭେଣ୍ଡିଂ ମେସିନ୍ ଲଗାଇଥିଲା ପୁରୀ ପୌର ପ୍ରଶାସନ। ଉଦ୍ଦେଶ୍ୟ ଥିଲା ଏହି ଆରଭିଏମ୍ ମେସିନ୍ ରେ ପ୍ଲାଷ୍ଟିକ ପାଣି ବୋତଲ ପକାଇଲେ ଏହାକୁ ରିସାଇକେଲ କରାଯାଇ ପ୍ଲାଷ୍ଟିକ ପ୍ରଦୂଷଣ କୁ ରୋକାଯାଇପାରିବ। ହେଲେ ଏହି ଆରଭିଏମ୍ ମେସିନ୍ କୁ ରକ୍ଷଣାବେକ୍ଷଣ କରାନଯିବାରୁ ଏହି ମେସିନ୍ ଗୁଡ଼ିକ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଗତ ୨୦୧୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ରେ ପୁରୀ କୁ ପଲିଥିନ ମୁକ୍ତ କରିବା ସହର କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ପୁରୀ କୁ ପଲିଥିନ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟାଦେଶ ଦେଇଥିଲେ। ପ୍ରତି ପଞ୍ଚାୟତ ରେ ପ୍ଲାଷ୍ଟିକ ପଦାର୍ଥ ବ୍ୟବହାର ନ କରିବା ପାଇଁ ସଭା ଓ ବୈଠକ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଜିଲାପାଳ ଙ୍କ ପରିବର୍ତ୍ତନ ପରେ ଏହି ଅଭିଯାନ ଠପ୍ ହୋଇଯାଇଛି। ଫଳରେ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁ ପୁରୀ ର ମାଟି, ପାଣି, ପବନ କୁ ବିଷାକ୍ତ କରିଦେଲାଣି ପ୍ଲାଷ୍ଟିକ ରାକ୍ଷସ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ରିପୋର୍ଟ ଅନୁସାରେ, କେବଳ ପୁରୀ ସହର ରେ ୨୦୨୩-୨୪ ବର୍ଷ ୮୦୬ ଟନ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହୋଇଥିଲା।। ସେହିପରି ୨୦୨୨-୨୩ ରେ ଏହା ୭୨୦ ଟନ ଥିବା ବେଳେ ଏକ ବର୍ଷ ମଧ୍ୟରେ ୮୬ ଟନ ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇଛି। ସେଥି ମଧ୍ୟରୁ କେବଳ ୫୬୦ ଟନ ପ୍ରକ୍ରିୟାକରଣ ହୋଇପାରୁଛି। ଅନ୍ୟ ପ୍ଲାଷ୍ଟିକ ବର୍ଜ୍ୟ ମାଟିରେ ମିଶି, ନଳା ଜମା ହୋଇ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଚି। ରିପୋର୍ଟ ମୁତାବକ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି କରିବାରେ ପୁରୀ ଜିଲା ୧୩ ତମ ସ୍ଥାନରେ ରହିଛି।ପର୍ଯ୍ୟଟନ ସ୍ଥଳୀ କୋଣାର୍କ ରେ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ମୁତାବକ କୋଣାର୍କ ରେ ବର୍ଷକରେ ଏହା ୪.୨ ଟନ ରୁ ୪.୫ ଟନ ବୃଦ୍ଧି ପାଇଛି। ସେହିପରି ପିପିଲି, ନିମାପଡ଼ା ଅଞ୍ଚଳରେ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏହାର ପ୍ରକ୍ରିୟାକରଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ନ ଲାଗିବା ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇବାର ମୁଖ୍ୟ କାରଣ। ୫୦ ମାଇକ୍ରନ ତଳକୁ ପଲିଥିନ ବ୍ୟବହାର ଉପରେ ନିଷିଦ୍ଧ ରହିଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ହୋଟେଲ, ଜଳଖିଆ ଦୋକାନରେ ପଲିଥିନ ବ୍ୟବହାର ହେଉଛି।ପରିବେଶ ବିଜ୍ଞାନୀ ଙ୍କ କହିବା ଅନୁସାରେ, ପ୍ଲାଷ୍ଟିକ ଡିଗ୍ରେଡେସନ୍ ପାଇଁ ୧୦୦ ବର୍ଷ ରୁ ଅଧିକ ସମୟ ଲାଗେ। ଭୂତଳ ଜଳ ରିଚାର୍ଜ କରିବାରେ ବାଧା ସୃଷ୍ଟି କରେ। ପ୍ଲାଷ୍ଟିକ ପୋଡ଼ିଲେ ଯେଉଁ ଧୂଆଁ ନିର୍ଗତ ହୁଏ ତାହା ପରିବେଶ ପାଇଁ କ୍ଷତିକାରକ। ଏହି ଧୂଆଁ ମଣିଷ ଙ୍କ ପାଇଁ ବହୁତ୍ କ୍ଷତିକାରକ। ଏହାକୁ ଦୃଷ୍ଟିରେ ରଖାଯାଇ ପୁରୀ ରେ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ହେଲେ ଏହି କଟକଣା କେବଳ କାଗଜ କଲମରେ ରହିଯାଇଛି। ତେବେ ପୁରୀ କୁ ପ୍ଲାଷ୍ଟିକ ରାକ୍ଷସ କବଳରୁ ରକ୍ଷା କରିବାକୁ ହେଲେ ଲୋକ ଙ୍କ ମଧ୍ୟରେ ବ୍ୟାପକ ସଚେତନତା ସହ ଏକକ ପ୍ଲାଷ୍ଟିକ ବ୍ୟବହାର କଟକଣା କୁ କଡାକଡି କରାଯିବାର ଆବଶ୍ୟକତା ଥିବା ପରିବେଶପ୍ରେମୀ ଓ ବୁଦ୍ଧିଜୀବି ମତ ଦେଇଛନ୍ତି। ପରିବେଶପ୍ରେମୀ ତଥା ହୋଟେଲିୟର ଯୁବବ୍ରତ କର କୁହନ୍ତି, ପର୍ଯ୍ୟଟନ କ୍ଷେତ୍ର ପୁରୀ ରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ବହୁତ୍ ଚିନ୍ତାର ବିଷୟ। ପ୍ଲାଷ୍ଟିକ ଏବେ ସମୁଦ୍ର ଜଳ ରେ ମିଶି ସମୁଦ୍ର ଜଳ କୁ ପ୍ରଦୂଷିତ କରୁଛି। ପିକନିକ କରିବା ପରେ ପର୍ଯ୍ୟଟକ ମାନେ ଜଙ୍ଗଲ ରେ ପ୍ଲାଷ୍ଟିକ ବର୍ଜ୍ୟ ପକାଇ ଆସୁଛନ୍ତି। ଯାହାକି ଜଙ୍ଗଲ ପାରିବେଶ ନଷ୍ଟ କରୁଥିବା ବେଳେ ଜଙ୍ଗଲି ଜୀବଜନ୍ତୁ ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ କଡ଼ା କଟକଣା ଲାଗୁ ହେବା ଉଚିତ୍। ଆଗକୁ ରଥଯାତ୍ରା ଆସୁଛି। ଲକ୍ଷାଧିକ ଲୋକ ଙ୍କ ସମାଗମ ହେବ। ପ୍ଲାଷ୍ଟିକ ପାଣି ବୋତଲ ଲୋକେ ବ୍ୟବହାର କରିବେ। ଏହା ଦ୍ୱାରା ଟନ ଟନ ପ୍ଲାଷ୍ଟିକ ବର୍ଜ୍ୟ ବାହାରିବ। ଯାହାକି ପରିବେଶ କୁ ବହୁତ୍ କ୍ଷତି କରିବ। ମୁଁ ସମସ୍ତ ଙ୍କୁ ଅନୁରୋଧ କରୁଚି ସୀଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର କମାନ୍ତୁ। ସରକାର ସ୍କୁଲ ସ୍ତରରୁ ହିଁ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରନ୍ତୁ। ଲୋକ ମାନେ ସଚେତନ ହେଲେ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ରୋକ୍ ଲାଗି ପାରିବ।ପୁରୀ ମହାନଗର ନିଗମର ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରୀ ସହର ରୁ ବାହାରୁଥିବା ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ କୁ ରିସାଇକେଲ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତେବେ ଆଗାମୀ ଦିନରେ ଆହୁରି ବ୍ୟାପକ ଭାବେ ଏହି କାର୍ଯ୍ୟ କରାଯିବ। ପୁରୀ ସହର ନିକଟ ରେ ଏକ ସ୍ୱତନ୍ତ୍ର ପ୍ଲାଣ୍ଟ କରାଯିବ। ପୁରୀ ସମେତ, କୋଣାର୍କ, ଓ ଜିଲ୍ଲାରୁ ବାହାରୁଥିବା ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ କୁ ଉକ୍ତ ପ୍ଲାଣ୍ଟ ରେ ରିସାଇକେଲ କରାଯିବ । ସେଥିରୁ ବାୟୋ ଗ୍ୟାସ ଉତ୍ପାଦନ କରାଯିବାର ଯୋଜନା ରହିଛି। ଏ ନେଇ ସ୍ଥାନ ଚିହ୍ନଟ ହୋଇଛି। ସରକାର ଙ୍କୁ ଏ ନେଇ ପ୍ରସ୍ତାବ ଦିଆଯାଇଛି। ସରକାର ଙ୍କ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ(ଏନଏସଏପି) ହିତାଧିକାରୀ ହନ୍ତସନ୍ତ

## ୨ମାସ ହେଲା ୮୦ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତାରୁ ବଞ୍ଚିତ



ରାୟଗଡା,୨୮।୫(ଆନିସ) ଯୋଜନା ହୋଇଛି ସମାଜର ନିମ୍ନ ସ୍ତରରେ ରହିଥିବା ବୃଦ୍ଧ, ବିଧବା,ଭିନ୍ନକ୍ଷମ ଓ ଅନ୍ୟ ମାନଙ୍କୁ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ଅଧୀନରେ ଭତ୍ତା ପ୍ରଦାନ କରିବା । କିନ୍ତୁ ଗତ ୨ ମାସ ହେଲା ହଜାର ହଜାର ହିତାଧିକାରୀ ମାନଙ୍କୁ ଭତ୍ତା ମିଳିନଥିବାରୁ ହିତାଧିକାରୀ ମାନେ ୪୦ ଡିଗ୍ରୀ ଉର୍ଦ୍ଧ୍ୱ ଖରାରେ ବ୍ୟାଙ୍କକୁ ଆସି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିନଥିବା ଦେଖି ନିରାଶରେ ଫେରୁଛନ୍ତି । ଏନଏସଏପି ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଆସୁଥିବାରୁ ବ୍ୟାଙ୍କ ଆକାଉଣ୍ଟରୁ ପଇସା କାଢିବା ପାଇଁ କିଏ ୫କିମି ତ କିଏ ୧୦ କିମି ଦୂରରୁ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟଯେ ଗତ ମାସ ଅପ୍ରେଲ ୧୫ ତାରିଖରେ ମିଳିବାକୁ ଥିବା ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିନଥିଲା । ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ କାନ୍ଥରେ ଗୋଟିଏ ଛୋଟିଆ ନୋଟିସ ମାରି ସୂଚନା ଦେଇଥିଲେ ଯେ ଆସନ୍ତା ମେ ମାସରେ ୨ ମାସର ଭତ୍ତା ମିଳିବ । କିନ୍ତୁ ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କୌଣସି ସୂଚନା କିମ୍ବା ଏନଏସଏପି ଭତ୍ତା ନମିଳିବା ନେଇ କୌଣସି ସୂଚନା ଦେଇନଥିଲା । ଏହାକୁ ନେଇ ବିଭିନ୍ନ ସ୍ଥାନରେ ବୃଦ୍ଧି ହୋଇଥିବା ଅସନ୍ତୋଷକୁ ଲକ୍ଷ କରି ଅପ୍ରେଲ ୨୯ ତାରିଖରେ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ଦେଇ ସୂଚନା ଦେଇଥିଲେ ଯେ ଏନଏସଏପି ଯୋଜନାରେ ମାସିକ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଅପ୍ରେଲ ମାସରୁ ଡି.ବି.ଟି ପ୍ରକ୍ରୀୟାରେ ସଂଶୋଧନ କରିଛନ୍ତି । ଏଣୁ ଏନଏସଏପି ଯୋଜନାରେ ଅପ୍ରେଲ ମାସରେ ଭତ୍ତା ପ୍ରଦାନ କରାଯିବନାହିଁ ଏବଂ ଅପ୍ରେଲ ମାସର ଭତ୍ତା ରାଶିକୁ ବକେୟା ଆକାରରେ ମେ ମାସରେ ସେମାନଙ୍କ ମାସିକ ଭତ୍ତା ରାଶି ସହ ଏକକାଳୀନ ପ୍ରଦାନ କରାଯିବ । ସେହି ଅନୁଶାରେ ଚଳିତ ମାସ ୧୫ ତାରିଖରେ ହିତାଧିକାରୀ ମାନେ ନିଜ ନିଜ ବ୍ୟାଙ୍କକୁ ଯାଇଥିଲେ । କିନ୍ତୁ ସୂଚନାରୁ ଜଣାପଡିଛି ଆଜି ସୁଦ୍ଧା ହିତାଧିକାରୀ ମାନଙ୍କୁ ଏନଏସଏପି ଯୋଜନାରେ ଭତ୍ତା ଟଙ୍କା ଆସିନାହିଁ । ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଦରଦାମ ଅହେତୁକ ଭାବେ ବୃଦ୍ଧି ପାଇଥିବା ବେଳେ ଭତ୍ତା ଟଙ୍କାକୁ ଅପେକ୍ଷା କରିଥିବା ହିତାଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅଧିକାଂଶ ହିତାଧିକାରୀ ନୀରକ୍ଷର ଏବଂ ଅନ୍ୟ ଉପରେ ନିର୍ଭରଶିଳ । ପ୍ରବଳ ଗରମରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଲୋକମାନେ ବ୍ୟାଙ୍କକୁ ଯିବାକୁ ବାଧ ହେଉଥିବାରୁ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଛି । ଏଠାରେ ସୂଚନାଯୋଗ୍ୟଯେ ରାୟଗଡା ଜିଲ୍ଲାରେ ପାଖାପାଖି ୮୨ ହଜାର ହିତାଧିକାରୀ ଏନଏସଏପି ଯୋଜନାରେ ଭତ୍ତା ପାଉଛନ୍ତି । ବିଭାଗ ସେମାନଙ୍କୁ ସାମାଜିକ ସୁରକ୍ଷା କଣ ଦେବ ଓଲଟା ବିପନ୍ନ କରିଥିବା ଅଭିଯୋଗ ଆଣିଛନ୍ତି ବିଏସପି ରାଜ୍ୟ ସଂପାଦକ ଗଙ୍ଗାଧର ପୁଆଲା । ଏନେଇ ବିଭାଗିୟ ଅଧିକାରୀଙ୍କୁ ପଚାରିଲେ କେନ୍ଦ୍ର ସରକାର ଯୋଜନାରେ କିଛି ପରିବର୍ତ୍ତନ ଆଣୁଥିବାରୁ ବିଳମ୍ବିତ ହୋଇଛି ବୋଲି ପ୍ରକାଶ କରିଛନ୍ତି ।

# କୋରାପୁଟ ଜିଲ୍ଲାରେ "ସ୍ୱତନ୍ତ୍ର ସଘନ ସଂଶୋଧନ" ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ତାଲିମ ଅନୁଷ୍ଠିତ



ଜୟପୁର, ୨୮।୫ (ଆନିସ): କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ "ସ୍ୱତନ୍ତ୍ର ସଘନ ସଂଶୋଧନ" ବିଷୟରେ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଯାଇଅଛି।

ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ଶବରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକ କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା, ଲକ୍ଷ୍ମୀପୁର, ଲମତାପୁଟ, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର, ନନ୍ଦପୁର, ପଟାଙ୍ଗି, ସେମିଳିଗୁଡ଼ା ଓ ବୈପାରୀଗୁଡ଼ାରେ ଏହି ତାଲିମ ସମ୍ପନ୍ନ ହୋଇଛି। ସେ ବୈପାରୀଗୁଡ଼ା ବ୍ଲକ ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସ୍ୱୟଂ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରକୁ ଘର ଯାଇ ସଂଶୋଧନ, ନାମାଙ୍କନ ପତ୍ର–୬/୭/୮ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ବାଦ ଦେବା, ନୂତନ ମତଦାତାଙ୍କ ନାମ ଯୋଡିବା ବିଷୟରେ ବ୍ୟାଖ୍ୟା କରାଯାଇଥିଲା। ବୁଥ୍ ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ମଧ୍ୟ ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମର ସ୍ୱଷ୍ଟତା ପ୍ରାପ୍ତ କରିଥିଲେ। ବୈପାରୀଗୁଡ଼ା ତାଲିମରେ ଅତିରିକ୍ତ ଜିଲ୍ଲାପାଳ ଶବର ଦର୍ଶାଇଥିଲେ ଯେ, "ସ୍ୱତନ୍ତ୍ର ସଘନ ସଂଶୋଧନ" ଯୋଜନା ଅନ୍ତର୍ଗତ ମତଦାତା ତାଲିକା ଉପରେ ଆଧାରିତ ଭାବରେ ଘରକୁ ଘର ଯାଇ ସଂଶୋଧନ ସମୟରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ନିଷ୍ଠାପୂର୍ବକ କାର୍ଯ୍ୟ କରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ସ୍ୱଚ୍ଛତା ସୃଷ୍ଟି କରିବା ଆବଶ୍ୟକ। ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ।

ପ୍ରଖର ଖରାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପିଇବା ପାଣି ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟା ରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟା ରୁ ସନ୍ଧ୍ୟା ୭ଟା ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉଦ୍ଦିଷ୍ଟ କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଛି। ଏଥି ସହ ବୁଥକୁ ଆସୁଥିବା ସମସ୍ତ ମତଦାତାଙ୍କର ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ ଉପଦେଶ ଦେଇଛନ୍ତି।

ସମସ୍ତ ବ୍ଲକରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲ୍ଲାରେ ବେଆଇନ ବନ୍ଧୁକ ଚାଲାଣ ଉପରେ ହେବ ତଦନ୍ତ

## ଜିଲ୍ଲାରେ ଆର୍ମସ ସମ୍ପୂର୍ଣ୍ଣ ନିଷେଧ କରାଯାଇ କଡ଼ା ପଦକ୍ଷେପ ଗ୍ରହଣ କରିବ ପୋଲିସ – ଏସପି ରାଜ ପ୍ରସାଦ



ରାୟଗଡ଼ା,୨୭।୫ (ଆନିସ): ରାୟଗଡ଼ା ଜିଲ୍ଲାରେ ବେଆଇନ ବନ୍ଧୁକ ଚାଲାଣ ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଏସପି ରାଜ ପ୍ରସାଦ । ରାୟଗଡ଼ା ଜିଲାରେ ବେଆଇନ ଆର୍ମସ ଉପରେ ରୋକ ଲଗାଯିବ ବୋଲି ପ୍ରକାଶ କରିଛନ୍ତି ନୂତନ ଏସପି । ବନ୍ଧୁକ କିଭଳି ଜିଲ୍ଲା ଭିତରେ ପ୍ରବେଶ କରୁଛି ଏବଂ କିଏ ଏହା ଯୋଗାଉଛି ତାହାର ତଦନ୍ତ କରାଯାଇ ଏଥିରେ ଜଡ଼ିତ ଥିବା ଦୁର୍ବୃତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ଏସପି । ଏଥି ସହିତ ଜିଲାରେ ଯେଉଁମାନେ ବେଆଇନ ଭାବେ ବନ୍ଧୁକ ରଖିଛନ୍ତି ସେମାନେ ତୁରନ୍ତ ପୋଲିସ ନିକଟରେ ସେଗୁଡ଼ିକ ଦାଖଲ କରିଦେବାକୁ କହିଛନ୍ତି ଏସପି ।

ସୂଚନା ଯୋଗ୍ୟ ଯେ, ରାୟଗଡ଼ା ସହରରେ ଗତ ମେ ୯ ତାରିଖ ରାତିରେ ରେଲି ସାହି ହାଡ଼ପା ନିଖିଲଙ୍କୁ ଇନ୍ଦିରା ନଗର ତୃତୀୟ ଲେନ୍‌ରେ ଗୁଳି କରି ମାରିଥିଲେ ଦୁର୍ବୃତ । ଏହି ଘଟଣାରେ ଅଦ୍ୟାବଧି ୧୬ଜଣଙ୍କୁ ଗିରଫ କରିଛି ପୋଲିସ । ହେଲେ ପୋଲିସ ଏହି ବନ୍ଧୁକ ନିଖିଲର ଏବଂ ହତ୍ୟାକାରୀ ନିଖିଲ ଠାରୁ ଛଡ଼ାଇ ନେଇ ଗୁଳି କରି ନିଖିଲକୁ ମାରିଥିବା ସୂଚନା ଦେଇଥିଲେ । ତେବେ ବନ୍ଧୁକ କେଉଁଠୁ ଆସିଲା ସେନେଇ ବର୍ତମାନ ପ୍ରଶ୍ନ ଉଠିଛି । ସହରରେ ଜିଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟ ତଥା ବାସଭବନ ରହିଥିବା କାରଣରୁ ଏଠାରେ ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ରହିବା ଆବଶ୍ୟକ । କେବଳ ଏହି ଗୋଟିଏ ବନ୍ଧୁକ ନୁହେଁ ବରଂ ସହରରେ ଏହିଭଳି ବହୁତ ବେଆଇନ ବନ୍ଧୁକ ରହିଥିବା ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଫଳରେ ଲୋକେ ଭୟଭୀତ ହୋଇ ରହିଛନ୍ତି । ଗତ କିଛି ଦିନ ହେଲା କିଛି ସ୍ଥାନରେ ଲୋକଙ୍କୁ ବନ୍ଧୁକ ମୁନରେ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ ବୋଲି ଅଭିଯୋଗ ହୋଇଛି।

# ଜୟପୁର ଓଏସଆରଟିସି ବସ ଟର୍ମିନାଲର ହେବ ନବୀକରଣ, ଚାଲିବ ଇଲେକ୍ଟ୍ରିକ ବସ



ଜୟପୁର, ୨୮।୫ (ଆନିସ):କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଓଏସଆରଟିସି ବସ ଟର୍ମିନାଲର ଖୁବଶୀଘ୍ର ନବୀକରଣ କରାଯିବା ସହ ଜୟପୁରରୁ ସମସ୍ତ ପଞ୍ଚାୟତ ଓ ବ୍ଲକକୁ ବସ ସେବା ବିସ୍ତାର କରାଯିବ। ସେହିପରି ଆଗାମୀ ଦିନରେ ଜୟପୁରରୁ ଇଲେକ୍ଟ୍ରିକ ବସ ଚଳାଚଳ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସଂଜୀବ ବିଶ୍ୱାଳ, ଏଡିସନାଲ ସେକ୍ରେଟାରୀ କମ୍? ଅପରେସନାଲ ହେଡ୍, ଭୁବନେଶ୍ୱର। ଜୟପୁର ଗସ୍ତ ସମୟରେ ସେ ଓଏସଆରଟିସି ବସ ଟର୍ମିନାଲର ବିଭିନ୍ନ ସୁବିଧା ଓ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବସ ଷ୍ଟାଣ୍ଡରେ ପରିଷ୍କାର ପରିଚ୍ଛନ୍ନତା, ଯାତ୍ରୀ ବସିବା ବ୍ୟବସ୍ଥା, ପାନୀୟ ଜଳ, ଆଲୋକୀକରଣ ଓ ଡିଜିଟାଲ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ଜୟପୁରରୁ ବିଭିନ୍ନ ପଞ୍ଚାୟତ ଓ ବ୍ଲକକୁ ନିୟମିତ ବସ ସେବା ଆରମ୍ଭ କରାଯିବ। ଏହା ଦ୍ୱାରା ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଯାତ୍ରୀମାନେ ବହୁତ ଉପକୃତ ହେବେ। ପରିବେଶ ସୁରକ୍ଷା ଓ ଆଧୁନିକ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଜୟପୁରରେ ଇଲେକ୍ଟ୍ରିକ ବସ ଚଳାଚଳ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏଥିପାଇଁ ଆବଶ୍ୟକ ଚାର୍ଜିଂ ବ୍ୟବସ୍ଥା ଓ ଭିତ୍ତିଭୂମି ସୃଷ୍ଟି ନେଇ କାମ ଆରମ୍ଭ ହେବ ବୋଲି ସଂଜୀବ ବିଶ୍ୱାଳ କହିଛନ୍ତି।

# ରାୟଗଡ଼ାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

- ବିଜେପି ସରକାର ଉପରେ ଗର୍ଜିଲେ ପିସିସି ସଭାପତି ଭକ୍ତ ଚରଣ ଦାଶ ଓ ସାଂସଦ ସପ୍ତଗିରି ଉଲ୍ଲକା
- ୨୦୨୯ ନିର୍ବାଚନ ପାଇଁ ଏବେଠାରୁ ରଣନୀତି, ତୃଣମୂଳ ସ୍ତରରେ ସଂଗଠନ ସୁଦୃଢ଼ କରିବ କଂଗ୍ରେସ




ରାୟଗଡ଼ା,୨୮।୫(ଆନିସ) ରାୟଗଡ଼ାରେ କଂଗ୍ରେସ ପକ୍ଷରୁ ଆୟୋଜିତ ବିଶାଳ କର୍ମୀ ସମ୍ମିଳନୀରେ ଗର୍ଜିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାଶ ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା। ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏହି ହାଇଭୋଲ୍ଟେଜ୍ କର୍ମୀ ସମ୍ମିଳନୀରେ ଆଗାମୀ ପଞ୍ଚାୟତ, ପୌର ଏବଂ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ବାଜିମାତ କରିବ ବୋଲି ନେତୃତ୍ୱ ଦୃଢ଼ ଆଶା ପ୍ରକାଶ କରିଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାଶ ବିଜେପି ସରକାର ଉପରେ ତୀବ୍ର ଆକ୍ରମଣ କରିଥିଲେ। ଅଭିଭକ୍ତ କୋରାପୁଟ ଜିଲ୍ଲାକୁ କଂଗ୍ରେସର ଦୁର୍ଗ ବୋଲି ଅଭିହିତ କରି ସେ କହିଥିଲେ ଯେ, ଏଠାରେ କଂଗ୍ରେସ ଦୁଇଥର ସାଂସଦ ଜିତିବା ସହ ଚଳିତ ନିର୍ବାଚନରେ ବହୁ ବ୍ୟବଧାନରେ ବିଧାୟକମାନେ ବିଜୟୀ ହୋଇଛନ୍ତି। ଏହି ଅଞ୍ଚଳକୁ ହାତେଇବା ପାଇଁ ବିଜେପି ସରକାର ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ମଧ୍ୟ କରିଥିଲେ।ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା କହିଥିଲେ ଯେ, ଗାନ୍ଧୀ ନୀତି ଓ ଅହିଂସାର ଆଦର୍ଶକୁ ଆଧାର କରି କଂଗ୍ରେସ ଆଗାମୀ ଦିନରେ ଲୋକଙ୍କ ବିଶ୍ୱାସ ଜିତିବ। ତୃଣମୂଳ ସ୍ତରରେ ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ।ଏହି ମେଗା କର୍ମୀ ସମ୍ମିଳନୀରେ ଅଭିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଜିଲ୍ଲା ସଭାପତିଙ୍କ ସମେତ ପୂର୍ବତନ ଲକ୍ଷ୍ମୀପୁର ବିଧାୟକ ବଳଭଦ୍ର ମାଝୀ, ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାୟଗଡ଼ା ବିଧାୟକ କାଦ୍ରକା ଆପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ।ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ କରି କଂଗ୍ରେସ ଏବେଠାରୁ ତୃଣମୂଳ ସ୍ତରରେ ରଣନୀତି ପ୍ରସ୍ତୁତ କରି ସଂଗଠନ ସୁଦୃଢ଼ କରିବାରେ ଲାଗିପଡ଼ିଥିବା ଏହି ସମ୍ମିଳନୀରୁ ସ୍ପଷ୍ଟ ହୋଇଛି।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ–୨୦୨୬ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଆରମ୍ଭ

ସୁନ୍ଦରଗଡ଼:୨୮/୦୫(ଆନିସ): : ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ସୁଦୃଢତା, ଆଦର୍ଶ ଓ କାର୍ଯ୍ୟପଦ୍ଧତିକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ–୨୦୨୬" ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସୁନ୍ଦରଗଡ଼ ସ୍ଥିତ ହୋଟେଲ ଅନ୍ନପୂର୍ଣ୍ଣା ଠାରେ ଦ୍ୱିଦିବସୀୟ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଡ଼. ଶ୍ୟାମାପ୍ରସାଦ ମୁଖର୍ଜୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ଅତିଥିବୃନ୍ଦ ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ପରେ ସମସ୍ତ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ସହ "ବନ୍ଦେ ମାତରମ୍" ଗାନ କରାଯାଇ ଦେଶଭକ୍ତି ଓ ସାଙ୍ଗଠନିକ ଏକତାର ଭାବନାକୁ ସୁଦୃଢ କରାଯାଇଥିଲା।ଜିଲ୍ଲା ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ରଖି ପ୍ରଶିକ୍ଷଣ ବର୍ଗର ଉଦ୍ଦେଶ୍ୟ, ସାଙ୍ଗଠନିକ ଦୃଷ୍ଟିକୋଣ ଓ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସେଲ ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ସାଙ୍ଗଠନିକ ଚର୍ଚ୍ଚା କରି କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଶୃଙ୍ଖଳା, ଆଦର୍ଶ ଓ ଜନସଂଯୋଗ ଉପରେ ମାର୍ଗଦର୍ଶନ କରିଥିଲେ।

ପ୍ରଥମ ଦିବସରେ ଆୟୋଜିତ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପଦାଧିକାରୀ ଓ ବରିଷ୍ଠ ନେତୃବୃନ୍ଦ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗଠନିକ ଓ ବୈଚାରିକ ବିଷୟରେ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ। ରାଜ୍ୟ ଉପସଭାପତି ଅଶୋକ ମିଶ୍ର "କାର୍ଯ୍ୟ ବିସ୍ତାର", ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି "ବୁଥ ପ୍ରବନ୍ଧନ ଓ ମନ କି ବାତ", ଶରତ ଶତପଥୀ "କାର୍ଯ୍ୟ ପଦ୍ଧତି", ରାଜ୍ୟ ପ୍ରବକ୍ତା ସେଲ ଅନିଲ ବିଶ୍ୱାଳ "ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ", ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ "ଭାରତୀୟ ଜନତା ପାର୍ଟିର ଇତିହାସ ଓ ବିକାଶ", ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା "ଅଭିନ୍ନ ମାନବବାଦ ଓ ସାଂସ୍କୃତିକ ଜାତୀୟବାଦ" ଉପରେ ଆଲୋଚନା କରିଥିଲେ।

ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ "ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନ" ସମ୍ବନ୍ଧରେ କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନମୂଳକ ପ୍ରସ୍ତୁତି ଓ ତୃଣମୂଳ ସ୍ତରରେ ଜନସମ୍ପର୍କ ବୃଦ୍ଧି କରିବା ପାଇଁ ଆହ୍ୱାନ କରିଥିଲେ। ଆର୍ତତ୍ରାଣ ମହାପାତ୍ର କାର୍ଯ୍ୟକର୍ତ୍ତାଙ୍କ ବୌଦ୍ଧିକ ବିକାଶ, ସାମାଜିକ ଦାୟିତ୍ୱବୋଧ ଓ ଦଳୀୟ ଚିନ୍ତାଧାରାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲ୍ଲା ସାଧାରଣ ସମ୍ପାଦକ ଅମୀର ନାଏକ ସମଗ୍ର ସଭାକୁ ସୁଚାରୁରୂପେ ପରିଚାଳନା କରିଥିଲେ।

ଏହି ଅବସରରେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ହାଁସଦା, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ କୁସୁମ ଟେଟେ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଯଶବନ୍ତ ନାଏକ, ପୂର୍ବତନ ଜିଲ୍ଲା ସଭାପତି ବଟକିଶୋର ମିଶ୍ର, ଜାତୀୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲ୍ଲା ବର୍ଗ ପ୍ରଭାରୀ ସୁନୀଲ ପଣ୍ଡା, ଜିଲ୍ଲା ବର୍ଗ ସହ–ପ୍ରଭାରୀ ଶ୍ରୀମତୀ ଲତିକା ପଟ୍ଟନାୟକ, ସୁନ୍ଦରଗଡ଼ ପୌର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ରଙ୍କ ସମେତ ବହୁ ଜାତୀୟ, ରାଜ୍ୟ ଓ ଜିଲ୍ଲା ପଦାଧିକାରୀ, ମୋର୍ଚ୍ଚା ନେତୃବୃନ୍ଦ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ବରିଷ୍ଠ କାର୍ଯ୍ୟକର୍ତ୍ତା, ଯୁବ ଓ ମହିଳା ବର୍ଗର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମାଲକାନଗିରିରେ 'ଏସ୍‌ଆଇଆର' ସ୍ୱତନ୍ତ୍ର ସଂଶୋଧନ ଅଭିଯାନ : ଜିଲ୍ଲାପାଳଙ୍କ ସହଯୋଗ ଆହ୍ୱାନ



ମାଲକାନଗିରି, ୨୭।୫ (ଆନିସ): ମାଲକାନଗିରି ଜିଲ୍ଲାରେ ଆସନ୍ତା ମେ ୩୦ ତାରିଖରୁ ଜୁନ୍ ୨୮ ପର୍ଯ୍ୟନ୍ତ 'ଏସ୍ ଆଇ ଆ' ବା ସ୍ପେଶାଲ୍ ସମ୍ମେରୀ ରିଭିଜନ୍ କାର୍ଯ୍ୟକ୍ରମ ଚାଲିବାକୁ ଯାଉଛି । ଏନେଇ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତ ଜିଲ୍ଲାବାସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଅନୁରୋଧ କରିଛନ୍ତି ।ଜିଲ୍ଲାପାଳ କହିଛନ୍ତି ଯେ, ଏହି ଅଭିଯାନ ସମୟରେ ବିଏଲଓ ବା ବୁଥ୍ ଲେଭେଲ୍ ଅଫିସର୍ମାନେ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ ପାଇଁ ତଥ୍ୟ ସଂଗ୍ରହ କରିବେ । ଏହି ସମୟରେ ସମସ୍ତ ଜନସାଧାରଣ ବିଏଲଓମାନଙ୍କୁ ସଠିକ୍ ଓ ସତ୍ୟ ତଥ୍ୟ ପ୍ରଦାନ କରି ଅଭିଯାନକୁ ସଫଳ କରିବାକୁ ସେ ଆହ୍ୱାନ କରିଛନ୍ତି ।ସେ ଆହୁରି କହିଛନ୍ତି ଯେ, ଜନସାଧାରଣଙ୍କର ସଠିକ୍ ସୂଚନା ଦ୍ୱାରା ଜିଲ୍ଲାର ଏକ ତ୍ରୁଟିଶୂନ୍ୟ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତିରେ ବହୁତ ସହାୟତା ମିଳିବ । ତେଣୁ ସମସ୍ତେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ରାୟଗଡ଼ାରେ ନୂତନ ଏସପି ଯୋଗଦାନ

- ମହିଳା ଓ ଶିଶୁ ସୁରକ୍ଷାକୁ ଗୁରୁତ୍ୱ, ଅପରାଧ ନିୟନ୍ତ୍ରଣ କରିବ ପୋଲିସ: ନୂତନ ଏସପି
- ଯୁବପିଢ଼ିଙ୍କୁ ଅପରାଧ ଛାଡ଼ିବାକୁ ଅନୁରୋଧ



ରାୟଗଡ଼ା ,୨୮।୫ (ଆନିସ):ରାୟଗଡ଼ା ଜିଲାର ଆରକ୍ଷୀ ଅଧୀକ୍ଷକ ଭାବେ ଗ୍ରହଣ କଲେ ଆଇପିଏସ୍? ରାଜ ପ୍ରସାଦ । ୨୦୧୮ ବ୍ୟାଚର ଆଇପିଏସ୍? ରାଜପ୍ରସାଦ ଏହା ପୂର୍ବରୁ ସ୍ପେଶାଲ ବ୍ରାଞ୍ଚ ଏସପି ଥିଲେ । ପୂର୍ବରୁ ଆଇପିଏସ ରାଜ ପ୍ରସାଦ ରାୟଗଡ଼ା ଜିଲାରେ ତିନି ମାସ ଏଏସପି ଦାୟିତ୍ୱରେ ଥିଲେ । ଦାୟିତ୍ୱ ଗ୍ରହଣ ପରେ ଜିଲାରେ ଆଇନ ଶୃଙ୍ଖଳା ବଜାୟ ରଖିବା, ଅପରାଧ ନିୟନ୍ତ୍ରଣ କରିବା, ମହିଳା ଏବଂ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ଏସପି ରାଜ ପ୍ରସାଦ ପ୍ରକାଶ କରିଛନ୍ତି । ଏହା ସହ ପୋଲିସ କିଭଳି ଲୋକଙ୍କ ନିକଟତର ହୋଇପାରିବ ଏବଂ ଲୋକେ ପୋଲିସକୁ ଭୟଭୀତ ନହୋଇ ଉଭୟ ଉଭୟଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଏହା ସହିତ ଅପରାଧ ନିୟନ୍ତ୍ରଣ ପାଇଁ ସହରରେ ଲାଗିଥିବା ସିସି କ୍ୟାମେରା ଏବଂ ଟେକ୍ନୋଲୋଜିକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରାଯିବ ବୋଲି କହିଛନ୍ତି । ଏଥି ସହିତ ସହରର ବିଭିନ୍ନ ଛକ, ଗଳି କନ୍ଦି ଓ ମଦ ଦୋକାନ ସମ୍ମୁଖରେ ମଦ୍ୟପାନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ରାଜ ପ୍ରସାଦ କହିଛନ୍ତି । ଏହା ବ୍ୟତିତ ଯେଉଁମାନେ ଅପରାଧ ଆଡ଼କୁ ମୁହାଁଇଛନ୍ତି ଅପରାଧ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ । ଶିକ୍ଷା, ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଲୋକଙ୍କୁ ଉତମ ସେବା ପ୍ରଦାନ କରି ନିଜ ଏବଂ ପରିବାର ପାଇଁ ସୁନାମ ଅର୍ଜନ କରିପାରିବେ ବୋଲି କହିଛନ୍ତି । ତେଣୁ ଅପରାଧ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି ନୂତନ ଏସପି ରାଜ ପ୍ରସାଦ । ରାୟଗଡ଼ା ଠାରେ ଏସପି ଦାୟିତ୍ୱରେ ଥିବା ସ୍ୱାଥି ଏସ.କୁମାର ବୁଧବାର ରାଜ ପ୍ରସାଦଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ଶୁଭକାମନା ଜଣାଇଥିଲେ ।

## ମାଲକାନଗିରିରେ କାଳବୈଶାଖୀ ପ୍ରଭାବ

# ଜୋର୍ ପବନ ସହ ବର୍ଷା, ତାପମାତ୍ରାରେ ବଡ଼ ପତନ



ମାଲକାନଗିରି,୨୭।୫ (ଆନିସ): ଦୀର୍ଘଦିନର ଅସହ୍ୟ ଗ୍ରୀଷ୍ମ ପ୍ରବାହ ପରେ ଆଜି ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ଜୋର୍ ପବନ ସହ ବର୍ଷା ହୋଇଛି । ହଠାତ୍ ପାଗର ପରିବର୍ତ୍ତନ ଫଳରେ ତାପମାତ୍ରା ୪୩ ଡିଗ୍ରୀରୁ କମି ୩୫ ଡିଗ୍ରୀକୁ ପହଞ୍ଚିଥିବା ଜଣାପଡ଼ିଛି ।

ଏହି ବର୍ଷା ଫଳରେ ଅସହ୍ୟ ଗରମରୁ ସାଧାରଣ ଲୋକଙ୍କ ସହ ପଶୁପକ୍ଷୀ ଓ ଉଦ୍ଭିଦମାନେ ମଧ୍ୟ କିଛି ମାତ୍ରାରେ ଆଶ୍ୱସ୍ତି ପାଇଛନ୍ତି । ଗତ କିଛି ଦିନ ଧରି ପ୍ରବଳ ତାତିରେ ଅତିଷ୍ଠ ହୋଇପଡ଼ିଥିବା ଜନଜୀବନ ବର୍ଷା ପରେ ସ୍ୱାଭାବିକ ହେବାର ଆଶା ଦେଖାଦେଇଛି ।

ତେବେ ଜୋର୍ ପବନ ଯୋଗୁଁ ଗଛରେ ଥିବା ପରିପକ୍ୱ ଆମ୍ବ ପ୍ରାୟ ସମସ୍ତ ଧରାଶାୟୀ ହୋଇଯାଇଥିବାରୁ ଆମ୍ବ ଚାଷୀମାନଙ୍କ ମଧ୍ୟରେ କିଛି ଚିନ୍ତା ଦେଖାଦେଇଛି ।

ଏପର୍ଯ୍ୟନ୍ତ ଜିଲ୍ଲାର କୌଣସି ସ୍ଥାନରୁ ବଡ଼ ଧରଣର କ୍ଷୟକ୍ଷତିର ସୂଚନା ମିଳିନାହିଁ । ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଛି ।

## ଶିଳ୍ପନଗରୀ ରେଙ୍ଗାଲି : ରାଜସ୍ୱର ଭଣ୍ଡାର

# ବହୁ ପଛରେ ସ୍ୱାସ୍ଥ୍ୟସେବା

ସମ୍ବଲପୁର-୨୮/୦୫(ଆନିସ): ସମ୍ବଲପୁର ଜିଲ୍ଲାର ଶିଳ୍ପନଗରୀ ରେଙ୍ଗାଲି ଆଜି ଓଡ଼ିଶାର ଶିଳ୍ପାୟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ଖଣିଖାଦାନ, ତାପଜ ବିଦ୍ୟୁତ ପ୍ରକଳ୍ପ, ବହୁରାଷ୍ଟ୍ରୀୟ ଓ ଜାତୀୟ ସ୍ତରର ଶିଳ୍ପ ସଂସ୍ଥାମାନଙ୍କ ଉପସ୍ଥିତି ଏହି ଅଞ୍ଚଳକୁ ଅର୍ଥନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ କରିଛି। ଗ୍ରାମ ପଞ୍ଚାୟତରୁ ବ୍ଲକ, ବିଧାନସଭା କ୍ଷେତ୍ର ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଭାବେ ରେଙ୍ଗାଲିର ପ୍ରଶାସନିକ ଉନ୍ନତି ମଧ୍ୟ ଘଟିଛି। ଅଞ୍ଚଳର ଖଣି ଓ ଶିଳ୍ପରୁ ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ସରକାରଙ୍କ ରାଜକୋଷକୁ ଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି ଏହି ରାଜସ୍ୱର କେତେ ଅଂଶ ସ୍ଥାନୀୟ ଲୋକଙ୍କ କାମରେ ଆସୁଛି। ବିକାଶର ମାପଦଣ୍ଡ କେବଳ କାରଖାନାର ଚିମନି ଧୂଆଁରେ ଅଟକି ଯାଇଥିବା ବେଳେ ବ୍ରିଟିଶ ଅମଳରୁ ରେଙ୍ଗାଲିର ସ୍ୱାସ୍ଥ୍ୟ ସେବା ଯେତିକିରେ ସେତିକିରେ ରହିଛି।ଜଣେ ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତାଘାଟ ଏବଂ ସୁରକ୍ଷିତ ଜୀବନ ହିଁ ପ୍ରକୃତ ବିକାଶର ପରିଚାୟକ। କିନ୍ତୁ ଦୁଃଖର ବିଷୟ, ରେଙ୍ଗାଲି ପରି ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଆଜି ମଧ୍ୟ ମୌଳିକ ସ୍ୱାସ୍ଥ୍ୟସେବା ଏକ ବଡ଼ ଚିନ୍ତାର ବିଷୟ ହୋଇ ରହିଛି। ଦିନବେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର)ରେ କିଛି ପରିମାଣରେ ଚିକିତ୍ସା ସୁବିଧା ଉପଲବ୍ଧ ଥିଲେ ସୁଦ୍ଧା ସନ୍ଧ୍ୟା ନଇଁଲେ ସ୍ୱାସ୍ଥ୍ୟସେବା ଠପ ହୋଇପଡେ । ରାତିରେ କୌଣସି ଗୁରୁତର ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି କିମ୍ବା ଗର୍ଭବତୀ ମହିଳାଙ୍କ ଜରୁରୀ ଚିକିତ୍ସା



ଆବଶ୍ୟକ ହେଲେ ସେମାନଙ୍କୁ ସମ୍ବଲପୁର କିମ୍ବା ଅନ୍ୟ ସହର ଉପରେ ନିର୍ଭର କରିବାକୁ ପଡୁଛି।ଏଭଳି ପରିସ୍ଥିତି କେବଳ ଏକ ସାଧାରଣ ଅସୁବିଧା ନୁହେଁ,ବରଂ ଅନେକ ସମୟରେ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି। ବିଡ଼ମ୍ବନାର ବିଷୟ ହେଲା, ଯେଉଁ ଅଞ୍ଚଳରୁ ଶିଳ୍ପଗୁଡ଼ିକ ବିପୁଳ ଲାଭ ଅର୍ଜନ କରୁଛନ୍ତି ଏବଂ ସରକାର ବ୍ୟାପକ ରାଜସ୍ୱ ପାଉଛନ୍ତି, ସେହି ଅଞ୍ଚଳର ଲୋକମାନେ ଆଜି ମଧ୍ୟ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ସଂଘର୍ଷ କରୁଛନ୍ତି। ଶିଳ୍ପାୟନର ମୂଳ ଉଦ୍ଦେଶ୍ୟ କେବଳ ଉତ୍ପାଦନ ବଢ଼ାଇବା ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ଜୀବନମାନର ଉନ୍ନତି ସୁନିଶ୍ଚିତ କରିବା। ଯଦି ଲୋକମାନେ ମୌଳିକ ସ୍ୱାସ୍ଥ୍ୟ ସେବା ଅଧିକାରରୁ ବଞ୍ଚିତ ରହିବେ, ତେବେ ସେହି ବିକାଶକୁ କିପରି ସଫଳ ବିକାଶ କୁହାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।ଏହି ସମସ୍ୟାର ସମାଧାନ ପାଇଁ ସରକାର, ପ୍ରଶାସନ ଓ ଶିଳ୍ପ ସଂସ୍ଥାମାନଙ୍କୁ ସମନ୍ୱିତ ଭାବରେ ଆଗକୁ ଆସିବା ଆବଶ୍ୟକ। ରେଙ୍ଗାଲିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ସୁବିଧା, ପର୍ଯ୍ୟାପ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ଏବଂ ଆଧୁନିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ଗଢ଼ି ତୋଳିବା ଜରୁରୀ। ଶିଳ୍ପ ସଂସ୍ଥାମାନେ ସେମାନଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) ପାଣ୍ଠିକୁ କେବଳ ପ୍ରତୀକାତ୍ମକ କାର୍ଯ୍ୟକ୍ରମରେ ସୀମିତ ନ ରଖି ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୃଶ୍ୟମାନ ଓ ସ୍ଥାୟୀ ପଦକ୍ଷେପ ନେବା ଦରକାର। ରେଙ୍ଗାଲିର ଲୋକମାନେ କୌଣସି ବିଶେଷ ସୁବିଧା ଦାବି କରୁନାହାଁନ୍ତି। ସେମାନେ କେବଳ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଚାହୁଁଛନ୍ତିସୁରକ୍ଷିତ ଜୀବନ ଏବଂ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା। ଯେଉଁ ଅଞ୍ଚଳ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଛି, ସେହି ଅଞ୍ଚଳର ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ରଖିବା ନ୍ୟାୟସଙ୍ଗତ ନୁହେଁ, ଏହା ଲୋକଙ୍କ ମତ। ରେଙ୍ଗାଲି ପାଇଁ ଏହା କେବଳ ସ୍ୱାସ୍ଥ୍ୟସେବାର ପ୍ରଶ୍ନ ନୁହେଁ, ଏହା ବିକାଶର ପରିଭାଷାକୁ ନେଇ ଏକ ମୌଳିକ ପ୍ରଶ୍ନ। ଯେପର୍ଯ୍ୟନ୍ତ ରେଙ୍ଗାଲିର ଜନସାଧାରଣ ରାତିରେ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ପାଇବେ ନାହିଁ, ସେପର୍ଯ୍ୟନ୍ତ ଏହି ଅଞ୍ଚଳର ବିକାଶର କାହାଣୀ ଅସମ୍ପୂର୍ଣ୍ଣ ହିଁ ରହିବ।ଏଣୁ ଜନସଂଖ୍ୟା ବଢିଥିବାରୁ ରେଙ୍ଗାଲି ପିଏସସିକୁ ସିଏଚସିରେ ପରିଣତ କରାଯିବାକୁ ସରକାରଙ୍କ ଠାରେ ଅଞ୍ଚଳବାସୀ ଦାବି ଜଣେଇଛନ୍ତି।

## ଭାଇଚାରା ସହରରେ ଶାନ୍ତି ଶୃଙ୍ଖଳାରେ ଇଦ୍ ପାଳିତ

### ମସଜିଦ ଆଗରେ ଦହି ସର୍ବତ ବାଣ୍ଟିଲେ ହିନ୍ଦୁ



କଟକ, ୨୮।୫ (ଆନିସ): ଆଜି ପବିତ୍ର ଇଦ୍ ଉଲ୍ ଜୁହା ବା ବକ୍ରି ଇଦ୍ । ଇସଲାମ ଧର୍ମରେ ଇଦ୍ ଉଲ୍ ଜୁହା ହେଉଛି ତ୍ୟାଗ ଓ ସମର୍ପଣର ପର୍ବ । କଟକ ସହରରେ ଥିବା ସମସ୍ତ ମସଜିଦ ଯଥା:- କଦମ୍ ଏ ରସୁଲ୍, ଛୋଟି ମସଜିଦ ଓ ଇଦଗାହରେ ଇଦ୍ ଉଲ୍ ଜୁହା ପାଇଁ ସମୁହ ନମାଜ ପାଠ କରାଯାଇଛି । ଏହି ପର୍ବରେ ନ୍ୟାୟ ଓ ଧର୍ମ ପାଇଁ ନିଜର ସବୁ କିଛି ତ୍ୟାଗ କରିବା ପାଇଁ ସଙ୍କଳ୍ପ ନେଇଥାଆନ୍ତି ମୁସଲିମ ଭାଇ,ଭଉଣୀ ମାନେ ।

ଏହି ଅବସରରେ ଆଜି ଭାଇଚାରାର ସହର କଟକରେ ବିଭିନ୍ନ ମସଜିଦ ଗୁଡ଼ିକରେ ବିଶ୍ୱ ଶାନ୍ତି ପାଇଁ ଶାନ୍ତି ଶୃଙ୍ଖଳାର ସହ ସମୁହିକ ନମାଜ ପାଠ କରାଯାଇଛି । ତ୍ୟାଗ ଓ ସମର୍ପଣର ଏହି ପର୍ବକୁ ପାଳନ କରିବା ପାଇଁ ଭାଇଚାରାର ସହର କଟକ ସହରରେ ଥିବା ସମସ୍ତ ଛୋଟ ବଡ଼ ମସଜିଦରେ ନମାଜ ପାଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ବିଶେଷ କରି କଦମ-ଏ-ରସୁଲ ଓ ଇଦଘା ପଡ଼ିଆରେ ଇଦର ନମାଜ ପାଠ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା । ଇଦଘା ପଡ଼ିଆରେ ଶେଷ ନମାଜ ପାଠ ହେଉଥିବାରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସେଠାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଆଜି ପ୍ରାୟ ୭ ହଜାର ମୁସଲିମ ଭାଇମାନେ ଏଠାରେ ପ୍ରାର୍ଥନା କରିଥିଲେ । ଏପରିକି ଅନେକ ରାସ୍ତାରେ ବସି ମଧ୍ୟ ନମାଜ ପାଠ କରିଥିଲେ । ସବୁଠାରୁ ବଡ଼ କଥା ହେଉଛି କେବଳ ମୁସଲିମ ନୁହେଁ ବରଂ ବିଭିନ୍ନ ଧର୍ମର ଲୋକମାନେ ଏହି ପର୍ବରେ ସାମିଲ ହୋଇଥିଲେ । କିଛି ହିନ୍ଦୁମାନେ ମସଜିଦ ଆଗରେ ଲସି ସର୍ବତ ଆଦି ବାଣ୍ଟୁଥିଲେ । ଏହି ଭାଇଚାରା ପରମ୍ପରା କେବଳ କଟକରେ ହିଁ ଦେଖିବାକୁ ମିଳିଥାଏ । ହିନ୍ଦୁମାନେ ମୁସଲିମ ଶ୍ରଦ୍ଧାଳୁମାନଙ୍କୁ ସର୍ବତ ଦେଇଥିଲେ । ସେମାନେ ମଧ୍ୟ ହିନ୍ଦୁମାନଙ୍କ ହାତରୁ ବେଶ ଖୁସିର ସହ ସର୍ବତ ପିଇଥିଲେ । ତେବେ କଟକ ସବୁବେଳେ ଭାଇଚାରାର ଉଦାହରଣ ସୃଷ୍ଟି କରିଥାଏ ବୋଲି ଇଦଘା ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ରାମଜାନ ଖାନ୍ କହିଛନ୍ତି । ଏହି ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଶନେଟ ପୋଲିସ ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଥିଲା । ଏହି ଅବସରରେ ଟ୍ରାଫିକ ନିୟନ୍ତ୍ରଣ ତଥା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ବାଇକ୍ ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି କରାଯାଇଛି । ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ପୋଲିସ କଡ଼ା ନଜର ରଖିଥିବା କହିଛନ୍ତି କଟକ ଡିସିପି ଋଷିକେଶ ଡି ଖିଲାରୀ ।

## ଏଣିକି ପଞ୍ଚାୟତରୁ ସଚିବାଳୟ, ସବୁଠି ଦୌଡ଼ିବ ଇଲେକ୍ଟ୍ରିକ୍ ଗାଡି

ଭୁବନେଶ୍ୱର: ଓଡ଼ିଶାରେ ସରକାରୀ ପରିବହନ ବ୍ୟବସ୍ଥାରେ ଆସିବାକୁ ଯାଉଛି ବଡ଼ ପରିବର୍ତ୍ତନ। ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ତହସିଲ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଏଣିକି ଇଲେକ୍ଟ୍ରିକ୍ ଭେହିକଲ୍ (ଇଭି) ବ୍ୟବହାରକୁ ପ୍ରାଥମିକତା ଦିଆଯିବ। ସରକାରୀ କାର୍ଯ୍ୟ ପାଇଁ ଭଡ଼ାରେ ନିଆଯାଉଥିବା ନୂଆ ଡିଜେଲ ଓ ପେଟ୍ରୋଲ ଚାଳିତ ଗାଡ଼ି ଆଉ ବ୍ୟବହାର ହେବ ନାହିଁ। ଏହା ପରିବର୍ତ୍ତେ ଇଭି ଗାଡ଼ି ହେବ ସରକାରଙ୍କ ନୂଆ ପସନ୍ଦ।ଓଡ଼ିଶା ଏବେ ଗ୍ରୀନ୍ ମୋବିଲିଟି ଦିଗରେ ଦୃଢ଼ ପଦକ୍ଷେପ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ଗ୍ରୀନ୍ ଗଭର୍ଣ୍ଣାନ୍ସ ଭିଜନ୍‌କୁ ଆଗକୁ ନେଇ ରାଜ୍ୟ ପରିବହନ ବିଭାଗ ଏହି ଦିଗରେ ଠୋସ୍ ପଦକ୍ଷେପ ନେଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ କମିଟି ଗଠନ କରାଯାଇଛି। କମିଟି ୨୪ ପ୍ରକାରର ଇଭି ଗାଡ଼ି ପାଇଁ ମାସିକ ଭଡ଼ା ନିର୍ଦ୍ଧାରଣ କରି ସରକାରୀ ଅନୁମୋଦନ ମଧ୍ୟ ହାସଲ କରିଛି।ସରକାରଙ୍କ ନୂଆ ନୀତି ଅନୁସାରେ, ଯେଉଁଠାରେ ଇଭି ଚାର୍ଜିଂ ଭିତ୍ତିଭୂମି ଉପଲବ୍ଧ ଅଛି ସେଠାରେ ଇଭି ବ୍ୟବହାର ବାଧ୍ୟତାମୂଳକ ହେବ। ହେଲେ କେତେକ ଦୁର୍ଗମ କିମ୍ବା ବିଶେଷ ପରିସ୍ଥିତିରେ ପେଟ୍ରୋଲ କିମ୍ବା ଡିଜେଲ ଗାଡ଼ିର ଆବଶ୍ୟକତା ପଡ଼ିଲେ ଉଚ୍ଚସ୍ତରୀୟ କମିଟି ଏହା ଉପରେ ନିଷ୍ପତ୍ତି ନେବ।ବର୍ତ୍ତମାନ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ପ୍ରାୟ ୩,୫୦୦ ଡିଜେଲ ଓ ପେଟ୍ରୋଲ ଗାଡ଼ି ଭଡ଼ାରେ ବ୍ୟବହାର କରୁଛନ୍ତି। ଏହି ଗାଡ଼ିଗୁଡ଼ିକର ପଞ୍ଜିକରଣ ଅବଧି ଶେଷ ହେବା ପରେ ପର୍ଯ୍ୟାୟକ୍ରମେ ସେମାନଙ୍କ ସ୍ଥାନରେ ଇଭି ଗାଡ଼ି ନିୟୋଜିତ ହେବ। ଏହା ଦ୍ୱାରା ଇନ୍ଧନ ବାବଦରେ ସରକାରଙ୍କ ବ୍ୟୟ ହ୍ରାସ ପାଇବା ସହ ପରିବେଶ ପ୍ରଦୂଷଣ ମଧ୍ୟ ଅନେକାଂଶରେ କମିବ।

# ଅସରପାକୁ ହାଲୁକାରେ ନିଅନି

ଭୁବନେଶ୍ୱର, ୨୮।୫: ଅସରପା ପ୍ରତି ହେୟଜ୍ଞାନ କରି ଆସିଛି ମଣିଷ ସମାଜ ଯଦି ଏହି ପ୍ରାଣୀଟି ଅଧିକାଂଶ ମହିଳାଙ୍କ ମନରେ ଭୀତିସଞ୍ଚାର କରି ନଥାନ୍ତା କିମ୍ବା ଅସରପା ରହିଲେ, ସମ୍ପତ୍ତି ବୃଦ୍ଧି ହେବାର ଗୋଟିଏ ଅନ୍ଧ ବିଶ୍ୱାସ କିଛି ଲୋକଙ୍କ ମନଗହନରେ ବସାବାନ୍ଧି ନଥାନ୍ତା, ହୁଏତ ଚୀନବାସୀଙ୍କ ଭଳି ଭାରତରେ ମଧ୍ୟ ଅସରପା ଏକ ଆମିଷ ଖାଦ୍ୟ ତାଲିକାରେ ଥାଆନ୍ତା ଯାହାହେଉ, ଆଜି ବି ଅସରପାକୁ ଆମେ ଭାରତବାସୀ ଅପରିଷ୍କାର ନାଳ-ନର୍ଦ୍ଦମାରେ ବାସକରି ଆସୁଥିବା ଅନିଷ୍ଟକାରୀ କୀଟ ବା ପତଙ୍ଗଭାବେ ଦେଖି ଆସିଛୁ ସାମାଜିକ ଗଣମାଧ୍ୟମ ମଞ୍ଚରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନାମରେ ଏକ ଦଳର ଆବିର୍ଭାବ ଘଟିନଥିଲେ ଏହି ଅସରପା ଜୀବଟି ଆଜି ଯେପରି ସମ୍ମାନଜନକ ପ୍ରାଣୀର ମାନ୍ୟତା ସହିତ ବହୁଚର୍ଚ୍ଚିତ ହୋଇ ପାରିଛି, ତାହା ସମ୍ଭବ ହୋଇ ନଥାନ୍ତା ସମ୍ମାନଜନକ ପ୍ରାଣୀର ମାନ୍ୟତା ପ୍ରମାଣ ହେଲା ଯେ, ସିଜେପି ତିନି ଦିନର ଶିଶୁ ହେଲା ବେଳକୁ ତାହାର ଫଲୋଅର୍ସ୍ ବା ଅନୁଗାମୀମାନଙ୍କ ସଂଖ୍ୟା ଛୁଇଁଥିଲା ପ୍ରାୟ ଦୁଇକୋଟି। ଏହି ସଂଖ୍ୟା ଏଭଳି ନିରନ୍ତର ଭାବେ ବଢିଚାଲିଲା ଯେ, କୋଭିଡ଼-୧୯ ସଂକ୍ରମଣ ତାହା ନିକଟରେ ହାର ମାନିଯିବ

ଏଭଳି କୌତୁହଳପ୍ରଦ ଭାରତୀୟ ନାମଧାରୀ ଦଳଟିଏ ଆମେରିକା ମାଟିରେ ଗଢି ଉଠିବା ପଛର କାହାଣୀ ମଧ୍ୟ ରୋଚକ ୨୦୨୬ ମସିହା ମଇ ମାସ ୧୫ ତାରିଖରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି କରୁଥାଆନ୍ତି ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତୀ ସୂର୍ଯ୍ୟକାନ୍ତ ସେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବରିଷ୍ଠ ଅଧିବକ୍ତା ମାନ୍ୟତା ପ୍ରଦାନରେ ତ୍ରୁଟିଦର୍ଶାଇ ଆଗତ ହୋଇଥିବା ଅଦାଲତ ଅବମାନନା ମାମଲାଟିର ବିଚାର କରୁ ଥାଆନ୍ତି ଏହି ମାମଲାଟି ତୃତୀୟ ଥରପାଇଁ ବିଚାର ହେଉଥାଏ ଏବଂ ଜବାବ ସୁଆଲ୍ ସରଗରମ ଥାଏ ଦିଲ୍ଲୀର ବିଚାରାଳୟମାନଙ୍କରେ ନକଲି ଡିଗ୍ରୀ ଓ ପ୍ରମାଣପତ୍ରଧାରୀ ଓକିଲଙ୍କ ଉପସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରି ନ୍ୟାୟମୂର୍ତ୍ତୀ ସୂର୍ଯ୍ୟକାନ୍ତ ମୌଖିକ ମନ୍ତବ୍ୟଟିଏ ରଖିଥିଲେ ସେଥିରେ ସେ କହିଥିଲେ ଯେ, ବ୍ୟବସ୍ଥାକୁ 'ସମାଜର ପରଜୀବୀମାନେ' ଆକ୍ରମଣ କରନ୍ତି କିଛି ବେକାର ତରୁଣଙ୍କୁ 'ଅସରପା' ଏବଂ 'ପରଜୀବୀ'ଭାବେ ବର୍ଣ୍ଣନା କରି ସେ ମୌଖିକ ଅଭିସଂପାତ ଭରା ମନ୍ତବ୍ୟ ଦେଲେ ଯେ, ଏହି ବର୍ଗରୁ କିଛି ଗଣମାଧ୍ୟମ, କିଛି ସାମାଜିକ ଗଣମାଧ୍ୟମ ଏବଂ କିଛି ସୂଚନା ଅଧିକାର କର୍ମୀ ଭାବେ ବ୍ୟବସ୍ଥାକୁ ଆକ୍ରମଣ କରନ୍ତି ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବାରୁ ଏହାର ଦିନକ ପରେ, ନ୍ୟାୟମୂର୍ତ୍ତୀ ସୂର୍ଯ୍ୟକାନ୍ତ ସ୍ପଷ୍ଟୀକରଣ ଦେଲେ ଯେ, ତାଙ୍କର ଟିପ୍ପଣୀ ସାଧାରଣ ଯୁବପିଢି ଉଦ୍ଦେଶ୍ୟରେ ନଥିଲା, ବରଂ କେବଳ ଜାଲିଆତି ଓ ନକଲି ଡିଗ୍ରୀ ବ୍ୟବହାର କରି ଓକିଲାତି ବୃତ୍ତିରେ ପ୍ରବେଶ କରୁଥିବା ତରୁଣବର୍ଗ ଉଦ୍ଦେଶ୍ୟରେ ଥିଲା ତଥାପି, ଜନ-ପ୍ରତିକ୍ରିୟାର ତୀବ୍ରତା କମିବା ବଦଳରେ ପରିଣାମ ସ୍ୱରୂପ ବ୍ୟଙ୍ଗାତ୍ମକ ଡିଜିଟାଲ୍ ଆନ୍ଦୋଳନ 'ସିଜେପି'ର ଭିତ୍ତି ପଡିଲା ଆମେରିକାର ବୋଷ୍ଟନ୍ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ଆମ ଆଦମୀ ପାର୍ଟି (ଏଏପି)ର ପୂର୍ବତନ ସୋସିଆଲ ମିଡିଆ ସ୍ୱେଚ୍ଛାସେବୀ ରହିଥିବା ୩୦ ବର୍ଷୀୟ ଅଭିଜିତ ଦୀପକେ ହେଉଛନ୍ତି ଏହି ବ୍ୟଙ୍ଗାତ୍ମକ ଡିଜିଟାଲ୍ ଆନ୍ଦୋଳନର ଜନକ। ପ୍ରତିଷ୍ଠା ପାଇବା ପରଠାରୁ ଏହି ଦଳ କେବଳ ଇନଷ୍ଟାଗ୍ରାମରେ ଦେଢ କୋଟିରୁ ଅଧିକ ଅନୁଗାମୀଙ୍କୁ ସଂଗ୍ରହ କରିସାରିଛି । ଦଳ ଦାବି କରିଛି ଯେ, ପ୍ରତିଷ୍ଠା ପରଠାରୁ ଏକ ଲକ୍ଷରୁ ଅଧିକ ଲୋକ ଏହିଦଳରେ ଯୋଗ ଦେଇଛନ୍ତି । ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା ଏବଂ କୀର୍ତ୍ତି ଆଜାଦଙ୍କ ଭଳି ପ୍ରମୁଖ ନାମଗୁଡ଼ିକୁ ମଧ୍ୟ ଦଳରେ ସାମିଲ କରାଯାଇଛି । ସିଜେପି ଏବେ ନିଜସ୍ୱ ସମ୍ବିଧାନ, ୱେବସାଇଟ୍, କୃତ୍ରିମବୁଦ୍ଧିମତା ଦ୍ୱାରା ପ୍ରସ୍ତୁତ ଜାତୀୟ ସଙ୍ଗୀତ ସହିତ ଏକ ଆନୁଷ୍ଠାନିକ ଘୋଷଣାପତ୍ର ମଧ୍ୟ ଜାରି କରି ସାରିଛି। ମନେ ହେଉଛି, ସତେ ଯେମିତି, ସବୁ କିଛି ବହୁ ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା ଏବଂ ଅପେକ୍ଷା କରାଯାଇଥିଲା ସୁଯୋଗକୁ ନ୍ୟାୟମୂର୍ତ୍ତୀ ସୂର୍ଯ୍ୟକାନ୍ତଙ୍କ ମୌଖିକ ମନ୍ତବ୍ୟକୁ ଉପଯୁକ୍ତ ସୁଯୋଗ ମଣି ସିଜେପି ଜନ୍ମନେଇଗଲା ସିଜେପି ଦଳର ସମ୍ବିଧାନରେ ସଦସ୍ୟତା,ଲକ୍ଷ ଓ ଉଦ୍ଦେଶ୍ୟ, ଇସ୍ତାହାର ଇତ୍ୟାଦି ଦଳର ୱେବସାଇଟରେ ବର୍ଣ୍ଣନା କରାଯାଇଛି ।ସଦସ୍ୟତା ପାଇଁ ଆବଶ୍ୟକୀୟ ଯୋଗ୍ୟତା ହେଲା -ବେରୋଜଗାର, ଅଳସୁଆ, ଇଣ୍ଟରନେଟରେ ନିରନ୍ତର ସକ୍ରିୟ ଏବଂ ବୃତ୍ତିଗତ ଭାବେ କ୍ରୋଧ ପ୍ରକାଶ କରିବାକୁ ସକ୍ଷମ ଥିବା ମଣିଷ। ଇସ୍ତାହାରରେ କୁହାଯାଇଛି ଯେ,ଅବସର ନେବାପରେ ମୁଖ୍ୟ ବିଚାରପତି ରାଜ୍ୟସଭା ସାଂସଦହେବେ ନାହିଁ, କୌଣସି ବୈଧ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଆତଙ୍କବାଦୀ ମନେକରାଯିବ।ମହିଳାମାନଙ୍କୁ ଆସନରେ ପ୍ରାର୍ଥୀ ହେବା ତଥା ମନ୍ତ୍ରୀମଣ୍ଡଳରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ । ସ୍ୱାଧୀନ ଗଣମାଧ୍ୟମ ପାଇଁ ପଥ ପ୍ରଶସ୍ତ କରିବା ଏବଂ ଗୋଦି ମିଡିଆ ସାମ୍ବାଦିକଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ତଦନ୍ତ। ଜନପ୍ରତିନିଧିମାନେ ଦଳବଦଳ କଲେ, ୨୦ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ବାସନ୍ଦ।ଏହାର ନିର୍ବାଚନ ପ୍ରତୀକ ହେଉଛି ଏକ କକ୍ରୋଚ ବା ଅସରପା, ଯିଏ ଏକ ପ୍ରତିକୂଳ ସାମାଜିକ ଏବଂ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ବଞ୍ଚିବା ଏବଂ ଜୀବିତ ରହିବା ପାଇଁ ସଂଘର୍ଷ ପାଇଁ ପ୍ରସ୍ତୁତ। ଯଦିଓ, ଏହା ଏକ ଅଣରାଜନୈତିକ ଦଳ ଭାବେ ବିଦ୍ରୁପ ଓ କଟାକ୍ଷକୁ ପୁଞ୍ଜିକରି ବ୍ୟବସ୍ଥାକୁ ସଜାଡିବର ଲକ୍ଷ ରଖିଥାଇପାରେ, ତଥାପି ଅନୁଗାମୀଙ୍କ ଆଗ୍ରହ ବଢିଲେ ଏହାଯେ ଏକ ସଂଗଠିତ ରାଜନୈତିକ ଦଳର ରୂପ ଧାରଣ ନକରିବ, ଏଭଳି ସମ୍ଭାବନାକୁ ଏଡାଇ ଦିଆଯିବା ଅନୁଚିତ ଅତୀତରେ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିରୁ ଜାତ 'ଜନତା ଦଳ', ଆନ୍ନା ହଜାରେଙ୍କଆନ୍ଦୋଳନରୁ ସୃଷ୍ଟ 'ଆମ ଆଦମୀ ପାର୍ଟି' ଭାରତରେ ରାଜନୈତିକ ଭୂକମ୍ପ ସୃଷ୍ଟି କରିବା ଭଳି ଯେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ସୁନାମୀ ସୃଷ୍ଟି କରିବ ନାହିଁ, ତାହା କେହି ଆକଳନ କରିବା ସମ୍ଭବ ନୁହେଁ କୋଭିଡ଼ ପରବର୍ତ୍ତି ବିଶ୍ୱ ଦେଖିଛି, କ୍ଷମତା ପରିବର୍ତ୍ତନ ପାକିସ୍ତାନ, ଶ୍ରୀଲଙ୍କା, ବଂଲାଦେଶ, ନେପାଳ ଠାରୁ ଆରମ୍ଭ କରି ଆମେରିକା ଓ ଇଂଲଣ୍ଡସମେତ ସମସ୍ତ ଗାଣତାନ୍ତ୍ରିକ ରାଷ୍ଟ୍ରରେ ଶାସକ ବଦଳିଛନ୍ତି, କେବଳ ଭାରତକୁ ଛାଡି ଆଧୁନିକ ଯୁବପିଢି ହିଁ ଏହି ପରିବର୍ତ୍ତନ ସମ୍ଭବ କରିଛନ୍ତି ଏଣୁ, ବିଶାଳ ସଂଖ୍ୟକ ଅସନ୍ତୁଷ୍ଟ ଭାରତୀୟ, ଅସରପା ପରିଚୟ ନେଇ ଏକ ବ୍ୟବସ୍ଥା ପ୍ରତିବାଦୀ ମଞ୍ଚରେ ଯେଭଳି ଭାବେ ଏକତ୍ରିତ ହେଉଛନ୍ତି, ତାହାକୁ କୌଣସି ରାଜ୍ୟ ଏବଂ କେନ୍ଦ୍ର ସରକାର ହେୟ ମନେକରି ପାରିବେନି ଅତ୍ୟନ୍ତ ବିଶାଳ ସଂଖ୍ୟକ ଅସନ୍ତୁଷ୍ଟ ଭାରତୀୟ, କକ୍ରୋଚ୍ ବା ଅସରପା ଭଳି ଚଢେଇରେ ଗଣାଯାଉ ନଥିବା ଏକ କୀଟର ପରିଚିତି ନେଇ ଏକ ବ୍ୟବସ୍ଥା-ପ୍ରତିବାଦୀ ମଞ୍ଚରେ ଏକଜୁଟ ହୋଇଛନ୍ତି ଏମାନେ, ପ୍ରଚଳିତ ଶାସନ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ଢଙ୍ଗରେ ତ୍ୟାଜ୍ୟ, ଦଣ୍ଡିତ, ସୀମାନ୍ତରିତ ହୋଇଥିବା ସତ୍ତ୍ୱେ ନିରବରେ ଅସରପା ସଦୃଶ କୌଣସିମତେ ତିଷ୍ଠି ରହି ପାରିଛନ୍ତି ମହାବିପତ୍ତି ଓ ପରମାଣୁ ବିକିରଣକୁ ସହ୍ୟକରି ବଂଚି ରହିବାର ଅଦ୍ଭୁତ କ୍ଷମତାର ଅଧିକାରୀ ହେଉଛନ୍ତି ଅସରପା ସମଗ୍ର ବିଶ୍ୱରେ ପ୍ରାୟ ୪,୫୦୦ରୁ ଅଧିକ ପ୍ରଜାତିର ଅସରପା ଦେଖା ଯାଆନ୍ତି ଯାହା ମଧ୍ୟରୁ ୩.୮ ପ୍ରତିଶତ ଅର୍ଥାତ୍ ୧୯୦ ପ୍ରଜାତିର ଅସରପା ଭାରତରେ ଦେଖିବାକୁ ମିଳନ୍ତି ତେବେ, ମଜାକଥା ଯେ, ସବୁଠୁ ଅଧିକ ଅସରପା ପ୍ରଜାତି ଦେଖା ଯାଆନ୍ତି ତମିଲନାଡୁ ଓ ପଶ୍ଚିମ ବଙ୍ଗରେ ଜଣେ ମଣିଷ ବା ପଶୁପକ୍ଷୀର ମୁଣ୍ଡକୁ କାଟିଦେଲେ, ସେ ମୃତ୍ୟୁମୁଖରେ ପଡୁଥିଲା ବେଳେ, ମୁଣ୍ଡଚ୍ୟୁତଅସରପା ପ୍ରାୟ ଦୁଇ ସପ୍ତାହ ବଞ୍ଚି ରହିପାରେ ଏମାନେ, ବିନା ଜଳ ଓ ଖାଦ୍ୟରେ ଅନ୍ତତଃ ଏକ ସପ୍ତାହ ଜୀବିତ ରହି ପାରନ୍ତି ନିଜ ଶରୀର ଓଜନର ୯୦୦ ଗୁଣ ଭାର ସହ୍ୟ କରି ପାରନ୍ତି ଏବଂ ବିଶ୍ୱର ସର୍ବଶ୍ରେଷ୍ଠ ଧାବକ ୯.୫୮ସେକେଣ୍ଡରେ ୧୦୦ ମିଟର ଦୌଡି ପାରୁଥିଲା ବେଳେ, ଅସରପାମାନେ ଏହି ରେକର୍ଡ଼କୁ ବହୁ ପଛରେ ପକାଇବାକୁ ସକ୍ଷମ ଏହି ସମୟ ମଧ୍ୟରେ ଗୋଟିଏ ଅସରପା ୮୫୦ ମିଟର ଦୌଡିବାର କ୍ଷମତା ରଖେ

ଗଣତନ୍ତ୍ରରେ ବ୍ୟବସ୍ଥାକୁ ପ୍ରଶ୍ନ କରିବାର ଅଧିକାର ସମସ୍ତଙ୍କର ରହିଛି ଯେତେବେଳେ, ବ୍ୟବସ୍ଥା ନିଜକୁ ନାଗରିକମାନଙ୍କଠାରୁ ସ୍ୱତନ୍ତ୍ର ଓ ଭିନ୍ନ ମନେକରି ନାଗରିକମାନଙ୍କୁ କଟାକ୍ଷ କରିବା ଆରମ୍ଭ କରେ, ସେତେବେଳେ ସାଧାରଣ ଜନତାଙ୍କ ପ୍ରଶ୍ନ ମଧ୍ୟ ଅନୁରୂପ କଟାକ୍ଷ ମଧ୍ୟରୁ ହିଁ ଜନ୍ମନିଏ ନିଜକୁ ଏଭଳି କଟାକ୍ଷ କରାଯାଉଥିଲେ ବି ଏହା ଭିତରୁ ବାରିହୋଇପଡେ ପୁଞ୍ଜିଭୂତ କ୍ଷୋଭ, ଅସନ୍ତୋଷ, ଅସ୍ୱସ୍ତି ଓ କ୍ରୋଧ ଏହିସାଧାରଣ ଜନତାଙ୍କ ମଧ୍ୟରୁ ସବୁବେଳେ ଆଗରେ ରହି ଆସିଛନ୍ତି ଯୁବପିଢି, ଯାହାକୁ ଆମେ ଆଜି କହୁଛେ ଜେନ ଜି ବା ଜେନ୍ ଜେଡ୍ ସିଜେପିରଆବିର୍ଭାବ ସହିତ ଲୋକ, ବିଶେଷ କରି ଯୁବପିଢିଙ୍କ ମନରେ ବିପୁଳ ଚାଞ୍ଚଲ୍ୟ, କୌତୂହଳ, ଆଶା ଓ ଆଶଙ୍କା ଦୃଷ୍ଟିଗୋଚର ହେଉଛି ଭବିଷ୍ୟତ କହିବ ଯେ, ଏହା ପ୍ରାରମ୍ଭିକ ଉଚ୍ଚାଟର ଆରୋହଣ ପରି ଅବରୋହଣର ସମ୍ମୁଖୀନ ହେବ ନା, ଦୀର୍ଘଜୀବୀ ହେବ ।

ବହୁଦିନରୁ ଶୁଣିଆସୁଥିବା ଏକ ଲଘୁ କାହାଣୀକହୁଛି, ଯାହା ଅନେକେ ପୂର୍ବରୁ ଶୁଣିଥିବେ ଅସ୍ତ୍ରୋପଚାର ଗୃହରେ ଜଣେ ଲୋକର ମସ୍ତିଷ୍କ ଭୁଲ ବଶତଃ ରହିଯାଇଥିଲା ରୋଗୀମାନେ ଘରକୁ ଚାଲିଗଲେ ଓ ନିଜ ନିଜର କାମରେ ଲାଗିଗଲେ ଡାକ୍ତରଖାନା ପକ୍ଷରୁ ମସ୍ତିଷ୍କଟିକୁ ସାଇତି ରଖାଯାଇ, ସେଦିନ ଯେଉଁ ମାନଙ୍କର ମୁଣ୍ଡରେ ଅସ୍ତ୍ରୋପଚାର କରାଯାଇଥିଲା, ସମସ୍ତଙ୍କ ସହ ଯୋଗାଯୋଗ କରା ଯାଉଥିଲା

ଶେଷରେ ମସ୍ତିଷ୍କର ମାଲିକଙ୍କ ସହିତ ଯୋଗାଯୋଗ ସମ୍ଭବ ହେଲା ବିନା ମୂଲ୍ୟରେ ଏବଂ କ୍ଷତିପୂରଣ ପ୍ରଦାନ କରାଯାଇ, ମସ୍ତିଷ୍କଟିକୁ ପୁନଃସ୍ଥାପନ କରିବାର ପ୍ରସ୍ତାବ ଦିଆଗଲା ବିନମ୍ରତାର ସହିତ ଭଦ୍ରବ୍ୟକ୍ତି ଜଣକ ପ୍ରସ୍ତାବରେ ଅସହମତ ହୋଇ କହିଲେ ଯେ, ତାଙ୍କ ପାଇଁ ମସ୍ତିଷ୍କ ଏକ ଅଦରକାରୀ ଶାରୀରିକ ଅଂଶ ସେ ଅମୁକ ସଂସ୍ଥାର ଜଣେ କର୍ମଚାରୀ ହୋଇ ଥିବାରୁ ବିନା ମସ୍ତିଷ୍କରେ ଆରାମରେ ଚଳି ପାରୁଛନ୍ତି ଏହି ପୁରୁଣା ଲଘୁ କାହାଣୀକୁ ପ୍ରଚଳିତ କାଳରେ କୁହାଗଲେ, ଏମିତି ଉତ୍ତର ମିଳିବ : ''ମୁଁ ଜଣେ ଅସରପା ହୋଇ ଥିବାରୁ ମସ୍ତକକୁ ମଧ୍ୟ ଅନାବଶ୍ୟକ ମଣେ ଡରୁଆ ଏବଂ ମହିଳାଙ୍କୁ ଡରାଇବାରେ ଆମର ଆନନ୍ଦ, ଏହା ଆମର ଲକ୍ଷ ସୋଲେ ଚଳଚିତ୍ରରେ ଗବ୍ବର ସିଂ କହିଲା ପରି, ଯୋ ଡର ଗୟା, ସମଝୋ ମର ଗୟା !'' ଏହି କଥାଟିକୁ ଏଠାରେ ଉଲ୍ଲେଖ କରିବାର କାରଣ ହେଲା ଯେ, ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହେଉଥିବା ଯୋଦ୍ଧାଙ୍କ ଉପରେ ଲୋକ ଭରସା କରନ୍ତି, ଅସରପା ଭଳି ଲୁଚି ଯାଉଥିବା ଆକ୍ରମଣକାରୀଙ୍କ ଉପରେ ନୁହେଁ ଯେତେବେଳେ ମସ୍ତକଚ୍ୟୁତ ଅସରପାର ମୃତ୍ୟୁ କିଛି ସପ୍ତାହ ପରେ ଅବଧାରିତ, ନିଜକୁ ଅସରପା କହୁଥିବା ବିପ୍ଳବୀଙ୍କ ଉପରେ ଲୋକମାନେ ଭରସା କରିବେ କେଉଁ ଖୁସିରେ !

ଭାରତ ସରକାର ପ୍ରଥମେ 'କକ୍ରୋଚ୍ ଜନତା ପାର୍ଟି'ର ଏକ୍ସ ଆକାଉଣ୍ଟ ବନ୍ଦ କରିଦେଇଥିଲେ। ଏବେ ସିଜେପି'ର ୱେବସାଇଟ୍କୁ ବନ୍ଦ କରିଦେଇଛନ୍ତି। ଏସବୁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ଦମନକାରୀ ପଦକ୍ଷେପ କିନ୍ତୁ ଗଣତନ୍ତ୍ରରେ ଶାସନର ଡୋରି ଧରିଥିବା ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଜାଣି ରଖିବା ଦରକାର ଯେ, ପୀଡା ଓ ହତାଶାକୁ ସହି ଚାଲିଥିବା ଅସଂଖ୍ୟ ଭାରତୀୟଙ୍କମର୍ମସ୍ଥଳକୁ 'କକ୍ରୋଚ' ସମ୍ବୋଧନ ଦାରୁଣ ଭାବେ ବିଦ୍ଧ କରିଛି ଲଘୁ ମନ୍ତବ୍ୟ ରୂପରେ ଏଭଳି ଉପମା ମୁଖ୍ୟ ନ୍ୟାୟାଧୀଶଙ୍କ ଠାରୁ ଆରମ୍ଭ କରି ବ୍ୟବସ୍ଥାର ଶୀର୍ଷ ବ୍ୟକ୍ତିତ୍ୱଙ୍କନିକଟରୁ ଆଶାକରାଯାଏ ନାହିଁ କ୍ଷମତା ଆଶାୟୀ ରାଜନୈତିକ ଦଳମାନଙ୍କୁ ପୀଡା ଓ ହତାଶା ଜର୍ଜରିତ ଭାରତୀୟଙ୍କଆଶାନୁରୂପ ଶାସନ ବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାକୁ ପଡିବ ସିଜେପି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବିରୁଦ୍ଧରେ ଅଭିପ୍ରେତ ନୁହେଁ ବ୍ୟବସ୍ଥାରେ ସୁଧାର ନହେଲେ, ବଞ୍ଚିରହିବା ପାଇଁ ପ୍ରାଣ ବିକଳରେ ପଳାୟନକରି ଲୁଚିଯିବାରେ ଅଭ୍ୟସ୍ତ ଅସରପାମାନେ କୋଟି କୋଟି ସଂଖ୍ୟାରେ ସଂଗଠିତ ହୋଇ ସମ୍ମିଳିତ ବିଦ୍ରୋହକଲେ, ଦେଶକୁ ବହୁମୂଲ୍ୟ ଦେବାକୁ ପଡିବ ସିଜେପିକୁ ଅଣଦେଖା ନକରି, ସେମାନଙ୍କ ସ୍ୱର ଯେତେ ଅସ୍ପଷ୍ଟ ହେଲେ ମଧ୍ୟ ଶୁଣିବାକୁ ହେବ ଅସରପା ଗୋଟେ ଚଢେଇ ନ ହେଲେ ବି ଆଜିର ଡିଜିଟାଲ୍ ଯୁଗରେ ସେମାନଙ୍କ ସମ୍ମିଳିତ ସ୍ୱରର ତୀବ୍ରତା କାଳ ଭୈରବ ରଡି ଅପେକ୍ଷା ଅଧିକ ତୀବ୍ର ଓ ଭୟାନକ, ତାହା ରାଜନେତାମାନେ ସମ୍ଭବତଃ ବୁଝି ସାରିବେଣି

## ୱାଣ୍ଡରଲା ପାର୍କକୁ ଏନଜିଟି ଛାଟ: ଜଙ୍ଗଲ ଜମିରେ ବେଆଇନ ନିର୍ମାଣର ତଦନ୍ତ କରିବ ଯୁଗ୍ମ କମିଟି

ଭୁବନେଶ୍ୱର, ୨୮।୫: ୱାଣ୍ଡରଲା ହଲିଡେଜ୍ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧାରେ ପରିଚାଳିତ ୱାଣ୍ଡରଲା ପାର୍କକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ଙ୍କ ନୋଟିସ୍। ଜଙ୍ଗଲ ଜମି ଜବରଦଖଲ ଓ ବେଆଇନ ନିର୍ମାଣ ଅଭିଯୋଗରେ ଏନଜିଟି ନୋଟିସ୍ ଜାରି କରିବା ସହ ଏହାର ତଦନ୍ତ ପାଇଁ ଏକ ଯୁଗ୍ମ କମିଟି ଗଠନ କରିଛନ୍ତି। ୪ସପ୍ତାହ ସୁଦ୍ଧା ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଖୋର୍ଦ୍ଧାଠାରେ ପରିଚାଳିତ ୱଣ୍ଡରଲା ପାର୍କ ତାକୁ ଆବଂଟିତ ସରକାରୀ ଜମି ପାଖରେ ଥିବା ପ୍ରାୟ ୧.୮୬୦ଏକର ପରିମିତ ଜଙ୍ଗଲ ଜମିକୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ବେଆଇନ ଭାବେ ଦଖଲ କରି ରହିଥିବା ନେଇ ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ ଏନଜିଟିଙ୍କ




ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ରିପୋର୍ଟ ଆଧାରରେ ଆବେଦନକାରୀଙ୍କ ଓକିଲ ଅଖଣ୍ଡ ଯୁକ୍ତି ଦର୍ଶାଇଥିଲେ ଯେ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହି। ୨୦୨୬ ମଇ ୨୧ତାରିଖରେ ଏନଜିଟିଙ୍କ କୋଲକାତାସ୍ଥିତ ପୂର୍ବ ଜୋନ୍ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ଶିବକୁମାର ସିଂ ଓ ବିଶେଷଜ୍ଞ ସଦସ୍ୟ ଈଶ୍ୱର ସିଂ ଏହି ଅଭିଯୋଗର ସତ୍ୟାସତ୍ୟ ପରଖିବା ପାଇଁ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ), ଖୋର୍ଦ୍ଧା ଜିଲ୍ଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଜଣେ ପ୍ରତିନିଧିଙ୍କୁ ନେଇ ଏକ ସ୍ୱତନ୍ତ୍ର ଯୁଗ୍ମ କମିଟି ଗଠନ କରିଛନ୍ତି।

ଏହି କମିଟିକୁ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ୪ସପ୍ତାହ ମଧ୍ୟରେ ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟ ପାଇଁ ସମନ୍ୱୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କୁହାଯାଇଛି। ଆବେଦନକାରୀ ଶ୍ରୀ ସାମନ୍ତରାୟଙ୍କୁ ମଧ୍ୟ ଏକ ସପ୍ତାହ ମଧ୍ୟରେ ଆବେଦନପତ୍ରର ନକଲ ଓ ଦସ୍ତାବିଜକୁ କମିଟି ଏବଂ ବିରୋଧୀ ପକ୍ଷଙ୍କୁ ପ୍ରଦାନ କରି ଏକ ସତ୍ୟପାଠ ଦାଖଲ ପାଇଁ କୁହାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୧ତାରିଖରେ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda